NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
13 FEBRUARY 2026
ଶୁକ୍ରବାର
୧୩ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 268 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୬୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ରତ୍ନଭଣ୍ଡାର ଗଣତି ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ୩ ମାସରେ ଶେଷ କର

**କଟକ,୧୨।୨/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣା ଓ ମହାପ୍ରଭୁଙ୍କ ଦୁର୍ଲଭ ଅଳଙ୍କାରର ତାଲିକା ପ୍ରସ୍ତୁତି କରିବା ପାଇଁ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ୩ ମାସ ମଧ୍ୟରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ଶେଷ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭା ଅଧିବେଶନରେ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ଉପସ୍ଥାପନ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ସୂଚନାଥାଉକି ୨୦୧୮ ମସିହାରେ ଚାବି ହଜିଥିବା ବେଳେ ତଦନ୍ତ ନେଇ ରାଜ୍ୟ ସରକାର ହାଇକୋର୍ଟର ପୂର୍ବତନ ବିଚାରପତି ରଘୁବୀର ଦାସଙ୍କୁ ନେଇ ଏକ କମିଶନ ଗଠନ କରିଥିଲେ। କମିଶନ ମଧ୍ୟ ଘଟଣାର ତଦନ୍ତ କରି ରାଜ୍ୟ



**ଚାବି ହଜିବା ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବାକୁ ଆଦେଶ**

ସରକାରଙ୍କୁ ଏହାର ରିପୋର୍ଟ ପ୍ରଦାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ରତ୍ନଭଣ୍ଡାର ମରାମତି କରିବା ସହ ମହାପ୍ରଭୁଙ୍କ ଦୁର୍ଲଭ ଅଳଙ୍କାରର ତାଲିକା ପ୍ରସ୍ତୁତି ପାଇଁ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ରୁଜୁ ▶▶ ୫

# ପ୍ରକାଶ ପାଇଲା ଓଟିଇଟି ରେଜଲ୍ଟ

**କଟକ,୧୨।୨/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି-୨୦୨୫ର ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ପାସ୍ ହାର ୬୮.୯୭% ରହିଛି। ଅପରାହ୍ଣ ୨ଟାରୁ ରେଜଲ୍ଟ ବୋର୍ଡ଼ ୱେବ୍‌ସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନରେ ଉପଲବ୍ଧ ହୋଇଛି। ପେପର-୧ରେ ୪୫ହଜାର୯୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୨ହଜାର୮୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପେପର-




**୧ଲକ୍ଷ ୬ହଜାର ୪୧ଜଣ ଉତ୍ତୀର୍ଣ୍ଣ**

**ମୋଟ୍ ୬୮.୯୭% ପରୀକ୍ଷାର୍ଥୀ ପାସ୍**

୨ରେ ୧ଲକ୍ଷ ୮ହଜାର ୬୫୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩ହଜାର୯୫୪ଜଣ ସଫଳତା ହାସଲ କରିଛନ୍ତି। ଅର୍ଥାତ ପେପର-୧ ଓ ପେପର-୨ରେ ମୋଟ ୧ଲକ୍ଷ ୬ହଜାର ୪୧ଜଣ ପରୀକ୍ଷାର୍ଥୀ ▶▶ ୫

ପେପର-୧ରେ ୭୧.୧୬ ଓ ପେପର-୨ରେ ୬୮.୦୬ ପ୍ରତିଶତ ପାସ୍ ହାର ରହିଛି। ମୋଟ୍ ୧ଲକ୍ଷ ୬୦ହଜାର ୪୨୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ଲକ୍ଷ ୬ହଜାର ୪୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଧର୍ମଘଟ ଆଂଶିକ ସଫଳ

# ଅଧା ଖୋଲା, ଅଧା ବନ୍ଦ

**ଗଡ଼ିଲାନି ଘରୋଇ ବସ୍, ଯାତ୍ରୀ ହନ୍ତସନ୍ତ**

**ଫାଙ୍କା ପଡ଼ିଲା ବ୍ୟାଙ୍କ୍ ଓ ଡାକଘର**

**ଭୁବନେଶ୍ୱରରେ ଫସିଲା ବର**

**ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୁଲିସ**






**ଭୁବନେଶ୍ୱର,୧୨।୨/ଏନ୍ଏନ୍ଏସ୍:** ଘରୋଇ ବସ୍ କି ଟ୍ରକ୍ ଗଡ଼ିଲାନି। ଟ୍ରେନ୍ ସେବା ବି କିଛିକାଂଶରେ ବାଧାପ୍ରାପ୍ତ ହେଲା। ଅଧିକାଂଶ ରାଷ୍ଟ୍ରାୟତ ବ୍ୟାଙ୍କ, ବୀମା, ଡାକ କାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହୋଇଛି। ଖଣି, ପରିବହନ ଓ ନିର୍ମାଣ କର୍ମଚାରୀମାନେ ବି ଧାରଣାରେ ବସିଥିଲେ। ମୋଟାମୋଟିଭାବେ ୧୦ଟି ଶ୍ରମିକ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଗୁରୁବାର ଦିଆଯାଇଥିବା ୧୨ ଘଣ୍ଟିଆ ସର୍ବଭାରତୀୟ ଡାକରା ଆଂଶିକ ସଫଳ ହୋଇଛି। କଂଗ୍ରେସ ଓ ବିଜେଡି (ବିଜୁ ଶ୍ରମିକ ସାମ୍ମୁଖ୍ୟ )ଏହି ଧର୍ମଘଟକୁ ସମର୍ଥନ କରିଥିବାରୁ ବନ୍ଦର ପ୍ରଭାବ ସାମାନ୍ୟ ଅନୁଭୂତ ହୋଇଥିଲା। ଗୁରୁବାର ସକାଳୁ ଆରମ୍ଭ ହୋଇଥିବା ପିକେଟିଂ ସମୟ ଗଡ଼ିବା ସହ ପ୍ରଭାବହିନ ହେବାରେ ଲାଗିଥିଲା। ଶ୍ରମିକ ଓ ବାମପନ୍ଥୀ ଦଳର ନେତାମାନେ କାଁ ଭାଁ ଆନ୍ଦୋଳନରେ ବସିଥିଲେ। ରାଜ୍ୟର ପ୍ରାୟ ସବୁ ସହରରେ ଦୋକାନ ବଜାର ଖୋଲାଥିଲା। ଦିନତମାମ ରାସ୍ତାରେ କିଛିକାଂଶରେ ଯାତାୟାତ ସ୍ୱାଭାବିକ ଥିଲା। ସନ୍ଧ୍ୟା ବେଳକୁ ବେପାର ଜମିଥିଲା।

ଶ୍ରମ ଆଇନରେ ସଂଶୋଧନ, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫କୁ ପ୍ରତ୍ୟାହାର, ଭିବି-ଜି ରାମଜି ଆଇନ ବଦଳରେ ମନରେଗା ଲାଗୁ, ଚାଷୀ ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ୍ ୨୦୨୫ ପ୍ରତ୍ୟାହାର, ସ୍ୱାମୀନାଥନ କମିସନ ଅନୁସାରେ ଏମ୍ଏସ୍‌ପି ଲାଗୁ, ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଦରଦାମ ଓ ବେକାରୀ ନିୟନ୍ତ୍ରଣ, ସାଂପ୍ରଦାୟିକ ବିଦ୍ୱେଷ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ▶▶ ୫

# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲ୍‌ଦାର

**ବ୍ରହ୍ମପୁର,୧୨।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ତହସିଲ କାର୍ଯ୍ୟାଳୟରେ ଗୁରୁବାର ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି। ଜଣେ ବାଲି ବ୍ୟବସାୟଙ୍କ ବାଲି ଗାଡ଼ି ଛାଡ଼ିବା ପାଇଁ ରସିଦ୍ ଠାରୁ ଅଧିକ ଟଙ୍କା ମାଗି ନେଇଥିବା ଅଭିଯୋଗରେ



ବେଲଗୁଣ୍ଠା ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କୁ ଭିଜିଲାନ୍ସ ଗିରଫ କରିଛ। ସବୁଠାରୁ ବଡ଼ କଥା ହେଉଛି ଯେ ଏହି ମାମଲାରେ ଅତିରିକ୍ତ ତହସିଲଦାରଙ୍କ ସମେତ ଆଉ ୨ ଜଣ ରାଜସ୍ୱ ନିରୀକ୍ଷକ ଜଡ଼ିତ ଥିବା ଆଶଙ୍କାରେ ସେମାନଙ୍କୁ ମଧ୍ୟ ଭିଜିଲାନ୍ସ ଟିମ୍ ବ୍ରହ୍ମପୁର ନେଇଯାଇଥିବା ସୂଚନା ରହିଛି।

ପ୍ରକାଶ ଯେ ନୂଆଗାଁ ନଦୀରୁ ଧୂମୁଛାଇର ଜଣେ ଟ୍ରାକ୍ଟର ମାଲିକ ଗତ ୫ ତାରିଖ ଦିନ ବେନିୟମ ଭାବେ ବାଲି ଉଠାଇ ନେଉଥିଲେ। ଏହି ସମୟରେ ବେଲଗୁଣ୍ଠା ରାଜସ୍ୱ ବିଭାଗ କର୍ମଚାରୀମାନେ ଟ୍ରାକ୍ଟରକୁ ଜବତ କରି ନେବା ସହ ୩୦ ହଜାର ଟଙ୍କା ଜୋରିମାନା ପକାଇଥିଲେ। ଏହାପରେ କିଛି କର୍ମଚାରୀ ଜୋରିମାନା ଅର୍ଥ ଠାରୁ ଅଧିକ ଟଙ୍କା ଟ୍ରାକ୍ଟର ମାଲିକଙ୍କୁ ଦାବି କରିଥିଲେ। ଫଳରେ ଟ୍ରାକ୍ଟର ମାଲିକ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ ▶▶ ୫

### ବଧୂ ହତ୍ୟା ମାମଲାରେ ଦଣ୍ଡାଦେଶ

# ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କୁ ଆଜୀବନ ଜେଲ୍

**ସୋର,୧୨।୨/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ବାଳଙ୍ଗ ପଞ୍ଚାୟତ ଅନ୍ତର୍ଗତ ସିମୁଳିଆ ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା ମାମଲାରେ ଶାଶୂ, ଶ୍ୱଶୁର ଓ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୧୨ ମସିହାରୁ ଚାଲିଥିବା ଏହି ମାମଲାର ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମୀନାକ୍ଷି ଦାଶ। ଗତ ୨୦୧୦ ମସିହାରେ ସୋର ଥାନା ଉଲ୍ଲାସଖଣ୍ଡପୁର ଗ୍ରାମର ଗଙ୍ଗାଧର ବାରିକଙ୍କ ବଡ଼ଝିଅ ସ୍ୱପ୍ନା ବାରିକଙ୍କର ବାଳଙ୍ଗ ପଞ୍ଚାୟତ ସିମୁଳିଆ ଗ୍ରାମର ସନ୍ତୋଷ ବାରିକଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ବିଭିନ୍ନ ସମୟରେ ସ୍ୱପ୍ନାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। କିନ୍ତୁ ୨୦୧୨ ମସିହା ଜୁନ ୨୫ ତାରିଖରେ ସ୍ୱପ୍ନା ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ଶ୍ୱଶୁର ବିନୋଦ ବାରିକ, ଶାଶୂ ସଂଜୁମଣୀ ବାରିକ ଏବଂ ସ୍ୱାମୀ ସନ୍ତୋଷ ସ୍ୱପ୍ନାଙ୍କୁ ବିଷ ପିଆଇ ମାରିଦେଇଥିବା ନେଇ ତାଙ୍କ ବାପା ଗଙ୍ଗାଧର ସୋର ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୁଲିସ ଏକ ମାମଲା ରୁ କରି ଉପରୋକ୍ତ ସମସ୍ତ ▶▶ ୫

# ଶିକ୍ଷା ପ୍ରକ୍ରିୟାକୁ ସହଜ କରିବ 'ବୋଧନ ଏଆଇ': ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୧୨।୨/ଏଜେନ୍ସି:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଆୟୋଜିତ 'ଭାରତ ବୋଧନ ଏଆଇ କନ୍‌କ୍ଲେଭ'ରେ ଯୋଗଦେଇ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରିଛନ୍ତି। ଭାରତକୁ ଏକ 'ଏଆଇ ଲିଡର' ଦେଶ ଭାବେ ଗଢିତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ଦୋହରାଇ ସେ ଶିକ୍ଷା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ



ଶିକ୍ଷା ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରିବା ପାଇଁ 'ବୋଧନ ଏଆଇ'ର ଶୁଭାରମ୍ଭ କରାଯାଇଛି। ଏହା ଶିକ୍ଷକମାନଙ୍କୁ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ। ଏଆଇ କେବଳ ଇଂରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାଗୁଡ଼ିକରେ ଉପଲବ୍ଧ ହେବା ଉଚିତ୍। ▶▶ ୫

### ଓଡ଼ିଶାର ଶିଳ୍ପାୟନକୁ ନୂଆ ଗତି

# ୩୧ ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ମଞ୍ଜୁରୀ

**ଭୁବନେଶ୍ୱର,୧୨।୨/ଏନ୍ଏନ୍ଏସ୍:** ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଇଡ୍‌କୋ ଅଧକ୍ଷା ଉଷା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଡ୍‌କୋ ଟାୱାରରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତି ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ବାଟ ଫିଟିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି। ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ▶▶ ୫

# ୨.୭୫% ଛୁଇଁଲା ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨।୨/ଏଜେନ୍ସି:** ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ସ୍ଥିତି ସମ୍ପର୍କିତ ରିପୋର୍ଟ ଜାରି କରାଯାଇଛି। ଗୁରୁବାର ପ୍ରକାଶିତ ଏହି ତଥ୍ୟ ଅନୁଯାୟୀ, ସଂଶୋଧିତ ଏବଂ ଅପଡେଟ୍ ହୋଇଥିବା ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ଜାନୁଆରୀ ୨୦୨୬ ପାଇଁ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୨.୭୫% ରହିଥିବା ଦର୍ଶାଯାଇଛି। ▶▶ ୫




### ଜମି ଜାଲିଆତି ରୋକିବାକୁ ସରକାରଙ୍କ ମାଷ୍ଟରପ୍ଲାନ୍

# ଏଣିକି ଜମି ପଟ୍ଟାରେ ରହିବ କ୍ୟୁଆର୍ କୋଡ୍

**ଭୁବନେଶ୍ୱର,୧୨।୨/ଏନ୍ଏନ୍ଏସ୍:** ଏଣିକି ଜମି ପଟ୍ଟାରେ ରହିବ କ୍ୟୁଆର କୋଡ୍। ଏହାକୁ ସ୍କାନ୍ କରି ସମ୍ପୃକ୍ତ ଜମିର ସମସ୍ତ ବିବରଣୀ ଜାଣିହେବ ଓ କେହି ଏହାକୁ ଜାଲିଆତି କରି ବିକ୍ରି ପାଇଁ ଉଦ୍ୟମ କଲେ ସମ୍ପୃକ୍ତ ଅଞ୍ଚଳର ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ସତର୍କ ସୂଚନା ମଧ୍ୟ ଯିବ। ଏଭଳି ଜ୍ଞାନକୌଶଳ ସମ୍ପନ୍ନ ଜମି ପଟ୍ଟା ପ୍ରସ୍ତୁତ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ଜମି ଜାଲିଆତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବା, ପ୍ରକୃତ ଜମି ମାଲିକଙ୍କୁ ସୁରକ୍ଷା ଦେବା ସହ ଜମି ମାଫିଆ ଓ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ନିମନ୍ତେ



ସରକାର ଏଭଳି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିବା ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ଜମି ପଟ୍ଟା ବା ରେକର୍ଡ ଅଫ ରାଇଟସରେ

**ସ୍କାନ୍ କଲେ ଜାଣିହେବ ସମ୍ପୃକ୍ତ ଜମିର ସମସ୍ତ ବିବରଣୀ**

**ଜାଲିଆତି କରି ବିକ୍ରି ଉଦ୍ୟମ କଲେ ଆର୍‌ଆଇ ପାଖକୁ ଯିବ ସତର୍କ ସୂଚନା**

**ଜମି କିଣାବିକାରେ ସ୍ୱଚ୍ଛତା ଆଣିବାରେ ହେବ ସହାୟକ**

ଏକ ସ୍ୱତନ୍ତ୍ର କ୍ୟୁଆର କୋଡ୍ ରହିବ। ଏହି କୋଡକୁ ସ୍କାନ୍ କରିବା ମାତ୍ରେ ସମ୍ପୃକ୍ତ ଜମିର ସମ୍ପୂର୍ଣ୍ଣ ▶▶ ୫

## କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ର ଭାରତ ବନ୍ଦ୍ ଡାକରା

# ଗଡ଼ିଲାନି ଘରୋଇ ବସ୍, ଯାତ୍ରୀ ହନ୍ତସନ୍ତ












**ବ୍ରହ୍ମପୁର,୧୨।୨/ଏନ୍‌ଏନ୍‌ଏସ୍:** ଦେଶର କୃଷକ ଓ ଶ୍ରମିକଙ୍କ ଅଧିକାରର ସୁରକ୍ଷା ପାଇଁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟର ପ୍ରଭାବ ଆଜି ବ୍ରହ୍ମପୁର ସହରରେ ଅନୁଭୂତ ହୋଇଛି । ଧର୍ମଘଟକୁ ସମର୍ଥନ ଜଣାଇ ସହରର ବିଭିନ୍ନ ଶ୍ରମିକ, କୃଷକ ସଂଗଠନ ସମେତ ବାମପନ୍ଥୀ ଦଳଗୁଡିକ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା । ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସମେତ କେତେକ ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା । ରାସ୍ତାରେ ଦୁଇ ଚକିଆ ଗାଡି ମୋଟର ଚଳାଚଳ କରୁଥିବା ବେଳେ ଘରୋଇ ବସ୍ ସେବା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା । ଗାଡି ମୋଟର ଚାଲୁ ନଥିବାରୁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସହରର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ପ୍ରାୟତଃ ଖୋଲା ରହିଥିଲା । ଆଜି ସକାଳୁ ସକାଳୁ ଶ୍ରମିକ ସଂଗଠନର ନେତାମାନେ ବ୍ରହ୍ମପୁର ରେଳ ଷ୍ଟେସନ୍ ସମ୍ମୁଖରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ । ଶ୍ରମିକ ନେତା ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ପ୍ରଶାନ୍ତ ପାଟଯୋଶୀ, ପ୍ରଦୀପ ସେଠି, ଭୋକାଲି ସେଠି, ସୋମନାଥ ବେହେରା, ସତ୍ୟ ତ୍ରିପାଠୀ, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ବାବୁଲା ନାୟକ, ମଧୁ ବେହେରା, ଏ ମୋହନ ରାଓ, ହରି ନାହାକ, ରାଜରାଓ, ଚିଟିବାବୁ, କେଶବ ଗୌଡ଼, କାଳି ମିଶ୍ର, ନୀଳ ମାଧବ ରଥ, କାମଦେବ ନାହାକ, ପପୁନ ସାହୁ, ନିମାଇଁ ସାହୁ, ଆଦିତ୍ୟ ତ୍ରିପାଠୀ, ଶଙ୍କର ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସରକାରଙ୍କ ଶ୍ରମିକ, କୃଷକ ଓ ଗରିବ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଦେଶରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ହୁହୁ ହୋଇ ବଢି ଚାଲିଛି । କୃଷକଙ୍କ ଧାନ କିଣାଯାଉନଥିବାରୁ ଦଲାଲଙ୍କୁ ଶାଗମାଛ ଦରରେ ବିକ୍ରି କରି ଆର୍ଥିକ କ୍ଷତି ସହୁଛନ୍ତି ଚାଷୀ । ଶ୍ରମିକମାନେ ରୋଜଗାର ହରାଉଥିବା ବେଳେ ଗରିବ ଜନସାଧାରଣ ସର୍ବନିମ୍ନ ସୁବିଧା ଓ ଅଧିକାରରୁ ବଞ୍ଚିତ ହେଉଛନ୍ତି । ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ପରିବର୍ତ୍ତେ ସରକାର ପୁଞ୍ଜିପତିଙ୍କ ସୁରକ୍ଷା ପାଇଁ କାମ କରୁଥିବା ନେଇ ଶ୍ରମିକ ନେତାମାନେ ଅଭିଯୋଗ କରିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ନୂତନ ଶ୍ରମିକ ବିରୋଧି ଶ୍ରମ ଆଇନ ସଂଶୋଧନ ପ୍ରତ୍ୟାହାର କରିବା, ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରର ସୁରକ୍ଷା ଦେବା, ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ସମେତ ଶାଗମାଛ ଦରରେ ସେଗୁଡିକୁ ବିକ୍ରୀ ବନ୍ଦ କରିବା, କଳ କାରଖାନାରୁ ବ୍ୟାପକ ଶ୍ରମିକ ଛଟେଇ ବନ୍ଦ କରିବା, ଶ୍ରମିକଙ୍କ ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା କରିବା, ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କା କରିବା, ବେକାରୀ ସମସ୍ୟା ଦୂର, ଦରଦାମ ନିୟନ୍ତ୍ରଣ କରିବା, କେନ୍ଦ୍ର ସରକାର ନୂତନ ଯୋଜନା କରିବା ପରିବର୍ତ୍ତେ ପୂର୍ବରୁ ଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ ବନ୍ଦ କରିବା, ବିଦ୍ୟୁତ ବିଲ ୨୦୨୫, ବିହନ ଓ ପେନ୍‌ସନ୍ ବିଲ ୨୦୨୫ ସମେତ ବୀମା କ୍ଷେତ୍ରରେ ୧୦୦ ପ୍ରତିଶତ ବିଦେଶୀ ପୁଞ୍ଜିଲଗାଣ ଭଳି ଜନ ବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା । ଏଆଇଟିୟୁସି, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇୟୁଟିୟୁସି, ଟିୟୁସିସି ଭଳି ବହୁ ସଂଗଠନର ନେତା ଓ କର୍ମକର୍ତ୍ତା ସମେତ କିଛି ରାଜନୈତିକ ଦଳର ନେତା ଓ କର୍ମୀ ଧର୍ମଘଟରେ ସାମିଲ ହୋଇଥିଲେ । ନେତାମାନେ ପ୍ରଥମ ରେଳ ଷ୍ଟେସନ୍‌ରେ କେନ୍ଦ୍ର ବିରୋଧୀ ନାରା ଦେଇଥିଲେ । ସେଠାରୁ ପିକେଟିଂ କରିଥିଲେ । ସହରର ବିଭିନ୍ନ ଦୋକାନ ବଜାର ବନ୍ଦ କରିଥିଲେ । ବାଇକ୍ ରାଲିରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପହଞ୍ଚି ଲୋକଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଥିଲା । ସେହିପରି ଇଫ୍‌ଟୁ ଦ୍ୱାରା ଅନୁବନ୍ଧିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଭାରତ ବନ୍ଦକୁ ସମର୍ଥନ ଜଣାଇଥିଲେ । ଆଇଏଫଟିୟୁର ରାଜ୍ୟ ସଭାପତି ତଥା କର୍ମଚାରୀ ନେତା ପ୍ରତାପ ପ୍ରଧାନଙ୍କ ନେତୃତ୍ୱରେ କଲେଜ ମୁଖ୍ୟ ଦ୍ୱାର ସମ୍ମୁଖରେ ପ୍ରତିବାଦ କରିଥିଲେ । ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଆସିକା

କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ବିରୋଧୀ ଆଭିମୁଖ୍ୟକୁ ବିରୋଧ କରି ଦେଶର ୧୪ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ୫ଟି



ବାମପନ୍ଥୀ ଦଳ ପକ୍ଷରୁ ଗୁରବାର ଦିଆଯାଇଥିବା ଭାରତବନ୍ଦ ଡାକରା ଆସିକାରେ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି । ଅଞ୍ଚଳର ବରିଷ୍ଠ ବାମପନ୍ଥୀ ଶ୍ରମିକ ନେତା ବିଦେଶୀ ନାହାକ ଓ ରାଜେନ୍ଦ୍ର କୁମାର ଦାଶ ଏବଂ ଦେବହରି ମହାନ୍ତିଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ବହୁ ଶ୍ରମିକ ନେତା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ସରକାର ପୂର୍ବ ଶ୍ରମ ଆଇନକୁ ପରିବର୍ତ୍ତନ କରି ଆଣିଥିବା ନୂତନ ୪ଟି ଶ୍ରମକୋର୍ଡ ଲାଗୁ କରିବା ନିଷ୍ପତ୍ତି କର୍ପୋରେଟ୍ ସପକ୍ଷବାଦୀ ବୋଲି ଅଭିଯୋଗ କରିଥିଲେ । ଏଆଇଟିୟୁସି ଅନୁବନ୍ଧିତ ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ବିଦେଶୀ ନାହାକ ଓ ବାମପନ୍ଥୀ ନେତା ରାଜେନ୍ଦ୍ର କୁମାର ଦାଶ ଏହି ଅବସରରେ ସମବାୟ ଚିନିଶିଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ନୀତିକୁ ସମାଲୋଚନା କରିବା ସହ ୪ ଶ୍ରମକୋର୍ଡ ତୁରନ୍ତ ବାଲିଲ୍ କରିବା, ସର୍ବନିମ୍ନ ମାସିକ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ କରିବା, ଦରଦାମ୍ ବୃଦ୍ଧିକୁ ବନ୍ଦ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣକୁ ବନ୍ଦ କରିବା, ଅଙ୍ଗନବାଡି ଓ ପାଚିକା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସମସ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିବା, ରାଷ୍ଟ୍ରାୟତ୍ତ ଶିଳ୍ପ ଗୁଡିକୁ ଘରୋଇକରଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ । ଆସିକାରେ ଅଧିକାଂଶ ସରକାରୀ ଓ ବେସରକାରୀ ଦପ୍ତର ସମେତ କିଛି ଶିକ୍ଷାନୁଷ୍ଠାନ ଓ ଗାଡି ଚଳାଚଳ ବନ୍ଦ ରହିଥିଲା । ଜରୁରୀକାଳୀନ ସେବା ଯଥା ରୋଗୀ ଚିକିତ୍ସା, ଆମ୍ବୁଲାନ୍ସ ସେବା ଓ ଔଷଧ ଦୋକାନ ସମେତ ଅତ୍ୟାବଶ୍ୟକୀୟ ସେବା ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ଥିଲା । ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆସିକା ଥାନା ଅଧିକାରୀ କୁଳମଣି ସେଠୀ ଓ କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଆସିକା-ବ୍ରହ୍ମପୁର, ଆସିକା-ଭୁବନେଶ୍ୱର, ଆସିକା-ଫୁଲବାଣୀକୁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଆସିକା ଘରୋଇ ବସଷ୍ଟାଣ୍ଡ, ବିଜୁପଟ୍ଟନାୟକ ଛକ, କାଳକଷ୍ଟପୁର ଛକ ଅଞ୍ଚଳ ଖାଁ ଖାଁ ଲାଗୁଥିଲା ।

## ବୁଗୁଡ଼ା

କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚର ୧୨ ଘଣ୍ଟିଆ ଧର୍ମଘଟ ଓ ହରତାଳ ଡାକରା ପରିପ୍ରେକ୍ଷୀରେ ଗୁରୁବାର ଦିନ ବୁଗୁଡାରେ ପରିବହନ ସେବା ସାଙ୍ଗକୁ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ମେଡିକାଲ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରାଯାଇଥିଲା । ଅନ୍ୟପକ୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯାଳୟ ସହିତ ଦୋକାନ ବଜାର ସ୍ୱଭାବିକ ଭାବେ ଖୋଲା ରହିଥିଲା । ଭାରତ ବନ୍ଦ ଆହ୍ୱାନକାରୀ କୌଣସି ସଂଗଠନ କିମ୍ବା ଏହାର ସମର୍ଥନକାରୀ କୌଣସି ରାଜନୈତିକ ଦଳ ପକ୍ଷରୁ ପିକେଟିଂ କରିବାର ଦେଖାଯାଇନଥିଲା । ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ଯୋଗୁଁ ବୁଗୁଡା ବସଷ୍ଟାଣ୍ଡ ପରିସର ଖାଁଖାଁ ଲାଗୁଥିଲା ବେଳେ ଦୋକାନ ବଜାରରେ ଗହଳି ଚହଳି ଦେଖିବାକୁ ମିଳିଥିଲା । ଫଳରେ ବୁଗୁଡାରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଥିଲା ।



## ଛତ୍ରପୁର




ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା । କୃଷକ ସ୍ୱାର୍ଥ ବିରୋଧୀ, ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ବାତିଲ, ମନରେଗା ଆଇନର ପୁନଃ ପ୍ରବର୍ତ୍ତନ, ବିମା ଓ ଆର୍ଥିକ କ୍ଷେତ୍ରରେ ଶତ ପ୍ରତିଶତ ପୁଞ୍ଜି ନିବେଶ ବନ୍ଦ, ସମେତ ବିଭିନ୍ନ ଦାବି ନେଇ ୧୦ଟି କେନ୍ଦ୍ରୀୟ ସଂଗଠନ, ବୀମା ଓ ବ୍ୟାଙ୍କ୍‌ର ସଂଗଠନ,କୃଷକ ସଂଗଠନ ପକ୍ଷରୁ ଫେବୃୟାରୀ ୧୨ ବନ୍ଦ ଡାକରା ଦିଆ ଯାଇଥିଲା । ଛତ୍ରପୁରଠାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୧୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ସହରର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଭାରତୀୟ ଜୀବନ ବୀମା ନିଗମ ଛତ୍ରପୁର ଶାଖାର କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଧର୍ମ ଘଟରେ ବହୁ ସଂଗଠନର ନେତୃବୃନ୍ଦ ଉପସ୍ଥିତ ରହି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ନିନ୍ଦା କରିବା ସହ ବିରୋଧ କରିଥିଲେ ।

## ଫୁଲବାଣୀ




ବିଭିନ୍ନ ଦାବିନେଇ ବିଭିନ୍ନ ସଂଗଠନ ପକ୍ଷରୁ ଗୁରୁବାର ଭାରତ ବନ୍ଦ ଡ଼ାକରା ଦିଆଯାଇଥିବା ବେଳେ କନ୍ଧମାଳ ଜିଲାରେ ଏହାର ଆଂଶିକ ପ୍ରଭାବ ପଡ଼ିଛି । ବ୍ୟାଙ୍କ କିଛି ସମୟ ପାଇଁ ବନ୍ଦଥିବା ବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା । ସେହିଭଳି ଦୋକାନ ବଜାର ମଧ୍ୟ ସକାଳୁ କିଛି ସମୟ ବନ୍ଦଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସମସ୍ତ ଦୋକାନ ବଜାର ମଧ୍ୟ ଖୋଲା ରହିଥିଲା । ଜିଲା ବାହାରୁ ଆସୁଥିବା କିଛି ଯାନବାହାନ ବନ୍ଦ ରହିଥିଲା । ତେବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ଫୁଲବାଣୀରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲା ସଭାପତି ଘନ କୁମାର ଶବରଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି ଦେଇଥିଲେ । ବିକ୍ଷୋଭରେ ଶ୍ରମିକ ନେତା ଶିଶିର ମଲିକ, ମିଳନ ନାୟକ, ସାଧାରଣ ସଂପାଦକ ପ୍ରଫୁଲ ବେହେରା, ଉପସଭାପତି ଶିବ ଶଙ୍କର ସାମନ୍ତରାୟ, ସଂପାଦକ ତ୍ରିଡ଼ାତ ବେହେରା, ରଂଜିତ୍ ଦିଗାଲ, ପ୍ରଶାନ୍ତ ବେହେରାଙ୍କ ସମେତ ଅନ୍ୟମାନେ ଉଦବୋଧନ ଦେଇ ତୁରନ୍ତ ସରକାର ଶ୍ରମିକ ମାନଙ୍କର ୪୩ ଗୋଟି ଆଇନକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ । ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ହେଲେ ନଚିକେତା

**ଆସିକା,୧୨।୨/ଏନ୍‌ଏନ୍‌ଏସ୍:** ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ବିଜୁ ଯୁବ-ଛାତ୍ର ଜନତା ଦଳର କେତେକ ଜିଲ୍ଲାର ସଭାପତିମାନଙ୍କ ନାମ ଘୋଷଣା କରିଛନ୍ତି । ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ରୂପେ ସୁସଂଗଠକ ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁଙ୍କୁ ନିଯୁକ୍ତି କରିଛନ୍ତି । ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ନବ ନିଯୁକ୍ତ ଜିଲ୍ଲା ଯୁବ ସଭାପତି ଶ୍ରୀ ସ୍ୱାଇଁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି । ଗତ ୨୦୨୦ ମସିହାରୁ କ୍ରମାଗତ ଭାବେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ରୂପେ ଦାୟିତ୍ୱରେ ରହି ଶ୍ରୀ ସ୍ୱାଇଁ ସଂଗଠନକୁ ସୁଦୃଢ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ । ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ କରାଯାଇଥିବାରୁ ନବ ନିଯୁକ୍ତ ଶ୍ରୀ ସ୍ୱାଇଁ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ ଓ ଶ୍ରୀମତୀ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା, ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ବିକ୍ରମ କେଶରୀ ଆରୁଖ, ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ସମେତ ଦଳର ସମସ୍ତ ବରିଷ୍ଠ ନେତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ଜଣାପଡିଛି । ଦଳର ଜଣେ ଶୃଙ୍ଖଳିତ ସୈନିକ ରୂପେ ସୁସଂଗଠକ ନଚିକେତା ସ୍ୱାଇଁ ଅତୀତରେ ବହୁବାର ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ସମସ୍ତଙ୍କ ପ୍ରୀୟଭାଜନ ହୋଇପାରିଛନ୍ତି । ଆସିକାର ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଦିଲୀପ କୁମାର ପାଣିଗ୍ରାହୀ, ଭବାନୀ ଶଙ୍କର ମଲିକ, ଇଂ ସଚ୍ଚିଦାନନ୍ଦ ରାଉତ, ଏମ୍.ତାରିଣୀ ସେନାପତି, ଏମ୍.ରଶ୍ମିତା ସେନାପତି, ଜୟସେନ ସ୍ୱାଇଁ, ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଅଜୟ କୁମାର ମହାରଣା, କୈଳାଶ ଚନ୍ଦ୍ର ରଣା, ସନ୍ତୋଷ କୁମାର ନାୟକ, ଅମୂଲ୍ୟ କୁମାର ଉପାଧ୍ୟାୟ, ରଂଜନ ବିଷୋୟୀ, ଟୁକୁନା ପରିଡା, ମାନସ ରଂଜନ ଗୌଡ, କୈଳାଶ ଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଶତପଥୀ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, ପ୍ରତାପ ଚନ୍ଦ୍ର ପ୍ରଧାନ, ଆକାଶ ସ୍ୱାଇଁ, କେ.ରବିନ୍ କୁମାର ପାତ୍ର, କେଶବ ଦାଶ, ନିଳାଞ୍ଚଳ ମଣ୍ଡଳ, ସତ୍ୟନାରାୟଣ ସାମନ୍ତରା, କାହ୍ନୁଚରଣ ଦଳେଇ, ସାଇରାଜ ଦଳେଇ, ବିମଳ ପ୍ରଧାନଙ୍କ ସମେତ ଦଳୀୟ ନେତା ନବନିଯୁକ୍ତ ଶ୍ରୀ ସ୍ୱାଇଁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।



## ଜନଗଣନା ପାଇଁ ପ୍ରାକ୍ ପ୍ରସ୍ତୁତି, ଅଧିକାରୀଙ୍କୁ ତାଲିମ୍

**ବ୍ରହ୍ମପୁର,୧୨।୨/ଏନ୍‌ଏନ୍‌ଏସ୍:** ଆସନ୍ତା ବର୍ଷ ୨୦୨୭ରେ ହେବାକୁ ଥିବା ଜନଗଣନା ନିମନ୍ତେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି । ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ସୁନିଲ କୁମାର କେରକେଟା ଏବଂ ଚାରିଜଣ ଚାର୍ଜ ଅଫିସର ଉପସ୍ଥିତ ଥିଲେ । ଜନଗଣନା ବିଭାଗ ପକ୍ଷରୁ ଗଞ୍ଜାମ ଜିଲା ଇନ୍ ଚାର୍ଜ ସନ୍ତୋଷ କୁମାର ଆଚାର୍ଯ୍ୟ ଓ ଜିଲା ନୋଡାଲ ଅଫିସର ସୁଜିତ କୁମାର ପ୍ରଧାନ ଜନଗଣନାରେ ସାମିଲ ହେବାକୁ ଥିବା ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଘର ତାଲିକାକରଣ ଓ ଘର ଜନଗଣନା ଆରମ୍ଭ ହେବ । ଆସନ୍ତା ଏପ୍ରିଲ ୧୬ରୁ ମେ’ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲୁ ରହିବ । ଏହାବ୍ୟତୀତ ଏଥର ନୂତନ ଭାବେ ଏକ ବ୍ୟବସ୍ଥା ଗ୍ରହଣ କରଯାଇଛି । ଜଣେ ବ୍ୟକ୍ତି ଚାହିଁଲେ ନିଜେ ପୋର୍ଟାଲକୁ ଯାଇ ପଞ୍ଜୀକରଣ କରିପାରିବେ । ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱୟଂପଞ୍ଜିକରଣ କରାଯାଇପାରିବେ । ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୨୦୨୭ ମାର୍ଚ୍ଚ୧ରୁ ୫ତାରିଖ ପର୍ଯ୍ୟନ୍ତ ସଂଶୋଧନ କରାଯିବ । ଜନଗଣନା ପାଇଁ ସୀମା ନିର୍ଣ୍ଣିତକରଣ ସହ ଗ୍ରାମ ଓ ସହରର ରେଜିଷ୍ଟ୍ରାର ପ୍ରସ୍ତୁତି, ପ୍ରଶ୍ନାବଳୀ, ପ୍ରାକ୍ ପରୀକ୍ଷା ସର୍ଭେ, କର୍ମଚାରୀନିଯୁକ୍ତି ଓ ପ୍ରଶିକ୍ଷଣ ବ୍ୟବସ୍ଥା ହାତକୁ ନିଆଯିବ । ଜନଗଣନା କାର୍ଯ୍ୟରେ ନିୟୋଜିତ ଏନ୍ୟୁମେରେଟର ଓ ସୁପରଭାଇଜରମାନେ ଘରକୁ ଘର ବୁଲି ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ । ବୈଠକରେ ବିଏମ୍‌ସି ସହକାରୀ କମିଶନର ରଞ୍ଜିତ କୁମାର, ବିଶାଲ ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତ କୁମାର ବରିଡ଼ା, ସିଓ ସ୍ମିତା ଦାସ ଓ ଗୀତାଞ୍ଜଳି ସାମନ୍ତରାଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ସାଇବର୍ ଓ ଅନ୍‌ଲାଇନ୍ ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଶେରଗଡ,୧୨।୨/ଏନ୍‌ଏନ୍‌ଏସ୍:** ଶେରଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମିଶନ ଶକ୍ତି ଗୃହ ପରିସରରେ ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଶିଶୁ ସୁରକ୍ଷା ଓ ସାଇବର ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବେଟି ପଢ଼ାଓ ବେଟି ବଢ଼ାଓ, ମହିଳା ଓ ଶିଶୁ ନିର୍ଯାତନାକୁ ରୋକିବା, କନ୍ୟା ରତ୍ନର ଯତ୍ନ, ବାଳିକା ଏବଂ କିଶୋରୀଙ୍କ ଶାରୀରିକ, ସାମାଜିକ ବିକାଶ, ସୁକନ୍ୟା ସମୃଦ୍ଧି ଯୋଜନା ମାଧ୍ୟମରେ ବାଳିକାଙ୍କ ଭବିଷ୍ୟତ ଗଠନ, ବିଭିନ୍ନ ସରକାରୀ ଯୋଜନା, ସାଇବର ଠକେଇରୁ କିପରି ବର୍ତ୍ତିବା ଆଦି ବିଷୟ ନେଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିବାକର ଗମାଙ୍ଗ, ଏସ୍‌ଆଇ ରାଜ ନାରାୟଣ ନାୟକ ଆଇନଜୀବୀ ସମୀର ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ସମିତିର ଶିବ ପ୍ରସାଦ ରଥ, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ ପ୍ରମୁଖ ଉପସ୍ଥିତ ରହି ସଚେତନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପୋଷଣ ବ୍ଲକ ସଂଯୋଜକ ଶିବ ପ୍ରସାଦ ଆଚାରୀ, ସୌମ୍ୟରଞ୍ଜନ ନାୟକଙ୍କ ସମେତ ଆଇସିଡିଏସ୍ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଭାରତ ବନ୍ଦ ଆନ୍ଦୋଳନ ବେଳେ ଅଘଟଣ

## ବ୍ରେକ୍ ଫେଲ୍ ହୋଇ ମାଡ଼ିଗଲା ପୁଲିସ ଗାଡ଼ି

**ରାୟଗଡ଼ା, ୧୨।୨/ଏନ୍‌ଏନ୍‌ଏସ୍:** ରାୟଗଡ଼ା ସହରରେ ଗୁରୁବାର ଭାରତ ବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ଛିଡ଼ା ହୋଇଥିବା ପୁଲିସ ଗାଡ଼ି ବ୍ରେକ ଫେଲ୍ ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ସେଠାରେ ଉପସ୍ଥିତ ସାମ୍ବାଦିକ, ପୁଲିସ ଓ ଆନ୍ଦୋଳନକାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାୟଗଡ଼ା ସହର ଉପକଣ୍ଠ ସ୍ଥିତ ସିରିଗୁଡ଼ା ଛକରେ ଶ୍ରମିକ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଥିବା ବେଳେ ସେହି ରାସ୍ତାରେ ଅଟକି ଥିବା ପୁଲିସ ଗାଡ଼ି ହଠାତ ବ୍ରେକ୍ ଫେଲ୍ ହୋଇ ଯାଇଥିଲା। ଗାଡ଼ି ଆପେ ଆପେ ଗଡ଼ିବା ଦେଖି ତୁରନ୍ତ ଡ୍ରାଇଭର ରାସ୍ତାରୁ ହଟିବା ପାଇଁ ଚିଲେଇବାରୁ ସେଠାରେ ଥିବା ଆନ୍ଦୋଳନକାରୀ ଓ ସାମ୍ବାଦିକମାନ ଉକ୍ତ ସ୍ଥାନରୁ ଦୌଡ଼ି ପଳେଇ ଯାଇଥିଲେ। ସୌଭାଗ୍ୟବଶତଃ ଏହି ଅଘଟଣରେ କାହାର କିଛି କ୍ଷତି ହୋଇନଥିବା ବେଳେ ଆନ୍ଦୋଳନ କରୁଥିବା ବିଭିନ୍ନ ସଂଗଠନର ନେତାଙ୍କ ପାଇଁ ରଖା ଯାଇଥିବା ଚେୟାର ଉପରକୁ ଗାଡ଼ି ମାଡ଼ି ଯାଇଥିଲା। ଫଳରେ ବହୁ ଚେୟାର ନଷ୍ଟ ହୋଇ ଯାଇଥିଲା। ଡ୍ରାଇଭର୍ ଉପସ୍ଥିତି ବୁଦ୍ଧି ଯୋଗୁଁ ଗାଡ଼ିକୁ ରାସ୍ତା କଡ଼ରେ ଥିବା ମାଟି ଗଦା ଉପରକୁ ଚଢ଼ାଇ ଅଟକାଇ ଦେଇଥିଲେ। ବ୍ରେକ ଫେଲ ଘଟଣାକୁ ଶ୍ରମିକମାନଙ୍କ ବିରୋଧରେ ବିଜେପି ସରକାରଙ୍କ ଷଡଯନ୍ତ୍ର ବୋଲି ଶ୍ରମିକ ନେତା ଭବାନୀ ଶଙ୍କର ଜେନା ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ରାୟଗଡ଼ା ଏସଡିପିଓ ଗୌରହରୀ ସାହୁ, ଆଇଆଇସି ପ୍ରସନ୍ନ ବେହେରା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ସମୀକ୍ଷା ବୈଠକ

## ସିବିଏସ୍‌ଇ ପରୀକ୍ଷା ପରିଚାଳନାକୁ ନେଇ ଆଲୋଚନା

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:** ଆଗାମୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ବା ସିବିଏସଇ ଦଶମ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷାକୁ ଦୃଷ୍ଟିରେ ରଖି ଏକ ସମୀକ୍ଷା ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା ଏନ୍.ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଭାସୀ ମାଧ୍ୟମରେ ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଅଧ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ବୈଠକରେ ଡ଼ା ନାୟକ, ସିବିଏସଇ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପୂର୍ବ ବର୍ଷର ବାର୍ଷିକ ଫଳାଫଳର ସମୀକ୍ଷା କରିବା ସହ ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ଫଳାଫଳକୁ କିପରି ଉନ୍ନତ କରାଯାଇପାରିବ ତା' ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ସମସ୍ତ ଅଧ୍ୟକ୍ଷମାନଙ୍କୁ ଉତ୍ତମ ପ୍ରଦର୍ଶନ ସୁନିଶ୍ଚିତ କରିବା ଏବଂ ସମସ୍ତ ବିଦ୍ୟାଳୟରେ ଶୈକ୍ଷିକ ଉତ୍କର୍ଷତା ବଜାୟ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକକୁ ସମ୍ବୋଧିତ କରି ଡ଼ା ନାୟକ କହିଛନ୍ତି ସିବିଏସଇ ବୋର୍ଡ ପରୀକ୍ଷା ଆମ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆମେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପରୀକ୍ଷାଗୁଡ଼ିକୁ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ପରିଚାଳନା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏଥିସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସିବିଏସ୍‌ଇ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ଏବଂ ଉପଯୁକ୍ତ ଯାତାୟାତ ବ୍ୟବସ୍ଥା, ପରୀକ୍ଷା କେନ୍ଦ୍ରର ସୁରକ୍ଷା ଏବଂ ଛାତ୍ର ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷରେ ୨୫୦ ଓଏଭିରୁ ପ୍ରାୟ ୧୭,୦୪୧ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୨୧୪ ଓଏଭିରୁ ୪,୭୪୭ ଜଣ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ) ପରୀକ୍ଷା ଦେବେ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ରାଜ୍ୟ ସାରା ୭୩ ଟି ଓଏଭିକୁ ପରୀକ୍ଷା କେନ୍ଦ୍ର ଭାବରେ ନିର୍ଣ୍ଣୟ କରିଛି। ବୈଠକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସ୍ମିତା ରାଉତ, ବିଭାଗର ଅତିରିକ୍ତ ଶାସନ ସଚିବ, ଓଏଭି ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଭାରତ ବନ୍ଦକୁ ବିଜେଡି, କଂଗ୍ରେସର ସମର୍ଥନ ପ୍ରସଙ୍ଗରେ ବିଜେପିର ଟାର୍ଗେଟ

# ନୂତନ ଶ୍ରମ ସଂହିତା ବିରୋଧକାରୀ ହେଉଛନ୍ତି ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସରକାର ଆଣିଥିବା ୪ଟି ଯାକ ନୂତନ ଶ୍ରମଆଇନ ଶ୍ରମିକମାନଙ୍କର ହିତରେ ଆସିଛି। ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ନ୍ୟୁନତମ ଦରମାକୁ ନିଶ୍ଚିନ୍ତ କରିବା, କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ସୁରକ୍ଷାକୁ ନିଶ୍ଚିନ୍ତ କରିବା, ମହିଳାମାନଙ୍କ ପାଇଁ ଆଗରୁ ଥିବା ତାରତମ୍ୟ ହଟାଇ ସେମାନଙ୍କୁ ସମାନ କାମର ସୁଯୋଗକୁ ନିଶ୍ଚିନ୍ତ କରିବା ଏବଂ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଯଥା ଭବିଷ୍ୟନିଧି ପାଣ୍ଠି, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ପଞ୍ଜିକୃତକୁ ବାଧ୍ୟତାମୂଳକ କରିବା ଭଳି ଶ୍ରମିକମାନଙ୍କ ହୀତରେ ଅନେକ ଐତିହାସିକ ନିଷ୍ପତ୍ତି ନୂତନ ଲେବରକୋର୍ଡରେ ଆସିଛି। ପୂର୍ବରୁ ବିଟ୍ରିଶ ଅମଳରୁ ଚାଲିଆସିଥିବା ଶ୍ରମିକ ଆଇନକୁ ହଟାଇ ଦିଆଯାଇ, ୨୯ଟି ଜଟିଳ ଆଇନ ବଦଳରେ ଏବେ ୪ଟି ସରଳ ଆଇନ୍ ଅଣାଯାଇଛି। ସାରା ଦେଶରେ ଶ୍ରମିକ ଓ ଶ୍ରମିକ ସଂଗଠନମାନେ ଏହାକୁ ସ୍ୱାଗତ କରୁଥିବାବେଳେ କିଛି ହାତଗଣତି ତଥାକଥିତ ଆନ୍ଦୋଳନଜୀବୀ ଶ୍ରମିକ ସଂଗଠନମାନେ ଏହାକୁ ବିରୋଧ କରୁଛନ୍ତି। ଯେଉଁମାନେ ଦୀର୍ଘଦିନ ଧରି ଶ୍ରମିକମାନଙ୍କ ନାଁରେ ରାଜନୀତି କରି ନିଜର ରୋଜଗାର ଚଳେଇ ଆସୁଥିଲେ, ସେମାନେ ଆଜି ନୂତନ ୪ଟି ଶ୍ରମିକ କୋର୍ଡକୁ ବିରୋଧ କରି ଭାରତ ବନ୍ଦ ଡାକରା ଦେଇ ସାଧାରଣ ଲୋକଙ୍କୁ ହଇରାଣ କରିଛନ୍ତି। ସେମାନଙ୍କୁ ଓଡ଼ିଶାର ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସମର୍ଥନ କରିବା ଦୁର୍ଭାଗ୍ୟଜନକ। ଓଡ଼ିଶାରେ ଏହି ଭାରତ ବନ୍ଦକୁ ଲୋକମାନେ ପ୍ରତ୍ୟାଖାନ କରିଛନ୍ତି। ନୂତନ ଶ୍ରମ ସଂହିତାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି।



ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ନୂତନ ଶ୍ରମ ସଂହିତା କେବଳ ଏକ ନୀତିରେ ପରବର୍ତ୍ତନ ନୁହେଁ ବରଂ ଶ୍ରମିକମାନଙ୍କର ସାମାଜିକ ନ୍ୟାୟ, ଶ୍ରମିକମାନଙ୍କ ପାଇଁ ନୂତନ ରୋଜଗାର ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ଏକ ଦୃଢ଼ ସଂକଳ୍ପ। ପୂରୁଣା ଆଇନ କାରଣରୁ ଅସଂଗଠିତ କ୍ଷେତ୍ରରେ ଶ୍ରମିକମାନେ ସାମାଜିକ ସୁରକ୍ଷା ଓ ସୁବିଧାରୁ ବଞ୍ଚିତ ହେଉଥିଲେ। ସେହିଭଳି ଅନ୍‌ଲାଇନ୍ ଆପ୍‌ରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ପୂରୁଣା ଆଇନ୍‌ରେ କୌଣସି ବ୍ୟବସ୍ଥା ନ ଥିଲା। ପୂରୁଣା ଆଇନରେ ମହିଳାମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ଥିଲା, ଯାହାକୁ ଏହି ନୂତନ ଆଇନ୍‌ରେ ହଟେଇ ଦିଆଯାଇଛି। ସେହିଭଳି ଅସଂଗଠିତ କ୍ଷେତ୍ର ଓ ଅନ୍‌ଲାଇନ୍ ଆପ୍ ଶ୍ରମିକମାନଙ୍କ ଅଧିକାରକୁ ମଧ୍ୟ ନୂତନ ଆଇନ୍‌ରେ ନିଶ୍ଚିନ୍ତ କରାଯାଇଛି। ଏଭଳି ଉପଯୁକ୍ତ ସଂସ୍କାରକୁ ବିଜେଡି ଓ କଂଗ୍ରେସ ଭଳି ରାଜନୈତିକ ଦଳ ବିରୋଧ କରିବା ସେମାନଙ୍କ ରାଜନୈତିକ ଦେବାଳିଆକୁ ପ୍ରମାଣିତ କରୁଛି।

ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି କ୍ଷମତାରେ ଥିଲାବେଳେ ଶ୍ରମିକମାନଙ୍କୁ କେବଳ ରାଜନୈତିକ ଟୁଲ୍‌କିଟ୍ ଭାବରେ ବ୍ୟବହାର କରିଆସୁଥିଲେ ସେମାନେ ଆଜି ଭଲ ନିୟମକୁ ବିରୋଧ କରିବା ଦୁର୍ଭାଗ୍ୟଜନକ। ଆଜି ରାସ୍ତାରେ ଆନ୍ଦୋଳନ କରୁଥିବା ସଂଗଠନମାନଙ୍କର ରାଜନୈତିକ ଦଳ ଯେତେବେଳେ ପଶ୍ଚିମବଙ୍ଗରେ କ୍ଷମତାରେ ଥିଲେ ସେହି ସମୟରେ ପଶ୍ଚିମବଙ୍ଗରେ ସେମାନଙ୍କ ରାଜନୀତି ପାଇଁ ହଜାର ହଜାର କଳକାରଖାନାରେ ତାଲା ଝୁଲିଲା। ଶ୍ରମିକମାନେ ସର୍ବସ୍ୱ ହରାଇଲେ କିନ୍ତୁ ସେହି ସଂଗଠନମାନେ ନେତାଗିରି କରିବା ସହ ବିଧାୟକ, ସାଂସଦ ହୋଇ କ୍ଷମତା ଉପଭୋଗ କଲେ। ସେହି ସଂଗଠନମାନେ ଶ୍ରମିକମାନଙ୍କ ହିତ ନୁହଁ ବରଂ ରାଜନୈତିକ ସ୍ୱାର୍ଥ ସୁରକ୍ଷା ହିଁ ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ଦକ୍ଷିଣ ଏସିଆରେ ପ୍ରଥମ

# କିଟ୍‌ରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ୍ ପାଠ୍ୟକ୍ରମ

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:** ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ କିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟ ସ୍ଥଳ ଅସୁରକ୍ଷିତ ରହିଥିବା ବେଳେ ଏ ସଂପର୍କରେ ଭାରତ, ଚୀନ୍, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କିଟ୍ ଓ କିସ୍ ଏହି ସବୁ ଐତିହ୍ୟ ସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବ। ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ରୁରାଲ ହେରିଟେଜ୍ ଆଣ୍ଡ୍ ଡେଭେଲପ୍‌ମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। କିସ୍




ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ। ପ୍ରଫେସର ଗାଲା କିଟ୍ ଲ' ସ୍କୁଲ୍ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। କିଟ୍ ଲ' ସ୍କୁଲ୍‌ରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଛି। ପ୍ରଫେସର ଗାଲା ଗତ ବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହି ପ୍ରସ୍ତାବକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଗ୍ରାମୀଣ ପ୍ରେକ୍ଷାପଟ୍ଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରୟାସ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ସମ୍ପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୁଜ - ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଏକାଡେମୀ ଏହି ଐତିହାସିକ ସ୍ଥଳଗୁଡ଼ିକୁ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି।

ମୁଖ୍ୟ ସଚିବଙ୍କ ସହ କେନ୍ଦ୍ର ସମବାୟ ସଚିବଙ୍କ ବୈଠକ

# ସମବାୟ ସମିତି ଦ୍ୱାରା ବ୍ୟାପକ ବହୁମୁଖୀ ସେବା ପ୍ରଦାନକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:** ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ସଚିବ ଆଶିଷ କୁମାର ଭୂଟାନୀ, ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ ଏବଂ ନିର୍ଦ୍ଦେଶକ ମୁକେଶ କୁମାରଙ୍କ ସହ ଓଡ଼ିଶା ଗସ୍ତ କରି ଓଡ଼ିଶାରେ ସମବାୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସମବାୟ ବିକାଶ କମିଟି (ଏସସିଡିସି)ର ଚତୁର୍ଥ ବୈଠକରେ ଯୋଗ ଦେଇଥିଲେ। ତେବେ ବୈଠକରେ ସମବାୟ ସମିତି ଦ୍ୱାରା ବ୍ୟାପକ ବହୁମୁଖୀ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି।




ବୈଠକରେ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ସମବାୟ ସମିତି ନିବନ୍ଧକ( ଆରସିଏସ) କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିବା ସମ୍ପର୍କରେ ଉପସ୍ଥାପିତ ହୋଇଥିଲା । ରାଜ୍ୟବ୍ୟାପୀ ନୂତନ ପାକ୍ସ, ବହୁମୁଖୀ ସେବା ସମବାୟ ସମିତି(ଲାମ୍ପ)ଗୁଡିକର ଶୀଘ୍ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ଯୋଜନା ଅଧୀନରେ ପାକ୍ସରେ ଗୋଦାମ ଗୃହ ନିର୍ମାଣ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପାକ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ-ଔଷଧି କେନ୍ଦ୍ର ଏବଂ ସାଧାରଣ ସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର)ର ପ୍ରତିଷ୍ଠା, ପାକ୍ସ, ଲାମ୍ପଗୁଡ଼ିକୁ ବହୁମୁଖୀ ଓ ଏକକ ସେବା କେନ୍ଦ୍ରରେ ପରିଣତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। କେନ୍ଦ୍ର ସଚିବ ରାଜ୍ୟର ପ୍ରଦର୍ଶନରେ ସନ୍ତୋଷ ବ୍ୟକ୍ତ କରିବା ସହ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ସକ୍ରିୟ କାର୍ଯ୍ୟକାରିତାକୁ ପ୍ରଶଂସା କରିଥିଲେ। ରାଜ୍ୟସ୍ତରରେ ସମବାୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରମୁଖ ରୂପାନ୍ତରଣ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା । ଭିତ୍ତିଭୂମି ବିକାଶ ପାଇଁ ପାକ୍ସ, ଲାମ୍ପସ୍ ଗୁଡ଼ିକୁ ଅତିକମରେ ଏକ ଏକର ସରକାରୀ ଜମି ପ୍ରଦାନ, ପାକ୍ସ ଓ ଲାମ୍ପ ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ର ( ପିପିସି) ର ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଓ ପୁରାତନ ସମବାୟ ସମିତିଗୁଡ଼ିକୁ ସହାୟତା ପାଣ୍ଠି ଓ ଅଂଶଧନ ପ୍ରଦାନ, ସାର ବଣ୍ଟନରେ ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ, ଚଳିତ ବର୍ଷ ଠାରୁ ରାଜ୍ୟରେ ଆବଶ୍ୟକ ହେଉଥିବା ୬୦% ସାର ସମବାୟ ସମିତି ମାଧ୍ୟମରେ ପ୍ରଦାନ ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି। ପାକ୍ସ ମାଧ୍ୟମରେ 'ନାଫେଡ୍' ବଜାର ଏବଂ ଓମଫେଡ୍ କିମ୍ବା 'ଅମୂଲ' ପାର୍ଲର ପ୍ରତିଷ୍ଠା; ପାକ୍ସ, ଲାମ୍ପସ ଜରିଆରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସେସବୁରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ କ୍ୟାଡର ନିୟମ ଓ କେନ୍ଦ୍ରୀୟ ନିଯୁକ୍ତି ପ୍ରକ୍ରିୟା। ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସୁଦୃଢ଼ୀକରଣ, ରାଜ୍ୟର ଅଚଳ ଥିବା କଟକ ଜିଲ୍ଲାର 'ବଡମ୍ବା ଚିନି କଳ' ଏବଂ ବଲାଙ୍ଗିର ଜିଲ୍ଲାର 'ବିଜୟାନନ୍ଦ ସମବାୟ ଚିନି କଳ'ର ପୁନଃ କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନିଆଯାଇଛି। ଭାରତ ସରକାରଙ୍କ ପ୍ରତିନିଧିମାନେ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହ ରାଜ୍ୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଏସଡିସିସି ବୈଠକ ପରେ କେନ୍ଦ୍ର ସଚିବ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହ ଅନୁଷ୍ଠିତ ଆଭାସୀ ବୈଠକରେ ଆଲୋଚନା କରି ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଏବଂ ନିୟମିତ ଭାବେ ଜିଲ୍ଲା ସମବାୟ ବିକାଶ କମିଟି (ଡିସିଡିସି) ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଭାରତ ସରକାରଙ୍କ ସଚିବ ଶ୍ରୀ ଭୂଟାନୀ, ପାକ୍ସ ଏବଂ ଲାମ୍ପସ କର୍ମଚାରୀଙ୍କ ପାଇଁ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ ( ଓକେସିଏଲ୍) ସହାୟତାରେ ଆୟୋଜିତ ଡିଜିଟାଲ୍ ଓ ଆଇଟି ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଓମଫେଡ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ସେ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସୁଦୃଢ଼ ସମବାୟ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ରାଜ୍ୟ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ କେନ୍ଦ୍ର ସଚିବ ଓ ତାଙ୍କ ଟିମ୍‌କୁ ଧନ୍ୟବାଦ ଜଣାଇବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଲକ୍ଷ୍ୟ ପୂରଣ ପାଇଁ ସହଯୋଗ ଲୋଡ଼ିଥିଲେ।

# 'କୋଇଲା ରୟାଲ୍‌ଟିରେ ଓଡ଼ିଶା ପାଉନି ହକ୍'

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:** କୋଇଲା ଉତ୍ପାଦନରେ ନିରନ୍ତର ବୃଦ୍ଧି, ମୁଦ୍ରାସ୍ଫୀତିରେ ବୃଦ୍ଧି, ପରିଚାଳନା ଖର୍ଚ୍ଚରେ ବୃଦ୍ଧି ସତ୍ତ୍ୱେ ଗତ ୧୦ ବର୍ଷ ହେଲା କୋଇଲା ରୟାଲଟି ଦର ସଂଶୋଧନ ହେଉନାହିଁ। ଏଥିଯୋଗୁଁ ଓଡ଼ିଶା ବାର୍ଷିକ ୧୦ ହଜାର କୋଟି ଟଙ୍କାର କ୍ଷତି ସହୁଛି। କୋଇଲା ରୟାଲ୍‌ଟିରେ ଓଡ଼ିଶା ପାଉନି ହକ୍। ଓଡ଼ିଶା ପ୍ରତି ଅନ୍ୟାୟ କରାଯାଉଛି। ଗୁରୁବାର ରାଜ୍ୟସଭାରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଚିନ୍ତା ପ୍ରକଟ କରିଛନ୍ତି ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ସେ କହିଛନ୍ତି ଓଡ଼ିଶାରୁ କୋଇଲା ଆଣି ଦେଶ ବେଶ୍ ଅର୍ଥ ଆଦାୟ କରୁଥିବାବେଳେ ଓଡ଼ିଶାର ଦାବି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କୋଇଲା ଖଣି ଅଞ୍ଚଳରେ ଲୋକେ ବାୟୁ ପ୍ରଦୂଷଣ, ଜଙ୍ଗଲ ଉଚ୍ଛେଦ, ବିଷାକ୍ତ ପାଣି ସହ ବିସ୍ଥାପନ ସମସ୍ୟା ଭୋଗୁଛନ୍ତି। ତେଣୁ ଦେଶକୁ ଅଧିକ ଅର୍ଥ ଯୋଗାଉଥିବା ଏକ ଖଣିଜ ସମ୍ପଦ ଭରା ରାଜ୍ୟ ଆର୍ଥିକ ଦୃଷ୍ଟିରୁ ପଛୁଆ ରହିବା ଉଚିତ ନୁହେଁ। ତେଣୁ ତୁରନ୍ତ କୋଇଲା ରୟାଲଟି ଦରରେ ସଂଶୋଧନ ହେବା ନିହାତି ଜରୁରୀ। ଏହା ହେଲେ ରାଜ୍ୟରେ ନିରନ୍ତର ବିକାଶ ସମ୍ଭବ ହେବ ବୋଲି ଶ୍ରୀ ମଙ୍ଗରାଜ ପ୍ରକାଶ କରିଛନ୍ତି।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ସଂସଦର ଗାନ୍ଧିମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ଧାରଣା

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ଶ୍ରୀମନ୍ଦିର ସୁରକ୍ଷା ସଂପୂର୍ଣ୍ଣ ବିପନ୍ନ। ହତ୍ୟା, ଚୋରି, ଲୁଣ୍ଠନ ଓ ତସ୍କରୀ ଭଳି ଘଟଣା ଉଦବେଗ ଜନକ ହୋଇଛି। ରାଜ୍ୟରେ ପ୍ରତ୍ୟେକ ଦିନ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ରାଜ୍ୟରେ ଥିବା କ୍ଷମତାସୀନ ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ। ଗୁରୁବାର ଏଭଳି ଦାବିରେ ବିଜେଡି ରାଜ୍ୟସଭା ସାଂସଦମାନେ ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ନାରାବାଜି ଦେବା ସହ ଧାରଣା ଦେଇଛନ୍ତି। ସେମାନେ ହେଉଛନ୍ତି ସସ୍ମିତ ପାତ୍ର, ଦେବାଶିଷ ସାମନ୍ତରାୟ, ମାନସ ରଞ୍ଜନ ମଙ୍ଗରାଜ, ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ। ବିଜେଡି ସାଂସଦ ସସ୍ମିତ ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ରାଜ୍ୟର ଆଇନ ଶୃଙ୍ଖଳା ବଜାୟ ରଖିବା କ୍ଷେତ୍ରରେ କ୍ଷମତାସୀନ ସରକାର ବିଫଳ ହେବା ସହ ଶ୍ରୀମନ୍ଦିରକୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ସୁଯୋଗ ନେଇ ନିକଟ ଅତୀତରେ ରାଜ୍ୟସଭା ସାଂସଦ ସୁବାଶିଷ ଖୁଣ୍ଟିଆଙ୍କୁ



ପୁରୀରେ ହତ୍ୟା ଧମକ ଦିଆଯାଇଥିଲା। ଏଥିପାଇଁ ଆମେ ହାତରେ ପ୍ଲାକାର୍ଡ ଧରି ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ନାରାବାଜି ଦେଇଥିଲୁ।

# କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଭାରତବନ୍ଦ ଡାକରାର ପ୍ରଭାବ



**ନୟାଗଡ଼,୧୨।୨/ଏନ୍ଏନ୍ଏସ୍:** ଶ୍ରମ କୋଡ୍ ଉଚ୍ଛେଦ କରି ପୂର୍ବ ଶ୍ରମ ଆଇନକୁ ଲାଗୁକରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା ଧାର୍ଯ୍ୟ କରିବା, ସ୍କିମ ଶ୍ରମିକଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ଜନବିରୋଧୀ ବିଦ୍ୟୁତ ବିଲ୍ ଓ ବିହନ ବିଲ୍ ରଦ୍ଦ କରିବା, ଚାଷୀଫସଲର ଲାଭଜନକ ଦର, ରାଷ୍ଟ୍ରାୟତ ଉଦ୍ୟୋଗର ସୁରକ୍ଷା ଇତ୍ୟାଦି ଦାବି ଉପରେ କେନ୍ଦ୍ରୀୟ ଟ୍ରେଡ୍ୟୁନିଅନ ସମୁହ, ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାଙ୍କ ଦ୍ୱାରା ଆହୂତ ସର୍ବଭାରତୀୟ ସାଧାରଣ ଧର୍ମଘଟ ନୟାଗଡ଼ରେ ସଫଳତାର ସହ ପାଳିତ ହୋଇଯାଇଛି। ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି, ସିସିଟିୟୁ, ଶ୍ରମିକ ୟୁନିଅନର ମିଳିତ ମଞ୍ଚ, କୃଷକ ସଭାର ଶହଶହ ସତ୍ୟାଗ୍ରହୀ ନୟାଗଡ଼ ମୁଖ୍ୟ ଛକରେ ଧାରଣା ଦେବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବିଭିନ୍ନ ଅଫିସ୍, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ ପାଳନ କରିଥିଲେ। ଶତାଧିକ ଗାଡ଼ିମଟର ଅଟକି ରହିଥିଲା ଏବଂ ଗୋଲେଇ ଛକ ଠାରେ ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରତିବାଦ ସଭା ଅନୁଷ୍ଠିତ କରାଯାଇଥିଲା। ଧର୍ମଘଟରେ ଶ୍ରମିକ ନେତା ସତ୍ୟବ୍ରତ ନାୟକ, ପବିତ୍ର ଇନ୍ଦ୍ରଜିତ, ଅମୀୟ ପଟ୍ଟନାୟକ, ହୋସେନ ଖାଁ, ଶ୍ରୀକାନ୍ତ ପଟ୍ଟନାୟକ, ଭୁବନ ହାତୀ, ମନୋଜ ସାହୁ, ପ୍ରତୀକ ମହାପାତ୍ର, ବୁଦ୍ଧି ନାୟକ, ବାସୁଦେବ ମହାନ୍ତି, କୁଳମଣି ପୃଷ୍ଟି, ଆଶା ନେତ୍ରୀ ସରୋଜିନୀ ସାହୁ,ପ୍ରତିଭା ବେହେରା, ପାଚିକା ନେତ୍ରୀ ସାରସ ମାଝୀ, କୁନୀ ସାହୁ, ନାରୀ ନେତ୍ରୀ ଇତି ମାନସିଂହ ପ୍ରମୁଖ ନେତୃତ୍ୱ ନେଇ ଆନ୍ଦୋଳନ ସଫଳ କରିଥିଲେ। ଶ୍ରମିକ ସଂଗଠନର ସମନ୍ୱୟ କମିଟି ଆନ୍ଦୋଳନରେ ସାମିଲ ହୋଇଥିଲେ।

- **ଖୋର୍ଦ୍ଧା:** ଖୋର୍ଦ୍ଧାସ୍ଥିତ ୧୦ଟି ଶ୍ରମିକ ସଂଗଠନ, ସଂଯୁକ୍ତ କିଷାନ ମୋର୍ଚ୍ଚା, ବ୍ୟାଙ୍କ, ବୀମା ଓ ରାଜ୍ୟ ଓ କେନ୍ଦ୍ରୀୟ




ସରକାରୀ କର୍ମଚାରୀ ସଂଗଠନ, ସ୍ୱାଧୀନ ଫେଡେସନ୍ ଆହ୍ୱାନରେ ଡାକରା ଧର୍ମଘଟକୁ ସଫଳ କରିବା ପାଇଁ ଖୋର୍ଦ୍ଧା ସହରରେ ବ୍ୟାପକ ପ୍ରଚାର ଅଭିଯାନ, ଟ୍ରେଡ ୟୁନିଅନମାନଙ୍କ ମିଳିତ ବୈଠକ କରାଯାଇ ଆହ୍ୱାନ ଦିଆଯାଇଥିଲା। ଆଜି ନୂଆ ବସଷ୍ଟାଣ୍ଡ ଠାରୁ ଶ୍ରମିକ ଓ ପାଚିକା ସଂଗଠନ ଓ ବାମପନ୍ଥୀ କର୍ମୀ ମାନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରି ଦାବି ଗୁଡ଼ିକ ସ୍ଲୋଗାନ ମାଧମରେ ପ୍ରଚାର କରି ସହର ପରିକ୍ରମା କରିଥିଲେ। ସମବାୟ ବ୍ୟାଙ୍କ ଛକରେ ଏକ ପ୍ରତିବାଦ ସଭା ସାଯୋଜକ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏ.ଆଇ.ୟୁ.ଟି.ୟୁ.ସି ଖୋର୍ଦ୍ଧା ଜିଲ୍ଲା ସଭାପତି ଅଶୋକ ସାହୁ, ସି.ଆଇ.ଟି.ୟୁ ଜିଲ୍ଲା ଉପ ସଭାପତି ଶୈଳେଶ ବଳିଆରସିଂହ, ସି.ପି.ଆଇ.ଏମ ଖୋରଧା ଲୋକାଲ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ଶିକ୍ଷକ ନେତା ସୁରେଶ ବିଶ୍ୱାଳ, ଛାତ୍ରନେତା ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ବସ୍ତିନେତା କାର୍ତ୍ତିକ ଚନ୍ଦ୍ର ଘଡ଼େଇ, କଂଗ୍ରେସ ନେତା ରଣଜିତ୍ ମହାପାତ୍ର, ମାଜଦା କଂକ୍ରିଟ ଶ୍ରମିକ ନେତା ଯୋଗେନ୍ଦ୍ର ଦାସ, ପାଚିକାମାନଙ୍କ ପକ୍ଷରୁ ମିନତି ଚମ୍ପତି ପ୍ରଭୃତି କେନ୍ଦ୍ର ସରକାରଙ୍କ ଜନବିରୋଧୀ ଶ୍ରମ କୋଡ୍ ବାତିଲ, ସ୍କିମ ଶ୍ରମିକ ମାନଙ୍କ ମାସିକ ଦରମା ୨୬ହଜାର ଟଙ୍କା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଇତ୍ୟାଦି ଦାବି କରି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରିଥିଲେ। ଖୋର୍ଦ୍ଧା ସହରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷା ଅନୁଷ୍ଠାନ, ଅଫିସ୍, ବ୍ୟାଙ୍କ ଓ ବୀମା ଇତ୍ୟାଦି ବନ୍ଦକୁ ସମର୍ଥନ କରି ବନ୍ଦ ଥିଲା। ତିନି ଶହରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀ ଧର୍ମଘଟରେ ସାମିଲ ହୋଇଥିଲେ।

- **ନୟାହାଟ:** ଶ୍ରମିକ ସଙ୍ଗଠନ ଦ୍ୱାରା ଦିଆଯାଇଥିବା ଭାରତ ବନ୍ଦ ଡାକରା ଗୋପ ବ୍ଲକର ନୟାହାଟ ଅଞ୍ଚଳରେ ଆଂଶିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ବ୍ୟାଙ୍କ ଯାତ୍ରୀବାହୀ ବସ ଚଳାଚଳ ୧୨ଘଣ୍ଟା ପାଇଁ ବନ୍ଦ ଥିବାବେଳେ ସ୍କୁଲ କଲେଜ୍ ସରକାରୀ ଅଫିସ ଓ ଦୋକାନ ବଜାର ଖୋଲା ରହିଥିଲା। କୌଣସି ଠାରେ ଗଣ୍ଡଗୋଳ ବା ଅପ୍ରୀତିକର ପରିସ୍ଥିତି ହୋଇନାହିଁ ଓ ଶାନ୍ତିଶୃଙ୍ଖଳା ସହିତ ବନ୍ଦ ପାଳନ ହୋଇଥିଲା ବୋଲି ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ପ୍ରକାଶ କରିଛନ୍ତି।

- **ଅସ୍ତରଙ୍ଗ:** ପୁରୀ ଜିଲ୍ଲା କାକଟପୁରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଓ କିସାନ କଂଗ୍ରେସ ମୋର୍ଚ୍ଚା ତରଫରୁ ଡକାଯାଇ ଥିବା ୧୨ଘଣ୍ଟିଆ ବନ୍ଦ ପ୍ରଭାବରେ ସ୍ୱତଃ ପ୍ରବୃତ୍ତ ଭାବେ ସମସ୍ତ ଦୋକାନ, ବଜାର, ଗାଡ଼ି, ମୋଟର, ଆଦି ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏହି ବନ୍ଦ ଡାକରାରେ, ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା, ପାଚିକା, କୃଷକ ମୋର୍ଚ୍ଚା ଆଦି ସଙ୍ଘ ମାନେ ଯୋଗଦେଇଥିଲେ। ଏହି ବନ୍ଦ ସଫଳ କରିବାକୁ ସାଧାରଣରେ ସଙ୍ଘ ତରଫରୁ ବିଭିନ୍ନ ସ୍ଲୋଗାନ ମାନ ଦିଆଯାଇ ବଜାର ପରିକ୍ରମା କରାଯାଇଥିଲା। ଏହି ବନ୍ଦ ଡାକରାରେ ଅଖିଳ ଭାରତୀୟ କୃଷକ ମୋର୍ଚ୍ଚା ସଭାପତି ଆଶିଷ କାନୁନଗୋ, ରାଜ୍ୟ ଶ୍ରମିକ ନେତା ଗୋଲଖ ଚନ୍ଦ୍ର ନାୟକ, କାକଟପୁର , ଅସ୍ତରଙ୍ଗ ଜୋନ ସଂପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ବିପିନ ବିହାରୀ ରାଉତ, ରାମଚନ୍ଦ୍ର ରଣା, ଅଙ୍ଗନବାଡି ବ୍ଲକ ସଭା ନେତ୍ରୀ ପ୍ରିୟମ୍ବଦା ମିଶ୍ର, ଲଳିତା ଦେଇ, ପ୍ରଣତିପ୍ରଭା ରାଉତ, ବିଦ୍ୟୁଲତା ମହାରଣା, ମିନାକ୍ଷୀ ପଣ୍ଡା, ସୌଦାମିନୀ ବେହେରା, ମାନସୀ ଦଳାଇ ପ୍ରମୁଖ ଶତାଧିକ କର୍ମୀ ସାମିଲ ଥିଲେ।

- **କୋଣାର୍କ:** ଭାରତ ବନ୍ଦ ଡାକରାରେ ଆଜି ସକାଳୁ କୋଣାର୍କଠାରେ ସିପିଆଇ ନେତା ମନୋରଞ୍ଜନ ପରିଡା,



ସୁକାନ୍ତ ମହାନ୍ତି ଓ କଂଗ୍ରେସ ନେତା ଭାସ୍କର ସେଠଙ୍କ ନେତୃତ୍ୱରେ ସିପିଆଇ ଓ କଂଗ୍ରେସ କର୍ମୀମାନେ କୋଣାର୍କର ବିଭିନ୍ନ ସ୍ଥାନରେ ମଟରସାଇକେଲରେ ବୁଲି ପିକେଟିଂ କରି ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ଟିକେଟ ଘର ଓ ମୁଖ୍ୟ ଫାଟକ ଓ ବାଖ୍ୟାନ କେନ୍ଦ୍ର ଓ ମ୍ୟୁଜିୟମରେ ତାଲା ପକାଇ ମନ୍ଦିର ବନ୍ଦ କରିବା ସହ ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ଓ ସମସ୍ତ ଶିକ୍ଷନୁଷ୍ଠାନଗୁଡିକୁ ବନ୍ଦ କରିଥିଲେ। ଫଳରେ ବିଭିନ୍ନ ରାଜ୍ୟରୁ ପୂର୍ବରୁ ଆସିଥିବା ଶତାଧିକ ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ବୁଲି ନପାରି ବହୁତ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ବନ୍ଦ ଯୋଗୁଁ ଗାଡି ଚଳଚଳ ବନ୍ଦ ଯୋଗୁଁ ଗମନାଗମନ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା।

- **ଚାରିଛକ:** କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧି ନୀତି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ



ମଞ୍ଚ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଧର୍ମଘଟ ଓ ହରତାଳ ସଫଳ ହୋଇଥିବା ବେଳେ ଜରୁରୀକାଳୀନ ସେବା ଅବ୍ୟାହତ ରହିଥିଲା। ଚାରିଛକଠାରେ ଏହି ବନ୍ଦ ଡାକରାକୁ ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳିଥିବା ଦେଖିବାକୁ ମିଳିଥିଲା। ଚାରିଛକ ଠାରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ବେଳେ ଜରୁରୀ କାଳୀନ ସେବା ଠିକ ଠାକ ଚାଲୁ ରହିଥିଲା। ବନ୍ଦ ଡାକରାରେ କୃଷକନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ପ୍ରଦୀପ୍ତ କୁମାର ମହାନ୍ତି, ନୃସିଂହ ମହାନ୍ତି, ଶିବ ବିଶ୍ୱାଳ, କାଳନ୍ଦୀ ବେହେରା, ବନ ବିହାରୀ ଦାଶ, ରଘୁନାଥ ବେହେରା, ଶଙ୍କର ପରିଡା, ଗୋବର୍ଦ୍ଧନ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

- **ଡେଲାଙ୍ଗ:** କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ମିଳିତ ମଞ୍ଚ ପକ୍ଷରୁ ହରତାଳ ଓ ଧର୍ମଘଟ ଡାକରା ଦିଆଯାଇଥିବା ବେଳେ ଡେଲାଙ୍ଗର ବିଭିନ୍ନ ସ୍ଥାନରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଡେଲାଙ୍ଗ ହାଟ ବଜାର ସନ୍ନିକଟ ରାମଚନ୍ଦ୍ରପୁର ଠାରେ ସିପିଆଇଏମଏଲ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଧର୍ମଘଟ ପ୍ରଦର୍ଶନ କରାଯାଇଥିଲା। ଧର୍ମଘଟରେ ଏଆଇସିସିଟିୟୁର ଜିଲ୍ଲା ସମ୍ପାଦକ ସତ୍ୟମନ୍ୟୁ ପ୍ରଧାନ, ଏଆଇକେଏମ୍ ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ମହାରଣାଙ୍କ ସହିତ ବାମପନ୍ଥୀ ଦଳୀୟ କର୍ମକର୍ତ୍ତା ଉମାକାନ୍ତ ବାରାଳ, ହୁସେନ୍ ଭାଇ, ଗୋଲାପ ବେହେରା, ତ୍ରିଲୋଚନ ବେହେରାଙ୍କ ସମେତ ଶତାଧିକ ସମର୍ଥକ ହରତାଳରେ ସାମିଲ ହୋଇଥିଲେ। ଏହା ସହିତ ରାମଚନ୍ଦ୍ରପୁର, ଡେଲାଙ୍ଗ ହାଟ ବଜାର, ଷ୍ଟେଟବ୍ୟାଙ୍କ, ମଣପୁରମ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଓ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ ପ୍ରଦର୍ଶନ କରାଯାଇଥିଲା।

- **କୁଆଁପାଳ:** ଆଜି କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ମିଳିତମଞ୍ଚ ପକ୍ଷରୁ ଗୁରୁବାର ଦିନ ୧୨ଘଣ୍ଟିଆ ବନ୍ଦ ଓ ହରତାଳ ଡାକରା ଦିଆଯାଇଥିଲା। ଏହି ଧର୍ମଘଟକୁ ଓଡ଼ିଶାରେ ଶ୍ରମିକ ସଂଗଠନ ଗୁଡିକର ରାଜ୍ୟଶାଖା ସମେତ ବିଜେଡି, କଂଗ୍ରେସ, ବାମଦଳଗୁଡିକ ସମର୍ଥନ ଦେଉଥିବାରୁ ବନ୍ଦର ପ୍ରଭାବ ପଡିବା ନେଇ ଚର୍ଚ୍ଚା ହେଉଥିଲା। ଅପରପକ୍ଷରେ ବସ୍ ଚଳାଚଳକୁ ଛାଡିଦେଲେ ମାହାଙ୍ଗା ଅଞ୍ଚଳରେ ଦେକାନବଜାର ସ୍କୁଲ, କଲେଜ୍, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ଟାଙ୍କି ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏପରିକି ଚାରିଚକିଆ ଯାନ ଚଳାଚଳ କରୁଥିଲା। ସାଧାରଣରେ ଚର୍ଚ୍ଚା ହେଉଛି ଯେ ବନ୍ଦକୁ ଗ୍ରହଣ କଲେନି ସାଧାରଣ ଜନତା ଯାହାଫଳରେ ମାହାଙ୍ଗାରେ ଭାରତବନ୍ଦ ପ୍ରଭାବ ଶୂନ୍ୟ ହୋଇପଡିଛି।

- **ମାହାଙ୍ଗା:** ଆଜି କୁମୁଡା ପୋଲ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ




ନୀତି ଓ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମିକ ନେତା କମ୍ରେଡ ରଞ୍ଜନ କୁମାର ଓଝା, ଶ୍ରମିକ ନେତା ହରିହର ମହାନ୍ତି, ଅଙ୍ଗନବାଡି ସଭାନେତ୍ରୀ ରଶ୍ମିବାଳା ମହାନ୍ତି,ସିପିଆଇ ସଂପାଦକ ଆଦିକନ୍ଦ ମଲ୍ଲିକ, ପ୍ରଶାନ୍ତ କୁମାର ସୁତାର, ହୃଷିକେଶ ଦାସ, ରତି ଲେଙ୍କା, ସ୍ମୃତି ପ୍ରିୟ ବିଶ୍ୱାଳ, ଆଶାଲତା ସିଂହ, ତୃପ୍ତି ରଞ୍ଜିତା ଶତପଥି, ଜ୍ୟୋସ୍ନା ମହାରଣା, ଗଣେଶ୍ୱର ପାତ୍ର, ଅଭିମନ୍ୟୁ ସାହୁ, ଚିତ୍ତରଞ୍ଜନ ସାହୁ, ଅନିଲ କୁମାର ମଲିକ, ହରେକୃଷ୍ଣ ରାଉତ, ମାଧବାନନ୍ଦ ପୃଷ୍ଟି, ସନ୍ତୋଷ ମହାନ୍ତି, ଅନୁପ କୁମାର ସିହ୍ନା, ସୁବାଷ ବେହେରା, ପରୀକ୍ଷିତ ଜେନା, ଗୀତାଞ୍ଜଳି ପ୍ରଧାନ, ପ୍ରଦାୟିନୀ ବାରିକ, ଭାନୁମତୀ ସାହୁ, ସ୍ମୃତିପ୍ରିୟ ସିଂହ, ୟୁଲେଖ ଖାତୁନଙ୍କ ସମେତ ବହୁ ଶ୍ରମିକ ଏବଂ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଉପସ୍ଥିତ ରହି ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଡା ସମାଲୋଚନା କରିଥିଲେ।

- **ଓଡ଼ଗାଁ:** ଓଡ଼ଗାଁରେ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାବେଳେ ଅଖଚକ ବନ୍ଦ ଥିବା ଦେଖିବାକୁ



ମିଳିଥିଲା। ଓଡଗାଁ ବ୍ଲକ୍ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ରଣପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସର ଯୁବନେତା ବିଭୁପ୍ରସାଦ ମିଶ୍ର, ସିପିଆଇ (ଏମ୍) ନେତା ଗୋଲଖ ମୁଦୁଲି, କିଶାନ କଂଗ୍ରେସ ଜିଲ୍ଲା ଅଧ୍ୟକ୍ଷ ବସନ୍ତ କର, ଓଡଗାଁ ନଗର କଂଗ୍ରେସ ସଭାପତି ବିଭୁତି ରାଉତ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନୟାଗଡ଼ ଜିଲ୍ଲା ଚାଷୀମୁଲିଆ ସଂଘ ସଭାପତି ଆଲୋକ ପ୍ରଧାନ, ସିପିଆଇଏମ୍ ଜିଲ୍ଲା ମହିଳା ସମ୍ପାଦିକା ଜ୍ୟୋତ୍ରୀପ୍ରଭା ଜେନା, ବରିଷ୍ଠ କଂଗ୍ରେସ ନେତା ଭଗବାନ ଆଚାର୍ଯ୍ୟ, ଶ୍ରୀନିବାସ ନାୟକ, ପ୍ରକାଶ କୁମାର ପାଣିଗ୍ରାହୀ, ପ୍ରତାପ କୁମାର ବେହେରା, ପିତାମ୍ବର ଡାକୁଆ, ସୋମନାଥ ସାହୁ, ବିମଳ କୁମାର ନନ୍ଦ, ନିରଞ୍ଜନ ସାହୁ, ଭାଗିରଥି ସ୍ୱାଇଁ, ଓ ନିରଞ୍ଜନ ରାଉତ ଉପସ୍ଥିତ ଥିଲେ। ବିଜେପି ସରକାର ଦରଦାମ ବୃଦ୍ଧି କରିବା ସହିତ ଗରିବ, ଖଟିଖିଆ ଓ ଚାଷୀମାନଙ୍କୁ ସେମାନଙ୍କ ହକ ପ୍ରଦାନ କରିବାରେ ଟାଳଟୁଳ ନୀତି ଆପଣାଇଛି। ଧାନ କଟନି ଛଟନିରେ ମଧ ଚାଷୀ କ୍ଷତି ସହିଛନ୍ତି। ରାଜ୍ୟର ବିଜେପି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି ଆନ୍ଦୋଳନକାରୀ କହିଥିଲେ। ସୁରକ୍ଷା ଦୃଷ୍ଟିରୁ ଓଡ଼ଗାଁ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ଥାନା ଅଧିକାରୀ ସତ୍ୟ ନାରାୟଣ ବାରିକ, ସବ ଇନ୍ସପେକ୍ଟର ଚକ୍ରଧର ସିଂହ ଓ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି କର୍ମୀମାନଙ୍କୁ ବୁଝାସୁଝା କରିଥିଲେ।

- **ଶରଣକୁଳ:** ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଧର୍ମଘଟ ଆଜି ଶରଣକୁଳରେ ସଫଳ ହୋଇଥିବା ପରିଲକ୍ଷିତ ହୋଇଥିଲା। ବିଭିନ୍ନ ସ୍ଥାନମାନଙ୍କରେ ପିକେଟିଙ୍ଗ ଓ ସଭା କରାଯାଇଥିଲା। ଆନ୍ଦୋଳନକାରୀମାନେ ଶରଣକୁଳ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏହାଦ୍ୱାରା ବିଭିନ୍ନ ମୋଟରଗାଡି ରାସ୍ତାରେ ଅଟକି ରହିଥିବା ବେଳେ ଦୋକାନବଜାର, ସ୍କୁଲ କଲେଜ, ବ୍ୟାଙ୍କ ଗୁଡିକୁ ଯାଇ ବନ୍ଦ କରିଥିଲେ। ଏଥିରେ ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ମହାପାତ୍ର, ରୁଷି ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ରାଜନ ମହାପାତ୍ର, କୃଷକ ନେତା ଗୋଲକ ମୁଦୁଲି, ରାଜ୍ୟ ଯୁବନେତା ସରୋଜ ନାୟକ, ମହିଳା ନେତ୍ରୀ ଜ୍ୟୋତି ଜେନା, ଯୁବନେତା ବିଭୁ ମହାପାତ୍ର, ଆଲୋକ ପ୍ରଧାନ ଓ ଭାଗିରଥି ସ୍ୱାଇଁ ସମେତ ଶତାଧିକ କର୍ମୀ ଏଥିରେ ସାମିଲ୍ ହୋଇଥିଲେ।

- **ସାକ୍ଷୀଗୋପାଳ:** ସତ୍ୟବାଦୀରେ ଭାରତ ବନ୍ଦ ଡାକରା ଆଂଶିକ ପ୍ରଭାବ ପଡିଥିବା ଦେଖାଯାଇଥିଲା। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା



ପର୍ଯ୍ୟନ୍ତ ଏହି ଡାକରା ଦିଆଯାଇଛି। ସତ୍ୟବାଦୀରେ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ଖୋଲା ରହିଥିଲା। କେତେକ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ସେମାନେ ସ୍ୱଇଛା ରେ ଦୋକାନ ବଜାର ବନ୍ଦ କରିଥିଲେ। ପୁରୀ - ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥରେ ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଛି। ସତ୍ୟବାଦୀରେ ଅଲଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ନେତା ସୁବାଷ ବରାଳ, ସଂଗଠନର ସଭାପତି ଶ୍ୟାମସୁନ୍ଦର ମହାପାତ୍ର, ଓ ସମ୍ପାଦକ ହାଡିବନ୍ଧୁ ବେହେରାଙ୍କ ସହିତ ସୁବାସ ବେହେରାଙ୍କ ସହକର୍ମୀ ମାନେ ସାକ୍ଷୀଗୋପାଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ସେହିପରି ସାକ୍ଷୀଗୋପାଳ ପୋଷ୍ଟ ଅଫିସ, ଏଚଡିଏଫସିଆଇ ବ୍ୟାଙ୍କ ସହିତ ସତ୍ୟବାଦୀ ବ୍ଲକ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ ରହିଥିଲା। ସତ୍ୟବାଦୀ ଅଙ୍ଗନବାଡ଼ି କର୍ମୀମାନେ ଏହି ଡାକରାକୁ ସମର୍ଥନ ଜଣାଇ ସତ୍ୟବାଦୀ ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ପୋଲିସ ଉପସ୍ଥିତ ଥିଲେ।

# ବିଡିଓଙ୍କ ବଦଳି ଦାବିରେ ଧାରଣା ତୃତୀୟ ଦିନରେ




**ବୋଲଗଡ଼,୧୨।୨/ଏନ୍ଏନ୍ଏସ୍:** ବୋଲଗଡ଼ ବିଡ଼ିଓଙ୍କ ବଦଳି ଦାବିରେ ସ୍ୱାଭିମାନ ମଞ୍ଚ ତଥା ଜନ ପ୍ରତିନିଧିଙ୍କ ପକ୍ଷରୁ ଆହୋରାତ୍ର ଧାରଣା ତୃତୀୟ ଦିନରେ ପହଞ୍ଚିଛି। ସୂଚନାଯୋଗ୍ୟ ସ୍ଥାନୀୟ ଜନ ସାଧାରଣଙ୍କ ପ୍ରତି ବୋଲଗଡ଼ ପଞ୍ଚାୟତ ସମିତି ବିଡ଼ିଓଙ୍କ ମନମାନୀରେ ଚାଲିଛି ବୋଲି ଜନ ପ୍ରତିନିଧିଙ୍କ ଅଭିଯୋଗ ଆଣିଛନ୍ତି।ପଂଚାୟତ ସମିତିର ଜନ ପ୍ରତିନିଧି ଓ ଅଂଚଳବାସୀଙ୍କ ସଂମ୍ମାନ,ସ୍ୱାଭିମାନଙ୍କୁ ଅସମ୍ମାନ ଏପରିକି କୁଠାରଘାତ ତଥା ମନମୁଖୀ ଶାସନ କରୁଥିବା ହେତୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏହାର ତୀବ୍ର ବିରୋଧ କରାଯାଇଛି। ବିଡ଼ିଓ ସୁମନସୁଦ୍ଧା କୁଣ୍ଡୁଙ୍କର ସାମ୍ବିଧାନିକ ଅସମ୍ମାନ ଜନକ ଏତାଦୃଶ ଅହଂକାର ଯୁକ୍ତ ଆଚରଣକୁ ନେଇ ବ୍ଲକ ଅଂଚଳର ସମସ୍ତ ଜନ ପ୍ରତିନିଧି ମାନେ ନାପସନ୍ଦ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।ଏହି କାରଣକୁ ନେଇ ଜନ ପ୍ରତିନିଧିଙ୍କ ସମେତ ବ୍ଲକ ଅଂଚଳର ସର୍ବଦଳୀୟ ଓ ସ୍ୱାଭିମାନ ମଞ୍ଚ ପକ୍ଷରୁ ଜାନୁଆରୀ ୨୮ରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ସ୍ଥାନୀୟ ତହସିଲଦାର ଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱର ସାଂସଦ ଓ ଜିଲ୍ଲାପାଳ ପ୍ରମୁଖଙ୍କ ନିକଟକୁ ବିଡ଼ିଓଙ୍କ ବଦଳି ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।ତେବେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ପଦକ୍ଷପ ନନିଆଯିବାରୁ ପୁନର୍ବାର ଫେବୃଆରୀ ୧୦ ମଙ୍ଗଳବାର ଜନ ପ୍ରତିନିଧିଙ୍କ ସମେତ ସ୍ୱାଭିମାନି ମଞ୍ଚ ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ଆହୋରାତ୍ର ଧାରଣାରେ ବସିଛି। ତେବେ ଇତି ମଧରେ ୩ଦିନ ବିତି ଯାଇଥିଲେ ହେଁ ଏହାର ପ୍ରଭାବ ସରକାରଙ୍କ ନିକଟରେ ନପହଞ୍ଚିବା ଦୁଃଖ ଓ ପରିତାପର ବିଷୟ ବୋଲି ତଥାଭିଜ୍ଞ ମହଲରେ ଆଲୋଚନା ହେଉଛି। ତୃତୀୟ ଦିବସରେ ବିଧାୟକ ପ୍ରଦୀପ କୁମାର ସାହୁ ଧାରଣାରେ ବସି ରହି ସରକାରଙ୍କ ଏତାଦୃଶ କଠୋର ମନୋବୃତ୍ତିର କାର୍ଯ୍ୟକୁ ଅତିବ ନିନ୍ଦନୀୟ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯେ ପର୍ଯ୍ୟନ୍ତ ସରକାର ବିଡିଓଙ୍କୁ ଏଠାରୁ ଅନ୍ୟତ୍ର ବଦଳି ନ କରିଛନ୍ତି ସେ ପର୍ଯ୍ୟନ୍ତ ଏ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇ ଯୁବକ ଅଟକ

**ପୁରୀ,୧୨।୨/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ମନ୍ଦିର ଚାରିପାଖରେ ଡ୍ରୋନ ଉଡାଣ ଉପରେ କଟକଣା ଜାରି ରହିଥିବା ସତ୍ତ୍ୱେ ଆଜି ସନ୍ଧ୍ୟା ୫ ଘଟିକାରେ ଜଣେ ଯୁବକ ଡ୍ରୋନ ଉଡାଇବାକୁ ଚେଷ୍ଟା କରୁଥିବା ବେଳେ ପୁରୀ ପୋଲିସ ଦ୍ୱାରା ଧରାପଡ଼ିଛନ୍ତି। ବିଶ୍ୱସନୀୟ ସୂଚନା ଆଧାରରେ କର୍ଣ୍ଣାଟକର ଅଭ୍ୟୁଦୟ ସିନ୍ହା (୨୫) ଜଗନ୍ନାଥ ମନ୍ଦିର ଉପରେ ଡ୍ରୋନ ଉଡାଇବାକୁ ଚେଷ୍ଟା କରୁଥିବା ବିଷୟରେ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂହଙ୍କ ନିକଟକୁ ଖବର ପହଞ୍ଚିଥିଲା। ଏହା ପରେ ଏସ୍ପି ପୁରୀଙ୍କ ନିର୍ଦ୍ଦେଶକ୍ରମେ ସିଂହଦ୍ୱାର ଥାନାର ବିଶେଷ ଦଳକୁ ତୁରନ୍ତ କାର୍ଯ୍ୟରତ କରାଯାଇଥିଲା। ଦୁଇଟି ପୋଲିସ ଟିମ ଡ୍ରୋନ ଗତିବିଧିକୁ ଟ୍ରାକ୍ କରି ପିଛା କରିଥିଲେ। ପରବର୍ତ୍ତୀ ତଦନ୍ତରେ ଡ୍ରୋନଟି ଉତ୍ତର ଦ୍ୱାର ସମ୍ମୁଖରେ ପଣ୍ଡା ଗଳି ଅଞ୍ଚଳରେ ଥିବା ଚିହ୍ନଟ ହୋଇଥିଲା। ସେଠାରେ ଚଢ଼ାଉ କରି ପୋଲିସ ଡ୍ରୋନ ଚାଳକ ଅଭ୍ୟୁଦୟ ସିନ୍ହାଙ୍କୁ ଧରିଥିଲେ ଏବଂ ତାଙ୍କ ନିକଟରୁ ଡ୍ରୋନ ଜବତ କରାଯାଇଛି। ଶ୍ରୀମନ୍ଦିର ଅଞ୍ଚଳକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରାଯାଇଥିବାରୁ ଏଠାରେ ଡ୍ରୋନ ଉଡାଣ ପୂର୍ଣ୍ଣରୂପେ ନିଷିଦ୍ଧ। ସୁରକ୍ଷା ଦୃଷ୍ଟିକୋଣରୁ ଏହି ପ୍ରକାର ଅବୈଧ କାର୍ଯ୍ୟକଳାପ ଉପରେ ପୁରୀ ପୋଲିସ କଠୋର ନଜର ରଖିଛି। ଘଟଣା ସମ୍ପର୍କରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିବ।

# କିନ୍ନର ହତ୍ୟା ଘଟଣାର ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

**କୋଣାର୍କ,ପିପିଲି,୧୨।୨/ଏନ୍ଏନ୍ଏସ୍:** ଗତ ଫେବୃଆରୀ ୧ ତାରିଖରେ ବହୁ ଚର୍ଚ୍ଚିତ ପିପିଲି କିନ୍ନର ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଆସାମୀ କ୍ରିଷ୍ଣା କାଣ୍ଡି(୨୫)କୁ ଗତ ବୁଧବାର ପୁଲିସ ପିପିଲି-ଭୁବନେଶ୍ୱର ବାଇପାସ ନାୟରା ପେଟ୍ରୋଲ ପମ୍ପ ନିକଟରେ ଏନ୍କାଉଣ୍ଟର କରି ଗିରଫ କରିବାର ୨୪ଘଣ୍ଟା ନ ପୁରୁଣୁ ଏହି ଘଟଣାରେ ସଂପୃକ୍ତ ଅନ୍ୟଜଣେ ଅଭିଯୁକ୍ତକୁ ପୁଲିସ ଆଜି ଗିରଫ କରିଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ସଂଗ୍ରହକରି ଗତକାଲି ବିଳମ୍ବିତ ରାତିରେ କୋଣାର୍କ ପୁଲିସର ସହଯୋଗରେ ପିପିଲି ପୁଲିସ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ସ୍ପେଶିଆଲ୍ ଟିମ୍ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତ ବିଆଁଳ ଗ୍ରାମ ମଠସାହିରେ ଲୁଚିଥିବା ଅନ୍ୟଜଣେ ଅଭିଯୁକ୍ତ ଆସାମୀ ସନିଲ କାଣ୍ଡି ଓରଫ ଗୋଜା(୨୨)କୁ ଅଚାନକ ଚଢ଼ଉକରି ଗିରଫ କରିଥିଲା। ସୂଚନା ଥାଉ କି ପୁରୀ ଏସପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଦୁଇଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନକରି ଦୀର୍ଘ ୧୧ଦିନର



ପରିଶ୍ରମ ପରେ ମୁଖ୍ୟ ଦୁଇ ଅଭିଯୁକ୍ତର ଟେର୍ ପାଇ ପୁଲିସ ଧରିବାରେ ସଫଳ ହୋଇଛି। ଜାତୀୟ ରାଜପଥ କଡରେ କିନ୍ନର ହତ୍ୟାକାଣ୍ଡ ଘଟଣାରେ ପୁଲିସକୁ ଶେଷରେ ବଡ଼ ସଫଳତା ମିଳିଛି। ଏହି ଅଭିଯୁକ୍ତମାନେ ସେଦିନ ଛିନ୍ତାଇ ଲକ୍ଷ୍ୟ ନେଇ ପ୍ରଥମେ କିନ୍ନର ଭ୍ୟାନିଟ୍କୁ ଛଡ଼ାଇଥିଲେ। ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଓ ସଂଘର୍ଷ ହୋଇ ବିଭସ ହତ୍ୟାକାଣ୍ଡ ଘଟିଥିଲା। ୩ଜଣ ଅଭିଯୁକ୍ତ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ବାଇକ୍ ଯୋଗେ ଆସୁଥିବା ବେଳେ ଜାତୀୟ ରାଜପଥର ସିଫା ସମ୍ମୁଖ ରାସ୍ତା ପାଖରେ ଦିନେଶ ଓରଫ୍ ସୋନା ଓରଫ ଅଞ୍ଜଳି କିନ୍ନର ଭ୍ୟାନିଟି ହାତରେ ଓହଳାଇ ଠିଆ ହୋଇଥିଲେ। ବାଇକ୍‌ରେ ଆସିଥିବା ୩ଜଣଙ୍କ ମଧ୍ୟରୁ ଦୁଇଜଣ କିନ୍ନରକୁ ବାଲିଗଦା ନିକଟକୁ ଡାକି ତା'ର ଭ୍ୟାନିଟି ଛଡ଼ାଇଥିଲେ ଓ ସେଠାରେ ଛୁରୀଭୁସି ବିଭସ ହତ୍ୟାକରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

# ପୂର୍ବତନ ପ୍ରାଣୀଧନ ଚିକିତ୍ସକଙ୍କ ପରଲୋକ



**ନିମାପଡ଼ା,୧୨।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଅଞ୍ଚଳର ଜଣାଶୁଣା ପ୍ରାଣୀଧନ ଚିକିତ୍ସକ ତଥା ସମାଜସେବୀ ତରୁଣ କୁମାର ପଣ୍ଡାଙ୍କର ମଙ୍ଗଳବାର ରାତି ୨ଟା ୩୦ ମିନିଟ୍‌ରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ପଶୁ ଚିକିତ୍ସା କ୍ଷେତ୍ରରେ ବେଶ୍ ନାଁ କମେଇ ଥିଲେ। ଅତ୍ୟନ୍ତ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ। ଚାକିରିରୁ ଅବସର ପରେ ସେ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ ନାମରେ ଏକ ସଂଗଠନ କରି ସମାଜସେବା କ୍ଷେତ୍ରକୁ ଓହ୍ଲାଇ ଥିଲେ। ରକ୍ତଦାନ, କମ୍ବଳ ବଣ୍ଟନ, ବାତ୍ୟା ବନ୍ୟା ତଥା ବିପନ୍ନ ସମୟରେ ସେ ନିଜ ସଂଗଠନ ମାଧ୍ୟମରେ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରୁଥିଲେ। ତାଙ୍କ ପୈତୃକ ଘର ସ୍ଥାନୀୟ ବ୍ଲକ୍ ଅନ୍ତୁଆର ପଞ୍ଚାୟତ ନହନ୍ତରା ଗ୍ରାମରେ। ସେ ନିମାପଡ଼ା ଏନ୍ଏସି ଅଧିନ ମହାବୀର କଲୋନୀରେ ବାସ କରୁଥିଲେ। ତାଙ୍କ ନିଧନରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ନିତିଦିନ NITIDIN



# ଡେଲାଙ୍ଗରେ ସୁଭଦ୍ରା ଶକ୍ତି ଭବନ ଫଳକ ଲୋକାର୍ପିତ



**ଡେଲାଙ୍ଗ,୧୨।୨/ଏନ୍‌ଏନ୍‌ଏସ୍:** ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବୁଧବାର ଡେଲାଙ୍ଗ ବ୍ଲକ ଗସ୍ତରେ ଆସି ବେରବୋଇସ୍ଥିତ ଗାନ୍ଧୀପୀଠର ଉନ୍ନତି କରଣ ପାଇଁ ଶିଳାନ୍ୟାସ କରିଛନ୍ତି। ସେହିପରି ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳା ଗୋଷ୍ଠୀମାନଙ୍କ ପାଇଁ ନିର୍ମିତ ଶୁଭଦ୍ରା ଶକ୍ତି ଭବନ ଫଳକକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଂଚଳର ଐତିହ୍ୟ ବହନ କରୁଥିବା ଗାନ୍ଧୀପୀଠରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପହଞ୍ଚି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତୀରେ ସୂତ୍ର ଓ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗାନ୍ଧୀ ସ୍ମାରକୀ ସମିତି ସଭାପତି କୁନ୍ତଳା ବିଶ୍ୱାଳ, ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ଗାନ୍ଧୀ ତତ୍ତ୍ୱପ୍ରଚାରକ ଅନାମ ମଲିକ, ନଳିନୀ ରଞ୍ଜନ ପଟ୍ଟନାୟକ, ଅମରେନ୍ଦ୍ର ବାରିକ, କସ୍ତୁରବା ସେବା କେନ୍ଦ୍ର ସଂଚାଳିକା କବିତାରାଣୀ ପରିଡା ପ୍ରମୁଖଙ୍କ ସମେତ ସମିତିର ସଦସ୍ୟମାନେ ଉପସ୍ଥିତ ରହି ସର୍ବଧର୍ମ ପ୍ରାର୍ଥନା ଓ ରାମଧୂନୀ ଆବୃତି କରିଥିଲେ। ଓଡିଶା ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ଆୟୋଜିତ ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଗାନ୍ଧୀପୀଠର ଉନ୍ନତି କରଣ ନିମନ୍ତେ ୬କୋଟି ଟଙ୍କାର ପ୍ରକଳ୍ପ ସହିତ ୨କୋଟି ଟଙ୍କାର ଶୁଭଦ୍ରା ଶକ୍ତି ଭବନ ଫଳକକୁ ଲୋକାର୍ପଣ କରିଥିଲେ। ମହିଳା ଗୋଷ୍ଠୀ ମାନଙ୍କ ପାଇଁ ପ୍ରତି ପଞ୍ଚାୟତରେ ବିଧାୟକଙ୍କ ପାଣ୍ଠିରୁ ମହିଳା ବୈଠକି ଗୃହ ନିର୍ମାଣ କରାଯିବ ଯାହା ଫଳରେ ମହିଳା ମାନେ ଏକତ୍ର ବୈଠକ କରିବାରେ ସହାୟ ହୋଇପାରିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତ ରଖିଥିଲେ। ସ୍ଥାନୀୟ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କ ଉପସ୍ଥିତରେ ୨୩ଜଣ ସିକିମ ରହିତଧାରୀଙ୍କୁ ସ୍ଥିତିବାନ ପଟ୍ଟା ଉପ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ପୁରୀ ସାଂସଦ ଡା. ସମ୍ବିତ୍ ପାତ୍ର ଯୋଗଦେଇ ପୁରୀ ଜିଲ୍ଲାକୁ ଲକ୍ଷ୍ୟପତି ଦିଦି ଯୋଜନାରେ ୧ନମ୍ବର କରିବାକୁ ନିବେଦନ କରିଥିବା ବେଳେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଡେଲାଙ୍ଗ ଅଞ୍ଚଳର ଐତିହ୍ୟ ବହନ କରୁଥିବା ପର୍ଯ୍ୟଟନସ୍ଥଳ ପାହାଡ ବିଶ୍ୱନାଥ ଶୈବପୀଠର ଉନ୍ନତି କରଣ ନିମନ୍ତେ ଉପ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୫କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ପୀଠର ସୌନ୍ଦର୍ଯ୍ୟକରଣ କରିବା ନିମନ୍ତେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି ସମାବେଶରେ ଉପ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅଧିକାରୀ କ୍ଷିତୀଶ ବେହେରା, ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣା, ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଅଧିକ୍ଷଣ ଯନ୍ତ୍ରୀ ସୁନୀଲ କୁମାର ବେହେରା, ସହକାରୀ ଯନ୍ତ୍ରୀ ରାକେଶ ଧର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, ସିଡିପିଓ ଜାପାନୀ ମିତ୍ର ପ୍ରମୁଖ ସମାବେଶରେ ସାମିଲ ହୋଇଥିବା ବେଳେ ମହିଳା ଗୋଷ୍ଠୀ ସଦସ୍ୟା ଶାନ୍ତିଲତା ପାଢୀ, ଶୁଭଲକ୍ଷ୍ମୀ ସ୍ୱାଇଁ, ମଧୁସ୍ମିତା ପ୍ରଧାନ, ଉଷାରାଣୀ ପାଇକରାୟ, କଳ୍ପନାମୟୀ ପରିଡା, ସବିତା ବରାଳ, ଟୁନିଲତା ପରିଡା, ଜୟନ୍ତୀ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଜଗନ୍ନାଥଙ୍କ ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଡେଲାଙ୍ଗ ବିଡିଓ ସମୀର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ପିଇ ଚେତାଶୂନ୍ୟ ହେଲେ ଦୁଇ ସ୍କୁଲ୍ ଛାତ୍ର

**ଦଶପଲ୍ଲା,୧୨।୨/ଏନ୍‌ଏନ୍‌ଏସ୍:** ଦଶପଲ୍ଲା ବାଳକ ଉଚ୍ଚବିଦ୍ୟାଳୟ ସପ୍ତମଶ୍ରେଣୀରେ ପଢୁଥିବା ଦୁଇଜଣ ଛାତ୍ର ମଦ୍ୟପାନ କରି ବିଦ୍ୟାଳୟକୁ ଆସିବା ଏବଂ ବିଦ୍ୟାଳୟରେ ଚେତାଶୂନ୍ୟ ହୋଇଯିବା ଚର୍ଚ୍ଚାର ବିଷୟ ହୋଇଛି। ଆଜି ଭାରତ ବନ୍ଦ ସତ୍ତ୍ୱେ ବିଦ୍ୟାଳୟ ଖୋଲାଥିଲା। ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଆସିଥିବା ବେଳେ ପ୍ରାର୍ଥନା କ୍ଲାସ ପରେ ନିଜ ଶ୍ରେଣୀକୁ ଛାତ୍ରଛାତ୍ରୀମାନେ ଯାଇଥିଲେ। ପରେ ସିଟୁର ଆନ୍ଦୋଳନକାରୀମାନେ ପହଞ୍ଚି ଛୁଟିବେଲ ଦେବାରୁ ଛାତ୍ରଛାତ୍ରୀମାନେ କ୍ଲାସରୁ ବାହାରି ଘରକୁ ଚାଲିଯାଇଥିଲେ। ମାତ୍ର ମଦ ପିଇଥିବା ଦୁଇ ଛାତ୍ର ଯାଇପାରି ନଥିଲେ। ଚେତାଶୂନ୍ୟ ହୋଇ ପଡ଼ିଥିଲେ। ପରେ ବିଦ୍ୟାଳୟର ଶିକ୍ଷକମାନେ ପହଞ୍ଚି ଦୁଇଛାତ୍ରଙ୍କ ଅଭିଭାବକଙ୍କୁ ଡକାଇ ଦୁଇଛାତ୍ରଙ୍କୁ ଛାଡ଼ିଥିଲେ। ବିଦ୍ୟାଳୟ ଭଳି ଶିକ୍ଷାମନ୍ଦିରରେ ଛାତ୍ରଙ୍କ ମଦ୍ୟପାନକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି।

## ନିଖୋଜର ତିନିଦିନ ପରେ ପୋଖରୀରୁ ମିଳିଲା ମୃତଦେହ

**ଦଶପଲ୍ଲା,୧୨।୨/ଏନ୍‌ଏନ୍‌ଏସ୍:** ତିନିଦିନ ଧରି ନିଖୋଜ ଥିଲେ। ଏବେ ଗାଁ ପୋଖରୀରୁ ମିଳିଲା ଶବ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦଶପଲ୍ଲା ଥାନା ବାଟେଣୀ ଗାଁରେ। ଏହି ଗ୍ରାମର ରବୀନ୍ଦ୍ର ପ୍ରଧାନ ଗତ ସୋମବାର ଦିନ ଗାଁ ପୋଖରୀକୁ ଗାଧୋଇ ଯାଇଥିଲେ। ମାତ୍ର ସେ ଘରକୁ ଫେରି ନଥିଲେ। ଘରକୁ ନ ଫେରିବାରୁ ଘର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଏପରିକି ଦଶପଲ୍ଲା ଦମକଳ ବାହିନୀ ସାହାଯ୍ୟରେ ଗାଁ ପୋଖରୀରେ ମଧ୍ୟ ଖୋଜା ଖୋଜି କରିଥିଲେ ହେଲେ କୌଣସି ସନ୍ଧାନ ମିଳି ନଥିଲା। ତେବେ ଆଜି ସକାଳୁ ଗାଁ ପୋଖରୀରେ ରବୀନ୍ଦ୍ରଙ୍କ ମୃତଦେହ ଭାସୁ ଥିବାର ଗାଁ ଲୋକେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରବୀନ୍ଦ୍ରଙ୍କ ଶବ ଉଦ୍ଧାର କରି ତଦନ୍ତ ଚଳାଇଛି।

## ଭଡ଼ାଘରୁ ୩ ଦେହଜୀବୀ, ଗ୍ରାହକଙ୍କୁ ଧରିଲା ପୁଲିସ

**ଖୋର୍ଦ୍ଧା,୧୨।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବିକାଶ ନଗରରେ ସେକ୍ସ ରାକେଟ ଠାବ ହୋଇଛି। ଏକ ଭଡ଼ାଘରେ ଚାଲିଥିଲା ଦେହ ବେପାର। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଚଢ଼ାଉ କରିଛି। କିଙ୍ଗପିନ୍ ସମେତ ୩ ଦେହଜୀବୀ, ୪ଜଣ ଗ୍ରାହକଙ୍କୁ ପୋଲିସ ଧରିଛି। ଗତ କିଛି ଦିନ ଧରି ଏହି ସେକ୍ସ ସ୍କାଣ୍ଡାଲ ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ସ୍କ୍ୱାଡ୍ ଇନଚାର୍ଜ ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରିଥିଲା। ଆଜି ପୂର୍ବାହ୍ନରେ ପୋଲିସ ଚଢ଼ାଉ ସମୟରେ ଘର ଭିତରୁ କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଭିତରେ ପଶିଥିଲେ। ସେତେବେଳେ ଘର ଭିତରେ ଗ୍ରାହକ ଓ ଦେହଜୀବୀମାନଙ୍କୁ ଅସଜ୍ଜିତ ଅବସ୍ଥାରେ ଧରିଥିଲେ।

## ପଞ୍ଚାୟତରେ କଲ୍ୟାଣମଣ୍ଡପ, ବହୁମୁଖୀ କକ୍ଷର ଶିଳାନ୍ୟାସ

**ଚାରିଛକ,୧୨।୨/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ଭୋଗଶାଳଦା ପଞ୍ଚାୟତ ନଡଣାଠାରେ ବିକଶିତ ଓଡିଶା, ବିକଶିତ ଗାଁ ଯୋଜନାରେ ୯୦ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ଓ ବହୁମୁଖି କକ୍ଷକୁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଠାରେ ଏହି କଲ୍ୟାଣ ମଣ୍ଡପଟି ନିର୍ମାଣ କରାଗଲେ ବହୁଲୋକ ଉପକୃତ ହୋଇପାରିବ ବୋଲି କହିଛନ୍ତି। ପ୍ରକଳ୍ପଗୁଡିକ ଯଥାଶିଘ୍ର ସାରିବାକୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଶିଳାନ୍ୟାସ ଉତ୍ସବରେ ବିଡିଓ ଡଃ ଅଭିଜିତ ଷଡଙ୍ଗୀ, ସହକାରୀ ନିର୍ବାହୀଯନ୍ତ୍ରୀ ବିନୋଦ ବିହାରୀ ପୁହାଣ,ମନ୍ତ୍ରୀଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ, ଏନଏସି ସାଂସଦଙ୍କ ବ୍ଲକ ପ୍ରତିନିଧି ମୀନଲତା ମହାନ୍ତି, ପ୍ରଭାତ କୁମାର ନାୟକ, ସରପଞ୍ଚ ଅଜୟ କୁମାର ପରିଡା, ମିଟୁ ଲେଙ୍କା, ଭକ୍ତବନ୍ଧୁ ବିଶ୍ୱାଳ, ଜ୍ୟୋତି ରଂଜନ ପାତ୍ର, ସାଇପ୍ରିତମ ପଟ୍ଟନାୟକ, ପ୍ରଜ୍ଞାଜିତ ବେହେରା, ସଂଜୟ ବାରିକଙ୍କ ସମେତ କନିଷ୍ଠଯନ୍ତ୍ରୀ ଓ ଠିକାସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ।

## କେନାଲ୍ ୱାଲ୍ କାମ ନିମ୍ନମାନର



**ନୟାହାଟ,୧୨।୨/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ବାହାରଣା ଜଳ ସେଚନ ବିଭାଗ ସେକ୍ସନ ଅଧୀନରେ ଥିବା ବଣହରା ମାଇନର କେନାଲ ମଧ୍ୟରେ ୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ୱାଲ୍ କାମ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଷ୍ଟିମେଟ୍ ଅନୁଯାୟୀ କାମ ହେଉନଥିବା ବେଳେ ୮ଏମ୍‌ଏମ ରଡ୍‌ରେ କାର୍ଯ୍ୟ ହେବା କଥା। ସେଠାରେ ୬ଏମ୍‌ଏମ୍ ରଡ୍ ଦ୍ୱାରା କାମ କରାଯାଇଛି। ତଳୁ ଯେଉଁ ଲେବୁଲରେ ଖୋଳା ଯିବା କଥା ତାହା କରାଯାଇ ନାହିଁ। ଏ ସଂପର୍କରେ ଯନ୍ତ୍ରୀ ଲମ୍ବୁଧର ପାଢ଼ୀଙ୍କୁ ପଚାରିବାରେ ସେ କହିଥିଲେ ଘଟଣାର ତଦନ୍ତ ହେବ।

## ସଂଖ୍ୟାଲଘୁ ସଂପ୍ରଦାୟ ସଭାପତିଙ୍କ ବିୟୋଗରେ ଶୋକ

**କିଶୋରନଗର,୧୨।୨/ଏନ୍‌ଏନ୍‌ଏସ୍:** ବିରିଡ଼ି ବ୍ଲକ୍ ଅନ୍ତର୍ଗତ ହାଜିପୁର ଗ୍ରାମର ସଂଖ୍ୟାଲଘୁ ସଂପ୍ରଦାୟର ସଭାପତି ମିର୍ ଆଜମିର୍ ଅଲ୍ଲୀ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ କଟକ ସ୍ଥିତ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଦୀର୍ଘ ୧୦ଦିନ ଧରି ମୃତ୍ୟୁ ସହ ସଙ୍ଘର୍ଷ କରିବା ପରେ ମୃତ୍ୟୁବରଣ କରିଥିଲେ। ଏହି ଖବର ଜଣାପଡ଼ିବା ପରେ ସଂଖ୍ୟାଲଗୁ ସଂପ୍ରଦାୟ ମଧ୍ୟରେ ଗଭୀର ଶୋକପ୍ରକାଶ ପାଇଥିବା ବେଳେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ସେଠାରେ ପହଞ୍ଚି ସମସ୍ତ ଦାୟିତ୍ୱ ତୁଲାଇବା ସହିତ ତାଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

## ଋଣ ପରିଶୋଧ ସତ୍ତ୍ୱେ ଗ୍ରାହକଙ୍କୁ ବ୍ୟାଙ୍କର ନୋଟିସ୍ ଅଭିଯୋଗ

**ଟାଙ୍ଗୀ,୧୨।୨/ଏନ୍‌ଏନ୍‌ଏସ୍:** ବ୍ୟାଙ୍କର ଋଣ ପରିଶୋଧ ପରେ ବି କର୍ତ୍ତୃପକ୍ଷ ପଦକ୍ଷେପ ନେବା ନେଇ ଜଣେ ହିତାଧିକାରୀଙ୍କୁ ଦେଇଥିବା ନୋଟିସ ଘଟଣା ଏବେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଯେତିକି ମହଙ୍ଗା ପଡିଛି ତା' ଠାରୁ ଅଧିକ ବ୍ୟାଙ୍କର ମନମୁଖୀ ତଥା ସ୍ୱଛତା ନେଇ ସନ୍ଦେହ ସୃଷ୍ଟି କରିଛି। ବ୍ୟାଙ୍କ ମ୍ୟାନେଜରଙ୍କ ବିରୁଦ୍ଧରେ ଖାଉଟି ଅଦାଲତରେ ଅଭିଯୋଗ ସହ ଘଟଣା ସଂପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି। ଚାନ୍ଦପୁର ଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଏଭଳି ସଙ୍ଗୀନ ଭୁଲ୍ କରିଥିବା ଘଟଣା ଏବେ ଲୋକଲୋଚନକୁ ଆସିବା ପରେ ବ୍ୟାଙ୍କ ପୁଣି ଏଭଳି ଭୁଲ କରିପାରେ ବୋଲି ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲା ଚାନ୍ଦପୁର ଷ୍ଟେଟ ବ୍ୟାଙ୍କରୁ ଚାନ୍ଦପୁରର ଦର୍ଶନ କୁମାର ସାହୁ ଶ୍ରୀ ଦୁର୍ଗା ଏଣ୍ଟରପ୍ରାଇଜେସ ନାମରେ ଋଣ ନେଇଥିଲେ। ଗତ ବର୍ଷ ଅଗଷ୍ଟ ମାସ ୩୧ତାରିଖରେ ୧୧ଲକ୍ଷ ୯୯ହଜାର ୯୪୫ଟଙ୍କା ୫୧ପଇସା ଋଣ ପରିଶୋଧ କରିବା ପରେ ଋଣଗ୍ରହିତାଙ୍କୁ ବ୍ୟାଙ୍କ ଋଣ ପରିଶୋଧ ପତ୍ର ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ପରଶୋଧର ୬ମାସ ପରେ ଗତ ୫ ତାରିଖରେ ସେହି ଟଙ୍କା ପୁନର୍ବାର ପରିଶୋଧ କରିବା ଉଲ୍ଲେଖ କରି ଏକ ପତ୍ର ପଠାଇଥିବା ଜଣାପଡିଛି। ଏପରିକି ସମ୍ପତ୍ତି ଜବତ, ସିଭିଲ୍ ଅଦାଲତର ପଦକ୍ଷେପ, ଆଇନ ଅନୁସାରେ କଡ଼ା ପଦକ୍ଷେପ ଉଲ୍ଲେଖ କରି ଏକ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏଭଳି ସଙ୍ଗୀନ ଭୁଲ ପତ୍ର ବିରୁଦ୍ଧରେ ହିତାଧିକାରୀ ଷ୍ଟେଟ ବ୍ୟାଙ୍କ ରିଜୋନାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜେନେରାଲ ମ୍ୟାନେଜର, ଚିଫ ଜେନେରାଲ ମ୍ୟାନେଜର ଏପରିକି ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ମ୍ୟାନେଜରଙ୍କୁ ଏହାର ଏକକିତା ନକଲ ପ୍ରଦାନ କରିଥିବା ବେଳେ ଶ୍ରୀ ସାହୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଖାଉଟି ଅଦାଲତରେ ଏକ ନୋଟିସ କରିଥିବା ଜଣାପଡିଛି। ଶ୍ରୀ ସାହୁ ବ୍ୟାଙ୍କ ବିରୁଦ୍ଧରେ ମାନହାନି ମକଦ୍ଦମା କରିବା, ବ୍ୟାଙ୍କ ମ୍ୟାନେଜର ପ୍ରଭୁପ୍ରସାଦ ବେହେରାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଏହି ଚାନ୍ଦପୁର ଷ୍ଟେଟ ବ୍ୟାଙ୍କଟି ଦୀର୍ଘ ବର୍ଷ ଧରି ଶ୍ରୀ ସାହୁଙ୍କ ଘର ଭଡ଼ା ସୂତ୍ରରେ ନେଇ ବ୍ୟାଙ୍କ ଚାଲୁରହିଥିବା ଜଣାପଡିଛି। ଏଭଳି ଗୁରୁତର ତ୍ରୁଟି ସଂପର୍କରେ ସମ୍ପୃକ୍ତ ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭୁପ୍ରସାଦ ବେହେରାଙ୍କୁ ପଚାରିବାରେ ଏଭଳି ଭୁଲ୍ ଜାଣିଶୁଣି କରାଯାଇ ନଥିବା ଓ ଦର୍ଶନ କୁମାର ସାହୁଙ୍କୁ କ୍ଷମା ପ୍ରାର୍ଥନା କରି ଏକ ପତ୍ର ପଠାଯାଇଥିଲେ ମଧ୍ୟ ସେ ଗ୍ରହଣ କରୁନଥିବା ସୂଚନା ପ୍ରଦାନ କରିଛନ୍ତି।

## ଜାଗର ପୂର୍ବରୁ ଜବରଦଖଲ ଉଚ୍ଛେଦ

**ସାକ୍ଷୀଗୋପାଳ,୧୨।୨/ଏନ୍‌ଏନ୍‌ଏସ୍:** ସତ୍ୟବାଦୀର ସର୍ବ ପୁରାତନ ପ୍ରାଚୀନ ଶୈବ ପୀଠ ବରାଳ ବାଲୁଙ୍କେଶ୍ୱର ମହାଦେବଙ୍କ ମହାଶିବରାତ୍ରି ଜାଗର ଯାତ୍ରା ଚଳିତ ମାସ ୧୫ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଜନଗହଳିକୁ ଲକ୍ଷ କରି ସତ୍ୟବାଦୀ ବ୍ଲକ ପ୍ରଶାସନ ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱରୁ ଅସ୍ଥାୟୀ ଜବରଦଖଲ ଉଚ୍ଛେଦ ପ୍ରକିୟା ଆରମ୍ଭ ହୋଇଛି। ମନ୍ଦିର ସମ୍ମୁଖରେ ବସୁଥିବା ଉଠା ଦୋକାନୀ,ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ସର୍ବସାଧାରଣଙ୍କ ଯାତାୟତ ରାସ୍ତାରୁ ଅବରୋଧ ହଟେଇବା ପାଇଁ ସତ୍ୟବାଦୀ ପ୍ରଶାସନ ପକ୍ଷରୁ ଡ୍ରୋଜର ଯୋଗେ ଭଙ୍ଗାଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜାଗର ଯାତ୍ରାରେ ଜନଗହଳିକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ସହିତ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପୂର୍ବରୁ ଅବରୋଧ କାରିମାଙ୍କୁ ହଟିଯିବା ପାଇଁ ସତ୍ୟବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ଉଚ୍ଛେଦ ସମୟରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମପ୍ରକାଶ ପରିଡା ଓ ସତ୍ୟବାଦୀ ଥାନା ଅଧିକାରୀ ଆରକ୍ଷୀ ମାନଙ୍କ ସହିତ ଉପସ୍ଥିତ ଥିଲେ।

## କଳିଙ୍ଗ ପାଇକ କପ୍ ଫୁଟ୍‌ବଲ୍ ଉଦ୍‌ଯାପିତ

**ଖୋର୍ଦ୍ଧା,୧୨।୨/ଏନ୍‌ଏନ୍‌ଏସ୍:** ଖୋରଧା ସହର ସ୍ଥିତ ଷ୍ଟାଡିଅମରେ ବହୁ ଆଡମ୍ବରରେ ଉଦ୍‌ଯାପିତ ହୋଇଯାଇଛି ୬ଷ୍ଠ କଳିଙ୍ଗ ପାଇକ ଫୁଟବଲ କପ। ଶେଷ ଓ ଫାଇନାଲ ସନ୍ଧ୍ୟାରେ କଳିଙ୍ଗ ପାଇକ କପର ମୁଖ୍ୟ ଉପଦେଷ୍ଟା ଡ଼. ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଆଜିକାର ଯୁବ ପିଢି ମୋବାଇଲ ଓ ସାମାଜିକ ଗଣମାଧ୍ୟମ ଠାରୁ ଯଥା ସମ୍ଭବ ଦୁରେଇ ରହିବା ସହ ଦୈନିକ ହେଲକୁଦ, ଯୋଗ, ବ୍ୟାୟାମ, ପ୍ରାଣାୟମ ପ୍ରତି ମନ ନିବେଶ କରିବା ଏବଂ ଏକ ନିଶାମୁକ୍ତ ଓଡିଶା ଗଠନ କରନ୍ତୁ ବୋଲି ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋରଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭାରତୀୟ ମହିଳା ଫୁଟବଲ ଟିମର ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପୌର ପରିଷଦ ପୂର୍ବତ୍ତନ ଅଧକ୍ଷା ସଂଯୁକ୍ତା ସାହୁ, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ୱାର୍ଡ ନମ୍ବର ୧୫ କାଉନସିଲର ପ୍ରବୀଣା ଜଗଦେବ, ବ୍ଲକ ଉପାଦ୍ଧକ୍ଷ ପ୍ରକାଶ ସାମନ୍ତରାୟ,ଖୋରଧା ଜିଲ୍ଲା ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ସାମନ୍ତରାୟ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ। ଆଜିକାର ଫାଇନାଲ ମ୍ୟାଚ ଆୟୋଜକ ଟିମ କ୍ଲବ୍ ମର୍ଣିଙ୍ଗ ଷ୍ଟାର,ଖୋରଧା ବନାମ ମଙ୍ଗଳା କ୍ଲବ୍,କଟକ ମଧ୍ୟରେ ଖେଳାଯାଇଥିଲା। ମ୍ୟାଚ ଶେଷ ଶୁଦ୍ଧା ମଙ୍ଗଳା କ୍ଲବ୍, କଟକ ୨-୦ ଗୋଲରେ କ୍ଲବ ମର୍ଣିଙ୍ଗ ଷ୍ଟାର, ଖୋର୍ଦ୍ଧାକୁ ପରାସ୍ତ କରି ବିଜୟ ଲାଭ କରିଥିଲା। ମ୍ୟାଚକୁ ରାଜୁ ମହାନ୍ତି, ପ୍ରଫୁଲ୍ଲ ବେହେରା, ବିଦେଶୀ ନାୟକ, ସାଗୀର ଅହମ୍ମଦ ଓ ଦେବାଶିଷ ନାୟକ ରେଫରୀ ରୂପେ ପରିଚାଳନା କରିଥିଲେ। ଦୀର୍ଘ ୪ ଦିନ ଧରି ଚାଲିଆସିଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧା ତଥା ଆଖପାଖର କ୍ରୀଡ଼ାପ୍ରେମୀ ବହୁ ସଂଖ୍ୟାରେ ଆସି ଉପଭୋଗ କରି ଥିବାରୁ କ୍ଲବର ସଭାପତି ଶୁଭେନ୍ଦ୍ର୍ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ କିପରି ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟ କରିପାରିବା ପାଇଁ ସରକାରଙ୍କୁ ଆନୁରୋଧ କରିଥିଲେ। କ୍ଲବର ସଦସ୍ୟ ଯଥା ଚନ୍ଦ୍ରକାନ୍ତ ପଣ୍ଡା, ଦେବଦତ୍ତ ମହାନ୍ତି, ସଞ୍ଜୟ ଦାଶ, ବଦ୍ରି ନାରୟଣ ରାମ, ସୌମ୍ୟ ପଟ୍ଟନାୟକ, କୃଷ୍ଣ ବାଘ ସିଂ, ଅଭିନାଶ ମହାପାତ୍ର, କରିମ ଖାନ ଓ ଶ୍ରୀକାନ୍ତ ଦାଶ, ପ୍ରଶାନ୍ତ କୁମାର ଦଳେଇ ପ୍ରମୁଖ ଅକ୍ଲାନ୍ତ ପରିଶ୍ରମ କରି ଟୁର୍ଣ୍ଣାମେଣ୍ଟକୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ପରିଚାଳନା କରିଥିଲେ।

## ତମାଣ୍ଡୋ ପ୍ରିମିୟର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ୫ମ ଲିଗ୍‌ରେ ଆର୍‌ସି ବ୍ରହ୍ମପୁର ବିଜୟୀ

**ମୁଣ୍ଡମୁହାଣ,୧୨।୨/ଏନ୍‌ଏନ୍‌ଏସ୍:** ତାମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ବିଜେତା ୱାରିଅସ, ଆରସି ବ୍ରହ୍ମପୁର ପରସ୍ପରକୁ ଭେଟିଥିଲେ।ଆଜି ୫ମ ଲିଗ ମ୍ୟାଚରେ ଆର୍‌ସି ବ୍ରହ୍ମପୁର ୫ ୱିକେଟରେ ବିଜେତା ୱାରିଅସକୁ ପରାସ୍ତ କରିଛି। ବିଜେତା ୱାରିଅସ ପ୍ରଥମେ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ।ବିଜେତା ୱାରିଅସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୩ ରନ କରିବାରେ ସକ୍ଷମ ହୋଇଥିଲେ। ବିଜେତା ୱାରିଅସ ଦଳ ପକ୍ଷରୁ ଲକି କୁମାର ୩୩ ବଲ ଖେଳି ସର୍ବାଧିକ ୫୬ ରନ କରିଥିଲେ। ଆରସି ବ୍ରହ୍ମପୁର ପକ୍ଷରୁ ତାରିଫ ଖାନ ୪ ଓଭର ବୋଲିଂ କରି ୩୩ ରନ ଦେଇ ୩ ଟି ୱିକେଟ ଦଖଲ କରିଥିଲେ।ଖେଳର ଦ୍ୱିତୀୟ ଇନିଙ୍ଗସରେ ଆର ସି ବ୍ରହ୍ମପୁର ୧୭୪ ରନର ବିଜୟ ଲକ୍ଷ ନେଇ ନିର୍ଦ୍ଧାରିତ ୧୫.୨ ଓଭରରେ ୫ ୱିକେଟ ହରାଇ ୧୭୫ ରନ କରି ବିଜୟ ହାସଲ କରିଥିଲେ। ଆରସି ବ୍ରହ୍ମପୁର ପକ୍ଷରୁ ଟିମ ଦାଭିଡ ୧୭ ବଲରେ ୨୯ ରନ ଓ ଲୋହିତ ମହାନ୍ତି ୨୪ ବଲରେ ୫୬ ରନ କରିଥିଲେ। ସେହିଭଳି ବିଜେତା ୱାରିଅସ ଦଳର ଅଂଶୁମାନ ସାମନ୍ତ ୩ ଓଭର ବୋଲିଂ କରି ୩୧ ରନ ଦେଇ ୨ଟି ୱିକେଟ ଦଖଲ କରିଥିଲେ। ଆଜିର ମ୍ୟାଚରେ ତମାଣ୍ଡୋର ପୂର୍ବତନ ସରପଞ୍ଚ ବିପିନି ବିହାରି ପରିଡା ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ତାରିଫ ଖାନକୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ସମରେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ।

## ରଙ୍ଗନାଥ ଦେବଙ୍କ ପୀଠରେ ହନୁମାନଚାଳିଶା ଯଜ୍ଞ

**ବାଣପୁର,୧୨।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ଠାରେ ଆଜି ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ଏବଂ ସ୍ଥାନୀୟ ଶ୍ରଦ୍ଧାଳୁମାନେ ପୂର୍ବାହ୍ନରେ ବଜାର ସାହି ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ କଳସ ନେଇ ବଜାର ପରିକ୍ରମା କରି ସ୍ଥାନୀୟ ଦକ୍ଷପ୍ରଜାପତି ମନ୍ଦିରଠାରେ ପହଞ୍ଚିଥିଲେ। ମନ୍ଦିର ପୁଷ୍କରିଣୀରେ ପୂଜାର୍ଚ୍ଚନା କରି ସମସ୍ତ ଶ୍ରଦ୍ଧାଳୁମାନେ କଳସରେ ଜଳ ନେଇ ପୁନଶ୍ଚ ରଙ୍ଗନାଥ ମନ୍ଦିରରେ ପହଞ୍ଚିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆଜିଠାରୁ ତିନି ଦିନ ଧରି ପ୍ରତ୍ୟେହ ସଂଧ୍ୟାରେ ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ।ଉକ୍ତ ପ୍ରବଚନରେ ପ୍ରବକ୍ତା ଭାବେ ଯୋଗଦେଇଛନ୍ତି କଥା ବାଚକ ଡଃ ଆଶୁତୋଷ ମିଶ୍ର। ଅନୁରୂପ ଭାବେ ମହାଶିବରାତ୍ରି ଦିନ ସଂଧ୍ୟାରେ ୧୦୮ ଥର ସାମୁହିକ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ହରିପୁର ମଠ ମହନ୍ତ ରାମମୋହନ ଦାସ୍‌ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ। ସେହିପରି ଭାବେ ମହାଶିବରାତ୍ରି ପରବର୍ତ୍ତୀ ଦିନ ଅର୍ଥାତ ସୋମବାର ସକାଳୁ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କମିଟି ପକ୍ଷରୁ ଆୟୋଜନ କରାଯାଇଥିବା ଜଣାପଡିଛି। ଅନୁରୂପ ଭାବେ କମିଟିର ଅନୁରୋଧ କ୍ରମେ ଉକ୍ତ ମନ୍ଦିରରେ ନୂତନ ପ୍ରବଚନ ମଣ୍ଡପ ନିର୍ମାଣ କାର୍ଯ୍ୟ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହଯୋଗରେ ସମ୍ପୂର୍ଣ୍ଣ ହୋଇଥିବାବେଳେ ଚଳିତ ବର୍ଷ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ ନୂତନ ପ୍ରବଚନ ମଣ୍ଡପକୁ ଉଦଘାଟନ କରିବେ ବୋଲି କମିଟି ସୂତ୍ରରୁ ପ୍ରକାଶ।

**ମନ୍ଦିର ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ କରିବେ ଆଇନ ମନ୍ତ୍ରୀ**

## ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

**ଚିଲିକା,୧୨।୨/ଏନ୍‌ଏନ୍‌ଏସ୍:** ୧୬ନମ୍ବର ଜାତୀୟ ରାଜପଥ କହ୍ନେଇପୁର ଛକ ଠାରେ ଆଜି ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ବେଳେ ବାଇକ୍ ପଛରେ ବସିଥିବା ବ୍ୟକ୍ତି ଜଣକ ଛିଟିକି ପଡ଼ି ଚେତାଶୂନ୍ୟ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଗୋଟିଏ ବାଇକ୍‌ରେ ଦୁଇଜଣ ବ୍ୟକ୍ତି ଦ୍ରୁତଗତିରେ ଯାଉଥିଲେ। ନାଚୁଣୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ କହ୍ନେଇପୁର ଛକ ଠାରେ କହ୍ନେଇପୁର ଗ୍ରାମର ଅଲିଆ ସାହୁ ସାଇକେଲ ଚଳାଇ ଆସୁଥିବା ବେଳେ ବାଇକଟି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ଫଳରେ ଅଲିଆ ସାହୁ ତଳେ ପଡ଼ିଯିବା ସହ ଗୁରୁତର ଭାବେ ଆହତ ହୋଇଥିଲେ ଏବଂ ବାଇକ୍ ପଛ ସିଟ୍‌ରେ ବସିଥିବା ଆରୋହୀ ଜଣଙ୍କ ଖଣ୍ଡେ ଦୂରରେ ଛିଟିକି ପଡି ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ବାଇକ୍ ଚାଳକ ଘଟଣାସ୍ଥଳରୁ ଦ୍ରୁତଗତିରେ ଗାଡି ନେଇ ପଳାଇଥିଲା। ଖବର ପାଇ ନାଚୁଣୀ ଥାନା ପୁଲିସ୍ ପହଞ୍ଚି ଅଗ୍ନିଶମ ବିଭାଗକୁ ଡକାଇ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ନିମନ୍ତେ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ



**ଖୋର୍ଦ୍ଧା,୧୨।୨/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପୂର୍ବତନ କେରଙ୍ଗ ଅହମଦୀୟା ମୁସଲିମ ଗ୍ରାମର ସଭାପତି ସୈଫୁର ରହମାନଙ୍କର ୭୬ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଆରାଇସ ବେଗମ, ଜ୍ୟେଷ୍ଠ ପୁତ୍ର ଖୁରସିଦ ଅହମଦ, କନିଷ୍ଠ ପୁତ୍ର ଫରିଦ ଅହମଦ, କନ୍ୟା ଅଫରୋଜ ଆରା ଏବଂ ସାନ ଭାଇ ବଦରୁର ରହମାନଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସେ ଜଣେ ସୁଦକ୍ଷ ଶିକ୍ଷାବିତ ଭାବେ ୧୯୭୫ରୁ ୨୦୦୬ ପର୍ଯ୍ୟନ୍ତ କେରଙ୍ଗ ଜୈତୁନ ନିସା ହାଇସ୍କୁଲର ଶିକ୍ଷକ ଭାବେ କାର୍ଯ୍ୟ କରିଥିବା ବେଳେ ୨୦୦୬-୨୦୦୮ ପର୍ଯ୍ୟନ୍ତ ରାସୋଳରେ ଉଚ୍ଚ ମାଧ୍ୟମିକ ସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଅବସର ପ୍ରାପ୍ତ କରିଥିଲେ। ସେ ଜଣେ ଭଲ ଏବଂ ଦକ୍ଷ ସଂଗଠକ ଥିବା ଯୋଗୁଁ କେରଙ୍ଗ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ୧୯୭୫-୧୯୭୯ ପର୍ଯ୍ୟନ୍ତ ଯୁବ ସଭାପତି ଭାବେ କାମ କରିଥିଲେ। ପରେ ସେ ୨୦୧୩-୨୦୧୯ ପର୍ଯ୍ୟନ୍ତ କେରଙ୍ଗ ଅହମଦୀୟା ମୁସଲିମ ସମ୍ପ୍ରଦାୟର ଅମିର (ସଭାପତି) ଭାବେ କାର୍ଯ୍ୟଭାର ତୁଲାଇଥିଲେ। ସେ ଜଣେ ସମ୍ମାନିତ ଶିକ୍ଷାବିତ, ଲେଖକ ହେବା ସହ ଆଦର୍ଶବାଦୀ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ, ଅତିଥି ସତ୍କାରୀ, ଶୁଭଚିନ୍ତକ. ପରାମର୍ଶଦାତା, ସୁବକ୍ତା, ଧର୍ମପରାୟଣ, ସତ୍ୟନିଷ୍ଠ, ନିଷ୍କାମ କର୍ମଯୋଗୀ, ବନ୍ଧୁବତ୍ସଳ, ଛାତ୍ରବତ୍ସଳ, ମିଷ୍ଟଭାଷୀ, ମେଳାପି, ଅମାୟିକ, ସୁସଂଗଠକ, ଶିକ୍ଷାବିତ୍ ଓ ଜ୍ଞାନୀଗୁଣୀ ଥିଲେ। ଈଶ୍ୱର ତାଙ୍କର ଅମର ଆତ୍ମାର ସଦଗତି କରନ୍ତୁ ଏବଂ ଶୋକ ସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ। ଏହାହିଁ ଆମର କାମନା। ତାଙ୍କ ମରଶରୀରକୁ ବାଘଟାଙ୍ଗୀ(ଜନ୍ନତୁଲ ଫିରଦୋସ) କବରସ୍ଥାନରେ କବର ଦିଆଯାଇଥିଲା।

## କୋଣାର୍କ କପ୍: ରାମେଶ୍ୱରକୁ ହରାଇ ଆଦର୍ଶ ଫାଇନାଲ୍‌ରେ



**କୋଣାର୍କ,୧୨।୨/ଏନ୍‌ଏନ୍‌ଏସ୍:** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆ ରେ ଆୟୋଜିତ ରାଜ୍ୟ ସ୍ତରୀୟ ଦ୍ୱିତୀୟ ବାର୍ଷିକ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱରକୁ ହରାଇ ବାଲେଶ୍ୱର ଆଦର୍ଶ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ରେ ପ୍ରଥମେ ରାମେଶ୍ୱର ବ୍ୟାଟିଂ କରି ନିର୍ଦ୍ଧାରିତ୨୫ ଓଭର ରେ ୯ ଉଇକେଟ ବିନିମୟରେ ୧୭୯ ରନ ସଂଗ୍ରହ କରିଥିଲା ଓ ଦଳ ତରଫରୁ ସାରନ୍ସ କୁମାର ୩୩ ବଲରେ ୩୯ ରନ, ସିଦ୍ଧାର୍ଥ ବେହେରା ୨୫ ବଲରେ ୩୫ ରନ ଏବଂ ସୁଭାଶିଷ ମଲ୍ଲିକ ୩୨ ବଲରେ ୩୫ ରନ କରିଥିଲେ ଓ ଜବାବରେ ଆଦର୍ଶ ବାଲେଶ୍ୱର ୨୩.୪ ଓଭର ରେ ୫ ଉଇକେଟ ବିନିମୟରେ ୧୮୩ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା ଓ ଦଳ ପକ୍ଷରୁ ମୁକେଶ କୁମାର ଅପରାଜିତ ୫୨ ବଲରେ ୬୫ ରନ, ପ୍ରବୀଣକୁମାର ୩୭ ବଲରେ ୩୭ ରନ ସଂଗ୍ରହ କରି ବିଜୟ ର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ଆଜିର ମ୍ୟାଚ ରେ ଅପରାଜିତ ୬୫ ରନ ଓ ୪ ଉଇକେଟ ନେଇଥିବା ମୁକେଶ କୁମାରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା ଓ ଓସିଏ ପ୍ୟାନେଲ ଅମ୍ପେୟର ଦେବେନ୍ଦ୍ର ମିଶ୍ର ଓ ପ୍ରମୋଦ ସିହ୍ନଓ ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଓ ପ୍ରାକ୍ତନ ଖେଳାଳି ମନୋଜ କୁମାର ଦାସ ଅତିଥି ରୂପେ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।

**ନିତି ଭାରତୀ**

ଦେଶର ସବୁ ଲୋକଙ୍କ ପାଇଁ ଲୋକମାନେ ଯଦି ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟ କରି ନପାରିଲେ, ତା'ହେଲେ ଗଣତନ୍ତ୍ରର କିଛି ଅର୍ଥ ନାହିଁ। - **ଚନ୍ଦ୍ର ଭୂଷଣ**

ନିତିଦିନ NITIDIN
ଶୁକ୍ରବାର ,୧୩ ଫେବୃଆରୀ ୨୦୨୬

# ସଭ୍ୟତାର ମୌଳିକ ନିୟମ



**ଅଧ୍ୟାପକ ଗୋପବନ୍ଧୁ**

ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି। ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି। ତଥାପି ଏହା ଅଟକି ଯାଇ ନାହିଁ। ଶ୍ରେଷ୍ଠରୁ ଶ୍ରେଷ୍ଠତର ସନ୍ଧାନରେ ଏହା ଆଗେଇ ଚାଲିଛି। ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧିସମ୍ପନ୍ନତା ସହିତ ଜଡ଼ିତ। ବିଚାରବୁଦ୍ଧିସମ୍ପନ୍ନତା ଯେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ। ମନୁଷ୍ୟର ବୁଦ୍ଧି ବିବେକ ଯାହାକୁ ଉଚିତ ଓ ମନୁଷ୍ୟ ସମାଜର ହିତୈଷୀ ବୋଲି ଗ୍ରହଣ କରିନିଏ, ତାକୁ ହିଁ ଅନୁସରଣ କରିବା ଆରମ୍ଭ କରେ। ଯେତେବେଳେ ସଂଖ୍ୟାଧିକ ଲୋକ ଏହି ସମାନ ବିଚାରଧାରାକୁ ଅନୁସରଣ କରିବା ଆରମ୍ଭ କରନ୍ତି, ତାହା ସଭ୍ୟତାର ଅଂଶବିଶେଷ ହୋଇଯାଏ। ଅବଶ୍ୟ ଏହି ସ୍ତରରେ ପହଞ୍ଚିବା ପାଇଁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼େ। ଏହା ବୌଦ୍ଧିକ ସଂଘର୍ଷ ହେଲେ ବି ବେଳେବେଳେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥାଏ।

ସଭ୍ୟତାର ବିକାଶ ପଥରେ ବହୁ ସଂଘର୍ଷ ହୋଇଛି। ଏହା ବହୁ ଶତାବ୍ଦୀ ଧରି ଚାଲିଛି। ବହୁ ମାନସ ମନ୍ଥନ ହୋଇଛି। ସଭ୍ୟତାର ମାପକାଠି କ'ଣ ହେବ? କାହାକୁ ସଭ୍ୟତା କୁହାଯିବ? ଗୋଟିଏ ସଭ୍ୟ ସମାଜର ଅତ୍ୟାବଶ୍ୟକ ଉପାଦାନଗୁଡ଼ିକ କ'ଣ ହେବ? ଏହାକୁ ନେଇ ତର୍କ ବିତର୍କ ହୋଇଛି। ବହୁ ଚିନ୍ତକ ଲେଖନୀ ଚାଳନା କରିଛନ୍ତି। ବହୁ ସମାଜ ସଂସ୍କାରକ ଅଭିଭାଷଣ ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି। କଳା ଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନ୍ୱେଷଣ ହୋଇଛି। ନାଟକର ସଂଳାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି। ଅଧିକାର ପାଇଁ ଲଢ଼େଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନ୍‌ରେ ଏହା ପ୍ରତିଧ୍ୱନିତ ହୋଇଛି। ଅବଶେଷରେ ସଭ୍ୟତାର ତିନୋଟି ରତ୍ନ ଉଦ୍ଭାସିତ ହୋଇଛି। ସେଗୁଡ଼ିକ ହେଉଛି- ସମାନତା (ଇକ୍ୱାଲିଟି), ସ୍ୱତନ୍ତ୍ରତା (ଲିବର୍ଟି) ଓ ଭ୍ରାତୃତ୍ୱଭାବ (ଫ୍ରାଟରନିଟି)।

ଯେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ, ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ। ଏଗୁଡ଼ିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ, ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ। ଏହି ଗୁଣଗୁଡ଼ିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀଠାରୁ ପୃଥକ୍ କରିଥାଏ ଓ ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ଏଗୁଡ଼ିକ ମାନବୀୟ ମୂଲ୍ୟବୋଧ ସହିତ ଜଡ଼ିତ। ଯାହାର ମନରେ ଏହି ଗୁଣଗୁଡ଼ିକ ସମ୍ବନ୍ଧରେ ଅବଧାରଣା ନାହିଁ, ସେ ଜଣେ ସଭ୍ୟ ମନୁଷ୍ୟ ଭାବେ ବିବେଚିତ ହୋଇ ପାରିବ ନାହିଁ। ସଭ୍ୟତା କେବଳ ଚାକଚକ୍ୟ ଘର ଓ ଦାମୀ ପୋଷାକ ପରିଚ୍ଛଦରେ ନଥାଏ। ଏହା ଏକ ଅନ୍ତର୍ନିହିତ ଭାବନା। ଏହା ଏକ ଗୁଣାତ୍ମକ ଲକ୍ଷଣ। ଜଣେ ହତ୍ୟାକାରୀ ଅଥବା ଡକାୟତ ସୁରମ୍ୟ ଅଟ୍ଟାଳିକା ମଧ୍ୟରେ ଚାକଚକ୍ୟପୂର୍ଣ୍ଣ ପରିବେଶ ଭିତରେ ରହୁଥାଇ ପାରେ, କିନ୍ତୁ ତାକୁ ଜଣେ ସଭ୍ୟ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ। ଜଣେ ଗରିବ କୁଡ଼ିଆ ଘରେ ରହୁଥିଲେ ବି ସେ ତା'ର ଉତ୍ତମ ବ୍ୟବହାର ଓ ଏହି ମାନବୀୟ ଗୁଣଗୁଡ଼ିକର ଅନୁସରଣ ଜରିଆରେ ସୁସଭ୍ୟ ଭାବେ ବିବେଚିତ ହେବା ସ୍ୱାଭାବିକ।

ୟୁରୋପ୍‌ରେ ଆରମ୍ଭ ହୋଇଥିବା ନବଜାଗରଣ (ରେନାସାଁ)ର ଅନ୍ତିମ ନିଷ୍କର୍ଷ ହେଉଛି ସଭ୍ୟତାର ଏହି ତିନି ଉପାଦାନ। ଦୀର୍ଘ ବୌଦ୍ଧିକ ସଂଘର୍ଷ ପରେ ଫରାସୀ ବିପ୍ଳବ ସମୟରେ ଏହି ତିନୋଟି ଶବ୍ଦ ସ୍ଲୋଗାନ୍‌ର ରୂପ ନେଇଥିଲା। ବିପ୍ଳବୀମାନେ ଚାହିଁଥିଲେ ଗୋଟିଏ ସ୍ୱୟଂସମ୍ପୂର୍ଣ୍ଣ ଉନ୍ନତ ସମାଜ ଗଠନ କରିବା ପାଇଁ, ଯେଉଁ ସମାଜରେ ସମାନତା, ଭ୍ରାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା ବିରାଜମାନ ଥିବ। ଏହା ପରେ ବିଶ୍ୱବାସୀଙ୍କୁ ମିଳି ଯାଇଥିଲା ସଭ୍ୟତାର ମାନକ, ସଭ୍ୟତା ପ୍ରାପ୍ତିର ନିୟାମକ। ଯେଉଁ ସମାଜ ଏହି ତିନୋଟି ବିଷୟକୁ ଯେତେ ଅଧିକ ମାତ୍ରାରେ ଅନୁସରଣ କରେ, ସେ ସମାଜ ସେତେ ସଭ୍ୟ ଓ ଯେଉଁ ସମାଜ ଏହି ତିନି ଉପାଦାନର ପରିପନ୍ଥୀ ଅଥବା ବହୁ ପଛରେ, ସେ ସମାଜ ଅସଭ୍ୟତାକୁ ଡେଇଁ ଆଗକୁ ଯାଇପାରି ନାହିଁ।

ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୂତ୍ରରେ ମିଳେ। ଏହା ତାହାର ଆତ୍ମସମ୍ମାନ ସହିତ ଜଡ଼ିତ। ତେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟାଦା ପାଇବାକୁ ହକ୍‌ଦାର। ବ୍ୟକ୍ତି ତା'ର ଅଧ୍ୟବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟ ଭାବେ ସମସ୍ତ ମନୁଷ୍ୟ ସମାନ- ଏହା ହିଁ ମାନବୀୟ ସିଦ୍ଧାନ୍ତ। ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଞ୍ଚଳ ନାମରେ ଅସମାନତାକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ। ଆର୍ଥିକ ଭାବେ ଜଣେ ଧନୀ କିମ୍ବା ଦରିଦ୍ର ହୋଇପାରେ। ଶିକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷିତ କିମ୍ବା ଅଶିକ୍ଷିତ ହୋଇପାରେ। କିନ୍ତୁ ସାମାଜିକ ଭାବେ କୌଣସି ବୈଷମ୍ୟ ଗ୍ରହଣୀୟ ନୁହେଁ। ସାମାଜିକ ବୈଷମ୍ୟ ସଭ୍ୟତାର ପରିପନ୍ଥୀ। ଧର୍ମ ନାମରେ ନିଜକୁ ଶ୍ରେଷ୍ଠ, ଅନ୍ୟକୁ ନିକୃଷ୍ଟ ବୋଲି କହି ପାରିବ ନାହିଁ। କୌଣସି ସମ୍ପ୍ରଦାୟ ଓ ଅଞ୍ଚଳର ଲୋକମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ କହିବାର ଅର୍ଥ,




ସଭ୍ୟତାକୁ ଅସ୍ୱୀକାର କରିବା। ସେହିପରି ଜାତି ନାମରେ କେହି ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନିମ୍ନତର କହିବା ମଧ୍ୟ ଅସଭ୍ୟତାର ପରିଚାୟକ।

ସଭ୍ୟତାର ଦ୍ୱିତୀୟ ଉପାଦାନ ସ୍ୱାଧୀନତା। ଏହା ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ମନୁଷ୍ୟର ନିଜସ୍ୱ ଅଧିକାରକୁ ସୂଚୀତ କରେ। ସ୍ୱାଧୀନତା ତା'ର ଜନ୍ମଗତ ଅଧିକାର। ସ୍ୱାଧୀନତା କହିଲେ ସ୍ୱେଚ୍ଛାଚାରକୁ ବୁଝାଏ ନାହିଁ। ଏହା ଅନ୍ୟର ଅଧିକାରକୁ ସଙ୍କୁଚିତ କରିବାକୁ ବୁଝାଏ ନାହିଁ। ବ୍ୟକ୍ତି ନିଜ ପାଇଁ ଯେଉଁ ସିଦ୍ଧାନ୍ତମାନ ଗ୍ରହଣ କରେ, ସେଗୁଡ଼ିକ ତା'ର ସ୍ୱତନ୍ତ୍ରତାର ଅନ୍ତର୍ଗତ ଅଟେ। ସେ କ'ଣ ଖାଇବ, କ'ଣ ପିନ୍ଧିବ, କେଉଁ ବୃତ୍ତି ଅବଲମ୍ବନ କରିବ, କାହାକୁ ବାହା ହେବ ଇତ୍ୟାଦି ତା'ର ନିଜସ୍ୱ ଅଧିକାର। ଏହାକୁ ରାଷ୍ଟ୍ର କି ସମାଜ, କେହି ହେଲେ ବାରଣ କରି ପାରିବେ ନାହିଁ। ଏହାକୁ କୌଣସି ଧର୍ମ କି ଜାତି ମଧ୍ୟ ବାଧା ଦେଇ ପାରିବ ନାହିଁ। ଯେତେବେଳେ କୌଣସି ଦେଶରେ ଧାର୍ମିକ ମୌଳବାଦୀମାନେ ନିର୍ଣ୍ଣୟ କରନ୍ତି ଲୋକମାନେ କେଉଁ ପ୍ରକାର ପୋଷାକ ପିନ୍ଧିବେ, କ'ଣ ଖାଇବେ, କ'ଣ କରିବେ ଇତ୍ୟାଦି, ଏହା ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ କ୍ଷୁଣ୍ଣ କରେ। ସେହିପରି କୌଣସି ଜାତି ବା ପରିବାରର ଲୋକମାନେ ଯଦି ନିର୍ଣ୍ଣୟ କରନ୍ତି ଜଣେ ଯୁବକ ବା ଯୁବତୀ କାହାକୁ ବାହା ହେବ, କିମ୍ବା ତା'ର ଇଚ୍ଛାକୃତ ବିବାହରେ ବାଧା ସୃଷ୍ଟି କରନ୍ତି, ତେବେ ଏହା ମଧ୍ୟ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ବ୍ୟାହତ କରେ। ଆମ ଦେଶରେ ଆନ୍ତଃଜାତି ବିବାହକୁ ନେଇ ଚାଲିଥିବା ଅନର କିଲିଂ ତଥା ଖାପ୍ ପଞ୍ଚାୟତ ଏହାର ଜ୍ୱଳନ୍ତ ଉଦାହରଣ।

ତୃତୀୟ ଉପାଦାନ ହେଉଛି, ଭ୍ରାତୃତ୍ୱଭାବ। ଏହା ସମସ୍ତଙ୍କ ପାଇଁ ସାମାଜିକ ପ୍ରତିବଦ୍ଧତା। ଏହା ବିନା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ। ସମସ୍ତଙ୍କ ମଧ୍ୟରେ ଭ୍ରାତୃତ୍ୱଭାବ ଯେତେ ନିବିଡ଼ ହୁଏ, ସମାଜ ସେତେ ଐକ୍ୟବଦ୍ଧ ହୁଏ। ବିଭେଦ ଓ ବିବାଦ ଆସ୍ତେ ଆସ୍ତେ ଅପସରି ଯାଏ। ବିଶ୍ୱ ଶାନ୍ତି ପାଇଁ ବି ଏହା ଜରୁରୀ। ପରସ୍ପରକୁ ଭଲ ପାଇବା ମାନବିକତାର ଅପରିହାର୍ଯ୍ୟ ଅଂଶବିଶେଷ। ଗୋଟିଏ ବିବାଦଗ୍ରସ୍ତ ଓ ବିଭେଦଗ୍ରସ୍ତ ସମାଜକୁ ସଭ୍ୟ ସମାଜ ବୋଲି କହିହେବ ନାହିଁ। ଏପରି ସମାଜ ଦୀର୍ଘସ୍ଥାୟୀ ନୁହେଁ। କାରଣ ବିଶୃଙ୍ଖଳା ଅଧଃପତନର କାରଣ ହୁଏ। ତେଣୁ ପ୍ରତ୍ୟେକ ମାନବବାଦୀ ଧର୍ମରେ ସ୍ନେହ-ମମତା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଚିନ୍ତନରେ ବସୁଧୈବ କୁଟୁମ୍ବକମ୍ କଥା କୁହାଯାଇଛି। ଭ୍ରାତୃତ୍ୱଭାବର ପ୍ରସାର ପାଇଁ ଅହିଂସା, ଦୟା ଓ କ୍ଷମାର କଥା କୁହାଯାଇଛି। ମାନବବାଦର ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି।

ସଭ୍ୟତାର ନିୟାମକ ଭାବେ ଏ ତିନୋଟି ଉପାଦାନ ଆଜି ସର୍ବତ୍ର ଗ୍ରହଣୀୟ। ଆମ ସମସ୍ତଙ୍କ ପାଇଁ ଆତ୍ମଚିନ୍ତନର ମାର୍ଗଦର୍ଶକ। ନିଜକୁ ସୁସଭ୍ୟ ବୋଲି ଦାବି କରିବା ପୂର୍ବରୁ ସଭ୍ୟତାର ମାନକରେ ତଉଲିବାର ଅଛି ଓ ଅନୁଭବ କରିବାର ଅଛି ଯେ ଆମେ ପ୍ରକୃତରେ କେତେ ସୁସଭ୍ୟ।●

**ଅବସରପ୍ରାପ୍ତ ଦର୍ଶନ ବିଭାଗ ଅଧ୍ୟାପକ**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

# ଭାରତର ନାଇଟିଙ୍ଗେଲ: ସରୋଜିନୀ ନାଇଡୁ



**ଡାକ୍ତର ଅଂଶୁମାନ କର**

ଭାରତର ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କ କଥା ଆସିଲେ ଯେଉଁ କେତେକ ମହିଳାଙ୍କ ନାମ ସର୍ବାଗ୍ରେ ଆସେ, ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଶ୍ରୀମତୀ ସରୋଜିନୀ ନାଇଡୁ। ଜଣେ ପ୍ରବୀଣ ରାଜନୀତିଜ୍ଞ, ସମାଜସେବୀ, କବୟିତ୍ରୀ ଏବଂ ପ୍ରଶାସିକା ଭାବେ ଆଜି ବି ଶ୍ରୀମତୀ ନାଇଡୁ ଅନେକଙ୍କ ପାଇଁ ଆଦର୍ଶ। ସରୋଜିନୀ ନାଇଡୁ ୧୩ ଫେବୃଆରୀ ୧୮୭୯ରେ ହାଇଦ୍ରାବାଦରେ ଅଘୋରନାଥ ଚଟ୍ଟୋପାଧ୍ୟାୟଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବଙ୍ଗଳାର ବିକ୍ରମପୁରର ବ୍ରାହ୍ମଣଗାଁ (ବର୍ତ୍ତମାନ ବାଂଲାଦେଶର ମୁନସିଗଞ୍ଜରେ)ରୁ ଆସିଥିଲେ। ତାଙ୍କ ପିତା ଜଣେ ବଙ୍ଗାଳୀ ବ୍ରାହ୍ମଣ ଏବଂ ନିଜାମ କଲେଜର ଅଧ୍ୟକ୍ଷ ଥିଲେ। ସେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ। ତାଙ୍କ ମାଆ ବରଦା ସୁନ୍ଦରୀ ଦେବୀ ବଙ୍ଗଳାରେ କବିତା ଲେଖୁଥିଲେ। ହାଇଦ୍ରାବାଦର ଏକ ବଙ୍ଗାଳୀ ପରିବାରରେ ଜନ୍ମଗ୍ରହଣ କରିଥିବା ନାଇଡୁ ମାଡ୍ରାସ, ଲଣ୍ଡନ ଏବଂ କେମ୍ବ୍ରିଜରେ ଶିକ୍ଷାଲାଭ କରିଥିଲେ। ବ୍ରିଟେନରେ ତାଙ୍କର ସମୟ ପରେ, ଯେଉଁଠାରେ ସେ ଜଣେ ମତାଧିକାରୀ ଭାବରେ କାମ କରିଥିଲେ, ସେ ଭାରତର ସ୍ୱାଧୀନତା ପାଇଁ କଂଗ୍ରେସ ଦଳର ସଂଗ୍ରାମ ପ୍ରତି ଆକର୍ଷିତ ହୋଇଥିଲେ। ସେ ଜାତୀୟ ଆନ୍ଦୋଳନର ଏକ ଅଂଶ ହୋଇଗଲେ ଏବଂ ମହାତ୍ମା ଗାନ୍ଧୀ ଓ ସ୍ୱରାଜ ଧାରଣାର ଅନୁଗାମୀ ହେଲେ। ତାଙ୍କୁ ୧୯୨୫ ମସିହାରେ କଂଗ୍ରେସ ଅଧ୍ୟକ୍ଷା ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ଯେତେବେଳେ ଭାରତ ସ୍ୱାଧୀନତା ହାସଲ କଲା, ୧୯୪୭ ମସିହାରେ ସଂଯୁକ୍ତ ପ୍ରଦେଶର (ଆଜିର ଉତ୍ତରପ୍ରଦେଶ) ରାଜ୍ୟପାଳ ହୋଇଥିଲେ।

୧୯୦୪ ମସିହାରୁ ନାଇଡୁ ଧୀରେ ଧୀରେ ଜଣେ ଲୋକପ୍ରିୟ ବକ୍ତା ଭାବେ ଖ୍ୟାତି ଅର୍ଜନ କଲେ, ଯାହାଦ୍ୱାରା ସେ ଭାରତୀୟ ସ୍ୱାଧୀନତା ଏବଂ ମହିଳା ଅଧିକାର, ବିଶେଷକରି ମହିଳା ଶିକ୍ଷାକୁ ପ୍ରୋତ୍ସାହିତ କରୁଥିଲେ। ବନ୍ୟା ସହାୟତା ପାଇଁ ତାଙ୍କର ସାମାଜିକ କାର୍ଯ୍ୟ ଯୋଗୁଁ ତତ୍କାଳୀନ ସରକାର ୧୯୧୧ ମସିହାରେ 'କୈସର-ଇ-ହିନ୍ଦ' ପଦକ ପ୍ରଦାନ କରିଥିଲା, ଯାହାକୁ ସେ ପରେ ଏପ୍ରିଲ ୧୯୧୯ର ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ପ୍ରତିବାଦରେ ଫେରାଇ ଦେଇଥିଲେ। ସେ ୧୯୦୯ ମସିହାରେ ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କୁ ଭେଟିଥିଲେ ଏବଂ ୧୯୧୪ ମସିହାରେ ସେ ମହାତ୍ମା ଗାନ୍ଧୀଙ୍କୁ ଭେଟିଥିଲେ, ଯାହାଙ୍କୁ ସେ ନିଜର ରାଜନୈତିକ କାର୍ଯ୍ୟ ପ୍ରତି ଏକ ନୂତନ ପ୍ରତିବଦ୍ଧତାର ପ୍ରେରଣା ଦେବା ପାଇଁ ଶ୍ରେୟ ଦେଇଥିଲେ। ସେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଭାରତୀୟ ମହିଳା ସଭାପତି ଭାବେ ପ୍ରଥମ କରି କଂଗ୍ରେସ ସମ୍ମିଳନୀର ଅଧ୍ୟକ୍ଷତା ମଧ୍ୟ କରିଥିଲେ। ଜଣେ ସାଧାରଣ ବକ୍ତା ଭାବରେ ନାଇଡୁଙ୍କ ବକ୍ତୃତା ତାଙ୍କର ବ୍ୟକ୍ତିତ୍ୱ ଏବଂ ତାଙ୍କ କବିତାର ମିଶ୍ରଣ ପାଇଁ ଜଣାଶୁଣା ଥିଲା। ନାଇଡୁ ଜାତୀୟତାବାଦୀ ଆନ୍ଦୋଳନ ସହିତ ମହିଳା ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର କବିତା ଏବଂ ବକ୍ତୃତା ଦକ୍ଷତାକୁ ବ୍ୟବହାର କରିଥିଲେ।

ନାଇଡୁ ସ୍ୱାଧୀନତା ସଂଗ୍ରାମ ସମାନ୍ତରାଳରେ ନାରୀମାନଙ୍କ ଅଧିକାରରେ ସଂସ୍କାର ଆଣିବା ଲାଗି ମଧ୍ୟ ଆନ୍ଦୋଳନ କରୁଥିଲେ। ତାଙ୍କ ମତରେ ପ୍ରକୃତ 'ରାଷ୍ଟ୍ର ନିର୍ମାତା' ପୁରୁଷ ନୁହେଁ, ମହିଳା ଥିଲେ ଏବଂ ମହିଳାଙ୍କ ସକ୍ରିୟ ସହଯୋଗ ବିନା ଜାତୀୟତାବାଦୀ ଆନ୍ଦୋଳନ ବ୍ୟର୍ଥ ହେବ। ନାଇଡୁ ତାଙ୍କ ଭାଷଣରେ ଯୁକ୍ତି ଦେଉଥିଲେ ଯେ ଭାରତର ଜାତୀୟତା ମହିଳା ଅଧିକାର ଉପରେ ନିର୍ଭର କରେ ଏବଂ ଭାରତର ମୁକ୍ତି ମହିଳାଙ୍କ ମୁକ୍ତିଠାରୁ ପୃଥକ୍ ହୋଇ ପାରିବ ନାହିଁ। ଏହି କାରଣରୁ ମହିଳା ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନ ସହିତ ସମାନ୍ତରାଳ ଭାବରେ ବିକଶିତ ହୋଇଥିଲା। ୧୯୧୭ ମସିହାରେ ନାଇଡୁ 'ମହିଳା ଭାରତୀୟ ସଂଘ' ପ୍ରତିଷ୍ଠା ପାଇଁ ପ୍ରାୟୋଜିତ ହୋଇଥିଲେ, ଯାହା ମହିଳାମାନଙ୍କୁ ସେମାନଙ୍କର ଅଭିଯୋଗ ଓ ଅଧିକାର ବିଷୟରେ ଆଲୋଚନା କରିବା ଏବଂ ଦାବି କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ସେହି ବର୍ଷ ନାଇଡୁ ମହିଳାମାନଙ୍କ ଏକ ପ୍ରତିନିଧିମଣ୍ଡଳର ମୁଖପାତ୍ର ଭାବରେ ଏକ ପ୍ରତିନିଧି ମଣ୍ଡଳ ନେଇ ସଂସ୍କାର ବିଷୟରେ ଆଲୋଚନା କରିବା ପାଇଁ ଭାରତର ତତ୍କାଳୀନ ରାଜ୍ୟ ସଚିବ ଏଡୱିନ୍ ମୋଣ୍ଟାଗୁ ଏବଂ ଭାରତର ଭାଇସରୟ ଲର୍ଡ କ୍ଲେମସଫୋର୍ଡଙ୍କୁ ଭେଟିଥିଲେ। ଏହି ପ୍ରତିନିଧି ମଣ୍ଡଳୀ ଭାରତରେ ସ୍ୱ-ଶାସନ ପ୍ରଚଳନ ପାଇଁ ମହିଳାମାନଙ୍କର ସମର୍ଥନ ପ୍ରକାଶ କରିଥିଲେ ଏବଂ ଦାବି କରିଥିଲେ ଯେ ଭାରତର ଲୋକମାନଙ୍କୁ ଭୋଟ ଦେବାର ଅଧିକାର ଦିଆଯିବା ଉଚିତ, ଯେଉଁଥିରେ ମହିଳାମାନଙ୍କୁ ଅନ୍ତର୍ଭୁକ୍ତ କରାଯିବା ଉଚିତ। ପ୍ରତିନିଧି ମଣ୍ଡଳୀର ଦାବିଗୁଡ଼ିକୁ ସମର୍ଥନ କରି ଅନେକ ସାଧାରଣ ସଭା ଏବଂ ରାଜନୈତିକ ସମ୍ମିଳନୀ ଦ୍ୱାରା ଏହାକୁ ଅନୁସରଣ କରାଯାଇଥିଲା, ଯାହା ଥିଲା ସରୋଜିନୀଙ୍କର ଏକ ବିରାଟ ସଫଳତା। ମାତ୍ର ପରବର୍ତ୍ତୀ କିଛି ବର୍ଷ ଯାଏଁ ନାରୀମାନଙ୍କ ଭୋଟ ଅଧିକାର ନିମନ୍ତେ ତାଙ୍କର ସଂଗ୍ରାମକୁ ସରକାରୀ ସହଯୋଗ ମିଳୁ ନଥିଲେ ବି ନିଜର କାର୍ଯ୍ୟ ଦକ୍ଷତା ଏବଂ ସଂଗଠନ କୁଶଳତା ବଳରେ ଜାତୀୟ କଂଗ୍ରେସରେ ସର୍ବୋଚ୍ଚ ସ୍ତର ଯାଏଁ ମହିଳାମାଙ୍କ ସ୍ୱର ହୋଇ ପାରିଥିଲେ।

୧୯୩୦ ମସିହାରେ ଗାନ୍ଧୀ ପ୍ରଥମେ ମହିଳାଙ୍କୁ ଲବଣ ସତ୍ୟାଗ୍ରହ ଯାତ୍ରାରେ ଯୋଗ ଦେବାକୁ ଅନୁମତି ଦେବାକୁ ଚାହୁଁ ନଥିଲେ, କାରଣ ଏହା ଶାରୀରିକ ଭାବରେ କଷ୍ଟକର ଏବଂ ଗିରଫ ହେବାର ଅଧିକ ବିପଦ ହେବାର ଆଶଙ୍କା ଥିଲା। ନାଇଡୁ ଏବଂ କମଳା ଦେବୀ ଚଟ୍ଟୋପାଧ୍ୟାୟ ଏବଂ ଖୁର୍ସେଦ ନାଓରୋଜିଙ୍କ ସମେତ ଅନ୍ୟାନ୍ୟ ମହିଳା କର୍ମୀ ତାଙ୍କୁ ରାଜି କରାଇ ଥିଲେ ଏବଂ ମାର୍ଚ୍ଚରେ ମହିଳାମାନେ ମଧ୍ୟ ଏହି ପଦଯାତ୍ରାରେ ଯୋଗ ଦେଇଥିଲେ। ଯେତେବେଳେ ଗାନ୍ଧୀଙ୍କୁ ୬ ଏପ୍ରିଲ ୧୯୩୦ରେ ଗିରଫ କରାଯାଇଥିଲା, ସେ ନାଇଡୁଙ୍କୁ ଅଭିଯାନର ନୂତନ ନେତା ଭାବରେ ନିଯୁକ୍ତ କରିଥିଲେ। ଗିରଫଦାରୀ ଯୋଗୁଁ ଭାରତୀୟ ଜାତୀୟ କଂଗ୍ରେସ ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଗୋଲଟେବୁଲ ସମ୍ମିଳନୀରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲା। ୧୯୩୧ ମସିହାରେ ନାଇଡୁ ଏବଂ କଂଗ୍ରେସ ଦଳର ଅନ୍ୟ ନେତାମାନେ ଗାନ୍ଧୀ-ଇରୱିନ୍ ଚୁକ୍ତି ପରେ ଭାଇସରୟ ଲର୍ଡ ଇରୱିନ୍‌ଙ୍କ ନେତୃତ୍ୱରେ ଦ୍ୱିତୀୟ ଗୋଲଟେବୁଲ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ୧୯୩୨ ମସିହାରେ ନାଇଡୁଙ୍କୁ ବ୍ରିଟିଶମାନେ ଜେଲରେ ଭର୍ତ୍ତି କରିଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିବା ପାଇଁ ବ୍ରିଟିଶମାନେ ୧୯୪୨ ମସିହାରେ ନାଇଡୁଙ୍କୁ ପୁଣି ଜେଲ ପଠାଇ ଥିଲେ। ତାଙ୍କୁ ୨୧ ମାସ ପାଇଁ ଜେଲରେ ରଖାଯାଇଥିଲା। ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ଭାରତ ସ୍ୱାଧୀନତା ପାଇବା ପରେ ନାଇଡୁଙ୍କୁ ସଂଯୁକ୍ତ ପ୍ରଦେଶ (ବର୍ତ୍ତମାନର ଉତ୍ତରପ୍ରଦେଶ)ର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା, ଯାହା ତାଙ୍କୁ ଭାରତର ପ୍ରଥମ ମହିଳା ରାଜ୍ୟପାଳ କରିଥିଲା। ସେ ମାର୍ଚ୍ଚ ୧୯୪୯ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ।




ନାଇଡୁ ୧୨ ବର୍ଷ ବୟସରେ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ନାଟକ 'ମାହେର ମୁନୀର', ଯାହା ପାର୍ସୀ ଭାଷାରେ ଲିଖିତ, ହାଇଦ୍ରାବାଦ ରାଜ୍ୟର ତତ୍କାଳୀନ ନିଜାମଙ୍କୁ ପ୍ରଭାବିତ କରିଥିଲା। ନାଇଡୁ ମୁଖ୍ୟତଃ ଇଂରାଜୀରେ ଲେଖୁଥିଲେ ଏବଂ ସାଧାରଣତଃ ତାହା ବ୍ରିଟିଶ ରୋମାଣ୍ଟିସିଜମ୍‌ର ପରମ୍ପରା ଅନୁସାରେ ଗୀତି କବିତାର ରୂପ ନେଉଥିଲା, ଯାହାକୁ ତାଙ୍କ ଭାରତୀୟ ଜାତୀୟତାବାଦୀ ରାଜନୀତି ସହିତ ସମନ୍ୱିତ କରିବା ପାଇଁ ତାଙ୍କୁ କେତେକ ସମୟରେ ଚ୍ୟାଲେଞ୍ଜ କରାଯାଉଥିଲା। ସେ ତାଙ୍କ ଲେଖାରେ ସମୃଦ୍ଧ ଚିତ୍ରକଳ୍ପ ପ୍ରତିଚ୍ଛବିର ସ୍ପଷ୍ଟ ବ୍ୟବହାର ଏବଂ ଭାରତର ସୁନ୍ଦର ଚିତ୍ରଣ ପାଇଁ ଜଣାଶୁଣା ଥିଲେ। ତାଙ୍କର ଅନେକ ସାରସ୍ୱତ କୃତୀ ମଧ୍ୟରୁ କବିତା ପୁସ୍ତକ 'ଦ ଗୋଲ୍ଡେନ୍ ଥ୍ରେସୋଲ୍ଡ' ଏବଂ 'ଦ ବାର୍ଡ୍ ଅଫ୍ ଟାଇମ୍' ବିଶ୍ୱ ପ୍ରସିଦ୍ଧ, ଯାହାକି ୧୯୧୨ ମସିହାରେ ଉଭୟ ଲଣ୍ଡନ ଓ ନ୍ୟୁୟର୍କରୁ ପ୍ରକାଶିତ ହୋଇଥିଲା। ୧୮୯୫ରୁ ୧୮୯୮ ପର୍ଯ୍ୟନ୍ତ ଇଂଲଣ୍ଡରେ ଅଧ୍ୟୟନ କରୁଥିବା ସମୟରେ ନାଇଡୁ ତାଙ୍କ ଶିକ୍ଷକ ସାର୍ ଏଡ୍‌ମଣ୍ଡ ୱିଲିୟମ୍ ଗୋସେ ଏବଂ ଆର୍ଥର୍ ସାଇମନ୍ସଙ୍କ ମାର୍ଗଦର୍ଶନରେ ତାଙ୍କର କାବ୍ୟିକ ଦକ୍ଷତାକୁ ଉନ୍ନତ କରିଥିଲେ। ସ୍ୱଦେଶୀ ଆନ୍ଦୋଳନ (୧୯୦୫) ପରେ ତାଙ୍କର କାର୍ଯ୍ୟ ଭାରତୀୟ ଜୀବନ ଏବଂ ସଂସ୍କୃତି ଉପରେ କେନ୍ଦ୍ରିତ ହେବା ଆରମ୍ଭ କରିଥିଲା। ଯଦିଓ ସେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭାବରେ ସାମିଲ ହୋଇଥିଲେ, ଯାହା ତାଙ୍କୁ କବିତା ପାଇଁ ସମୟ ଉତ୍ସର୍ଗ କରିବାକୁ କମ୍ ସମୟ ଦେଇଥିଲା, ସେ ତାଙ୍କ ପିଲାଦିନର ସ୍ମୃତିରୁ 'ଇନ୍ ଦି ବଜାରସ୍ ଅଫ୍ ହାଇଦ୍ରାବାଦ' ରଚନା କରିଥିଲେ। ନାଇଡୁ ପାରମ୍ପରିକ ଶେଷ ଛନ୍ଦ ସହିତ ଚିତ୍ରକଳା ଏବଂ ଅନୁପ୍ରୟୋଗ ବ୍ୟବହାର କରିଛନ୍ତି ଏବଂ ଏହି କବିତା ହାଇଦ୍ରାବାଦର ସାମାଜିକ ଶିଷ୍ଟାଚାର, ଆଚରଣ, ଆଭିଜାତ୍ୟର ଜୀବନଶୈଳୀ ଏବଂ ସମାଜର ସ୍ୱତନ୍ତ୍ର ବୈଶିଷ୍ଟ୍ୟକୁ ପ୍ରକାଶ କରିଛି। ଏହି କବିତାଟି ଭାରତୀୟ ଶିକ୍ଷା ବୋର୍ଡର ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଏବଂ ୟୁରୋପ୍‌ର କିଛି ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟ ପାଠ୍ୟକ୍ରମରେ ଏହି କବିତା ଏବେ ମଧ୍ୟ ପଢ଼ା ଯାଉଛି। ଜଣେ କବି ଭାବରେ ନାଇଡୁଙ୍କୁ 'ଭାରତର ନାଇଟିଙ୍ଗେଲ୍' ଭାବରେ ପରିଚିତି ପ୍ରଦାନ କରାଯାଇଥିଲା। ଏଡ୍‌ମଣ୍ଡ ଗୋସେ ତାଙ୍କୁ 'ଭାରତର ସବୁଠାରୁ ସଫଳ କବି' ବୋଲି କହିଥିଲେ।

ନାଇଡୁଙ୍କୁ 'ଭାରତର ଜଣେ ନାରୀବାଦୀ ଜ୍ୟୋତିଷ୍କ' ଭାବରେ ଗଣନା କରାଯାଏ। ନାଇଡୁଙ୍କ ଜୟନ୍ତୀ ୧୩ ଫେବୃଆରୀ ଭାରତର ଇତିହାସରେ ମହିଳାମାନଙ୍କର ଶକ୍ତିଶାଳୀ ସ୍ୱରକୁ ସ୍ୱୀକୃତି ଦେବା ପାଇଁ 'ଜାତୀୟ ମହିଳା ଦିବସ' ଭାବରେ ପାଳନ କରାଯାଏ। ହଜି ଯାଉଥିବା ସ୍ମୃତି ଓ ପରମ୍ପରାରେ ଆଜି ଏହି ମହିୟସୀଙ୍କ ପ୍ରତି ଜାତି କେତେ କୃତଜ୍ଞ ହେବା ଉଚିତ, ତାହା ଆଲୋଚନାର ବିଷୟ। ଜଣେ ରାଷ୍ଟ୍ରନିର୍ମାତା ଭାବେ ତାଙ୍କୁ ଆଜି ଜାତି ନିଶ୍ଚୟ ପ୍ରଣାମ କରିବା ଆବଶ୍ୟକ।●

**ଅନନ୍ୟ ନିକେତନ, ଏନ୍-୧/୧୮୩**
**ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର**
**ମୋ: ୯୭୭୮୦୩୦୪୯୪**

# ଢାକାରେ ନିର୍ବାଚନୀ ଗଣତନ୍ତ୍ରକୁ ପ୍ରତ୍ୟାବର୍ତ୍ତନ

ବାଂଲାଦେଶ ଏବେ ଦୋଛକିରେ। ଗୁରୁବାର ଦିନ ଏହି ଦେଶରେ ହୋଇଥିବା ନିର୍ବାଚନ କେବଳ ଢାକାରେ କିଏ ଶାସନ ଗାଦିରେ ବସିବ, ତାହା ସ୍ଥିର କରିବ ନାହିଁ, ବରଂ ତା' ସହିତ ଏହି ଉପମହାଦେଶରେ କୂଟନୀତିକ ଭାରସାମ୍ୟକୁ ମଧ୍ୟ ନିର୍ଣ୍ଣୟ କରିବ। ଭାରତର ଏହି ନିର୍ବାଚନ ଉପରେ ତୀକ୍ଷ୍ଣ ଦୃଷ୍ଟି ରହିବ, ଯେହେତୁ ଏହି ପଡ଼ୋଶୀ ରାଷ୍ଟ୍ର ସହିତ, ଯାହା ସହିତ ଏହାର ସର୍ବାଧିକ ଦୀର୍ଘ ଭୂଭାଗ ସୀମାରେଖା (୪,୦୯୬ କିଲୋମିଟର) ଲାଗି ରହିଛି, ତାହା କ୍ରମବର୍ଦ୍ଧିଷ୍ଣୁ ଭାରତ-ବିରୋଧୀ ମନୋଭାବ ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ପୁନଃସମାୟୋଜନ ଆବଶ୍ୟକ କରେ। ନିର୍ବାଚନ ସହିତ ସମ୍ବିଧାନ ଉପରେ ଏକ ଗଣଭୋଟ୍ ମଧ୍ୟ ଅନୁଷ୍ଠିତ କରାଯାଉଛି, ଯାହା ଆପାତତଃ ସ୍ପଷ୍ଟ ଭାବରେ ଏକ 'ହଁ' ଭୋଟ୍‌କୁ ସାଙ୍ଗରେ ନେଇ ଦେଶର ଭବିଷ୍ୟତର ରୂପରେଖକୁ ନିର୍ଦ୍ଧାରଣ କରିବାରେ ସହାୟକ ହେବ। ଏକଦା ଏହି ଦେଶର ୧୭୦ ମିଲିଅନ୍ ଭୋଟରଙ୍କ ମଧ୍ୟରୁ ନିହାତି କମ୍‌ରେ ୩୦ ପ୍ରତିଶତଙ୍କ ଦ୍ୱାରା ସମର୍ଥିତ ଶେଖ୍ ହସିନାଙ୍କ ଶାସକ ଦଳକୁ ଏହି ନିର୍ବାଚନରେ ଅନ୍ତରୀଣ ସରକାରଙ୍କ ନିଷେଧାଦେଶ ଦ୍ୱାରା ବାଦ୍ ଦିଆଯାଇଥିବା ବେଳେ, ଯେଉଁ ରାଜନୀତିକ ଦଳମାନଙ୍କୁ- ୯ ଗୋଟି ସହଯୋଗୀ ଦଳଙ୍କ ସହିତ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି), ଯାହା ଜମାତ୍-ଇ-ଇସଲାମୀ ଦଳ ନେତୃତ୍ୱରେ ୧୧ଟି ସହଯୋଗୀ ଦଳଙ୍କର ବର୍ତ୍ତମାନ ନିର୍ବାଚନରେ ସାମ୍ନା କରୁଛି, ଯେଉଁଥିରେ ସାମିଲ ଅଛନ୍ତି ସେହିସବୁ ଦଳ ଯେଉଁମାନେ କି ୨୦୨୪ରେ ଶେଖ୍ ହସିନାଙ୍କ ସରକାରର ପତନ ଘଟାଇ ଥିଲେ- ସେ ତାଙ୍କର ଦୀର୍ଘ କାଳର ଶାସନ ସମୟରେ ହୁଏତ ପଦ ଦଳିତ କରି ରଖିବା ପାଇଁ ଉଦ୍ୟମ କରିଥିଲେ, ସେହିମାନେ ଏବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଯେଉଁ ଦଳ ବା ମେଣ୍ଟ ନିର୍ବାଚନରେ ବିଜୟୀ ହେଉ ନା କାହିଁକି, ଭାରତର ତତ୍କାଳ ଉଦ୍ୟମ ହେବ, ସେହି ସରକାର ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଏବଂ ଏକ ଦ୍ୱିପାକ୍ଷିକ ସମ୍ପର୍କର ପୁନରୁଦ୍ଧାର କରିବା, ଯାହା ଗୋଟିଏ ସମୟରେ ଦକ୍ଷିଣ ଏସିଆରେ ଆଦର୍ଶ ସହଯୋଗ ନିମନ୍ତେ ଏକ ନକ୍ସା ଭାବରେ ରହିଥିଲା, ଯେଉଁଥିରେ ହସିନାଙ୍କ ୧୫ ବର୍ଷର ଶାସନ କାଳ ମଧ୍ୟରେ ବ୍ୟବସାୟ ବାଣିଜ୍ୟ କାରବାର ୬୦୦ ପ୍ରତିଶତକୁ ବୃଦ୍ଧି ପାଇଥିଲା, ଯେତେବେଳେ କି ସୀମାନ୍ତର ଭିତ୍ତିଭୂମି ସୁରକ୍ଷିତ ରହିଥିଲା ଏବଂ ଯେଉଁ ଆତଙ୍କୀମାନଙ୍କୁ ଭାରତର ଉତ୍ତରପୂର୍ବରେ ବ୍ୟାଘାତ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଉଥିଲା, ଢାକା ସେମାନଙ୍କ ପାଇଁ ବାଂଲାଦେଶ କିପରି ଭୂସ୍ୱର୍ଗ ନ ପାଲଟିବ, ସେଥିପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେଉଥିଲା।

ସମସ୍ୟାଟି ହେଉଛି ବାଂଲାଦେଶର ଯୁବ ପିଢ଼ି, ଯେଉଁମାନଙ୍କ ସଂଖ୍ୟା ଦେଶର ମୋଟ ଭୋଟର ସଂଖ୍ୟାର ୪୪ ପ୍ରତିଶତ ଏବଂ ତା' ସହିତ ଜେନ୍ ଜି ଭୋଟର ମାନେ, ଯେଉଁମାନେ ଅନୁଭବ କରନ୍ତି ଯେ ଭାରତ ଶେଖ୍ ହସିନାଙ୍କୁ ବିପୁଳ ପରିମାଣର ସହାୟତା ଯୋଗାଇ ଦେଇ ସେମାନଙ୍କ ଦେଶ ଉପରେ ବଡ଼ଭାଇପଣିଆ ଦେଖାଉଛି ଏବଂ ୨୦୧୪, ୨୦୧୮ ଏବଂ ୨୦୨୪ ନିର୍ବାଚନକୁ ହସିନାଙ୍କ ସପକ୍ଷରେ ଯିବା ପାଇଁ ସାହାଯ୍ୟ କରି ଏହି ଦେଶର ଗଣତନ୍ତ୍ରକୁ ଧ୍ୱଂସ କରିବାରେ ସହାୟକ ହେଉଛି, ଆଉ ସଦ୍ୟତମ ଘଟଣା ଭାବରେ ଆଇପିଏଲ୍‌ରୁ ସେମାନଙ୍କ ଦେଶର ଜଣେ ଖେଳାଳିଙ୍କୁ ବାଦ୍ ଦେଇ କ୍ରୀଡ଼ାରେ ମଧ୍ୟ ରାଜନୀତିକୁ ଭର୍ତ୍ତି କରୁଛି। ଗାଦିରୁ ବିତାଡ଼ିତ ହେବା ପରେ ହସିନା ଭାରତକୁ ପଳାଇ ଆସିବା ଏବଂ ଏଠାରେ ସ୍ୱଚ୍ଛନ୍ଦରେ ରହିବା ସେମାନଙ୍କର ଏଭଳି ମନୋଭାବକୁ ଅଧିକ ତେଜାଇ ଦେବା ଫଳରେ ଉଭୟ ଦେଶର ସମ୍ପର୍କ ଉପରେ ଏହାର ଏତେ ଗୁରୁତର ପ୍ରଭାବ ପଡ଼ିଛି ଯେ ସେମାନେ ସମ୍ପୂର୍ଣ୍ଣ ଭାବରେ ଭାରତର ଶତ୍ରୁ ପାଲଟି ଯାଇଛନ୍ତି। ଜୁଲାଇ ୨୦୨୪ରେ ହସିନାଙ୍କ ସରକାରର ପତନ ଘଟିବା ଏବଂ ସେଠାରେ ମହମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ପ୍ରତିଷ୍ଠା ହେବା ପରେ, ଯାହାଙ୍କୁ ଆମେରିକାରେ ରହୁଥିବା ଉଦାରବାଦୀ ଶକ୍ତିମାନେ ସେହି ପଦବୀରେ ଅଧିଷ୍ଠିତ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ, ତାଙ୍କ ଦ୍ୱାରା ଅବଶ୍ୟ ଖୁବ୍ ଶୀଘ୍ର ସେହି ଦେଶରେ ନିର୍ବାଚନ କରାଯାଉଛି। ଏହି ସମୟ ଭିତରେ କିନ୍ତୁ ମହମଦ ୟୁନୁସ୍ ଭାରତ ସହିତ ସମ୍ପର୍କକୁ ଯେତେଦୂର ସମ୍ଭବ ସେତେ ପରିମାଣରେ ତିକ୍ତ କରିବା ସଙ୍ଗେ ସଙ୍ଗେ ଚୀନ୍ ସହିତ ସମ୍ପର୍କକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଇସ୍‌ଲାମୀୟ ଜମାତ୍ ଏବଂ ଆହୁରି ଅନେକ ଚରମପନ୍ଥୀ ତତ୍ତ୍ୱମାନଙ୍କ ସହିତ ମିଶି ଭାରତ ବିରୁଦ୍ଧରେ ଯାବତୀୟ ଅପପ୍ରଚାର ଚଳାଇବା ସହିତ ସେମାନଙ୍କୁ ଏହା ବିପକ୍ଷରେ ନିଯୋଗ କରିଛନ୍ତି।

କିନ୍ତୁ ଆଂଶିକ ଗଣତନ୍ତ୍ରର ପୁନରୁଦ୍ଧାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେବ, ଯେହେତୁ ପୂର୍ବତନ ମାଇକ୍ରୋଫାଇନାନ୍ସ ବ୍ୟାଙ୍କର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯେ ନିର୍ବାଚନ ଦେଶର ଶାସନକର୍ତ୍ତାଙ୍କୁ ନିର୍ଦ୍ଧାରିତ କରି ସାରିବା ପରେ ସେ ଅନ୍ତରୀଣ ସରକାରର ନେତୃତ୍ୱ ନେବା ସହିତ ଶାସନ କଳରୁ ବିଦାୟ ନେଇଯିବେ। ଆୱାମୀ ଲିଗ୍‌କୁ ବାଦ୍ ଦିଆଯାଇଥିବାରୁ ନିର୍ବାଚନ ସମ୍ପୂର୍ଣ୍ଣ ଅବାଧ ହୋଇ ନଥିବା ବେଳେ- ୨୦୨୪ରେ ବିଏନ୍‌ପି ନିର୍ବାଚନ ବର୍ଜନ କରିବାକୁ ପସନ୍ଦ କରିଥିଲା- ଭାରତ ଆଶା କରେ ଯେ ତାହା ଜଣେ ନିର୍ଣ୍ଣାୟକ ବିଜେତା ଉପରେ ଯଥେଷ୍ଟ ଆଲୋକ ବିଚ୍ଛୁରଣ କରିବା ନିମନ୍ତେ ଯଥେଷ୍ଟ ପରିମାଣରେ ନିରପେକ୍ଷ ହେବ ଯଦ୍ୱାରା ଦୁଇ ଦେଶର ସମ୍ପର୍କ କ୍ଷେତ୍ରରେ ଦେଖା ଦେଇଥିବା ଫାଟକୁ ମରାମତି କରିବା ପାଇଁ କାହା ସହିତ ଯୋଗାଯୋଗ କରିବାକୁ ଉଦ୍ୟମ କରାଯିବ, ତା' ଉପରେ କୌଣସି ସନ୍ଦେହ ରହିବ ନାହିଁ। ହସିନାଙ୍କ ଦେଶାନ୍ତରଣକୁ ମଧ୍ୟ ଏଥିରୁ ଅଲଗା କରାଯାଇ ପାରିବ ନାହିଁ, କାରଣ ନୂଆ ସରକାର ସହିତ ଆଲୋଚନା କାଳରେ ଏହି ପ୍ରସଙ୍ଗ ଅବଶ୍ୟ ମୁଣ୍ଡ ଟେକିବ। ଏକ ପଡ଼ୋଶୀ ରାଷ୍ଟ୍ର ସହିତ ସ୍ଥିର ସମ୍ପର୍କର ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ ନେଇ ଆଲୋଚନା କରିବା ଭାରତ ପାଇଁ ଏତେ ସହଜସାଧ୍ୟ ହେବନାହିଁ, କାରଣ ଏହାର ଚାପରେ ଭାରସାମ୍ୟ ରକ୍ଷା କରିବା ପାଇଁ କୌଶଳପୂର୍ଣ୍ଣ ନୀତିଗୁଡ଼ିକର ଅବଲମ୍ବନ ଆବଶ୍ୟକ ହେବ। ତେବେ ବର୍ତ୍ତମାନ ପାଇଁ ବାଂଲାଦେଶ ନିର୍ବାଚନର ଫଳାଫଳକୁ ହିଁ ଅପେକ୍ଷା।●

# ଶିଶୁର ମନ ସଫା ବସନ

ପରିବାର ଓ ପରିବେଶରେ ନାନାଦି ଘଟଣା ଘଟେ। ସେ ଘଟଣା ସବୁ ବଡ଼ ଲୋକଙ୍କ ଆଖିରୁ ଖସିଯାଇ ପାରେ, ମାତ୍ର ଶିଶୁଙ୍କ ଆଖିରୁ କେବେ ବି ଖସି ଯାଏନା। ଘଟଣାର ପ୍ରତିଟି ଦିଗ ଉପରେ ଶିଶୁର ମନ ବିଶ୍ଳେଷଣ କରେ। ନିଜ ଭିତରେ ଆଲୋଚନା କରେ। ଶିଶୁଟି ବଡ଼ ହେଲେ ସଂସ୍କାର ଅନୁଯାୟୀ ସେ ପ୍ରତିକ୍ରିୟାଶୀଳ ହୁଏ। ତେଣୁ ପିତାମାତା ଶିଶୁକୁ ଜନ୍ମ ଦେବା ପୂର୍ବରୁ ନିଜେ ସାଧନା ପଥରେ ଯିବାର ଆବଶ୍ୟକତା ଅଛି। ଶିଶୁଟି ବଡ଼ ହେଲା ପରେ ମଧ୍ୟ ବାପା ମାଆଙ୍କୁ ସତର୍କ ହୋଇ ଚଳିବାକୁ ପଡ଼େ। ପରିବାର, ପରିସରରୁ ଶିଶୁ ଯାହା ଶିଖେ, ସେ ସେମିତି ପ୍ରତିକ୍ରିୟାଶୀଳ ହୁଏ ଏବଂ ସେମିତି କ୍ରିୟା ମଧ୍ୟ କରେ। ଶିଶୁଙ୍କୁ ଟିକିଏ ଲକ୍ଷ୍ୟ କଲେ ଏକଥା ସହଜରେ ଜାଣିହେବ। ବେଳେବେଳେ ପିଲାମାନେ ନିରୋଳାରେ ଏକା ଏକା ଖେଳୁଥିଲା ବେଳେ କିଛି କଥା କହି ଥାଆନ୍ତି। ସେ କଥାକୁ ଭଲ ଭାବରେ ଲକ୍ଷ୍ୟ କଲେ ଜାଣିହେବ ଶିଶୁର ମନରେ କ'ଣ ଅଛି, ସେ କ'ଣ କରିବାକୁ ଚାହୁଁଛି। କେବେ ଯଦି ମା' ତାକୁ ମାରିଥାଏ, ତେବେ ସେ କଣ୍ଢେଇକୁ ମାରୁଥାଏ। ମାଆ ତାକୁ ଯାହା ଯାହା କହିଥାଏ, ସେ ସେହିସବୁ କଥା କଣ୍ଢେଇକୁ କୁହେ। ପିଲାଟି ବାହାରୁ ଯାହା ଶୁଣିଥାଏ, ସେ ପୁଣି ସେହି କଥା ହିଁ କୁହେ। ତେବେ ଶିଶୁଟି ତା' ଚାରିପାଖରେ ଘଟୁଥିବା ସମସ୍ତ କଥାକୁ ଅତି ସୂକ୍ଷ୍ମ ଭାବରେ ଗ୍ରହଣ କରେ। କୁହେ। ସୁବିଧା ପାଇଲେ ପ୍ରୟୋଗ ବି କରେ। ଦେଖାଯାଏ, ଦୂରଦର୍ଶନରୁ ପିଲାଟି ଯେମିତି ବନ୍ଧୁକ ମାରିବା, ଲଢ଼େଇ କରିବା ଅନୁକରଣ କରିଥାଏ, ସେମିତି ତା' ବ୍ୟବହାରରେ ପ୍ରତିଫଳିତ ହୁଏ। ପିଲାଟି ସବୁବେଳେ ଅନୁକରଣପ୍ରିୟ; ଆଦେଶପ୍ରିୟ ନୁହେଁ। ଯଦି ଆମେ ନିଜ ଆଚରଣରେ ଭୁଲ୍‌ଭଟକା କରୁଥିବା, ଏଣେ ପିଲାଟିକୁ ଆଦେଶ ଉପଦେଶ ଦେଉଥିବା, ଶିଶୁ ଉପରେ ତାହା ପ୍ରଭାବ ପକାଏନା। କିଛି ଚତୁର ପିତାମାତା ଅଛନ୍ତି, ପିଲାକୁ ପାଖରେ ବସେଇ ପ୍ରାର୍ଥନା କରନ୍ତି। ପିଲା ସହିତ ମିଶି ଦାନ-ଧର୍ମ କରନ୍ତି। ପିଲା ପାଖରେ ଖୁବ୍ ଭଲ ବ୍ୟବହାର କରନ୍ତି। ଏସବୁ ପ୍ରଭାବ ପିଲା ଉପରେ ପଡ଼େ।

ଅନେକ ସମୟରେ ଦେଖାଯାଏ, ପରିବାରରେ ଶିଶୁଟି ଥିବା ଅବସ୍ଥାରେ ସ୍ୱାମୀ-ସ୍ତ୍ରୀ କଳିଗୋଳ କରନ୍ତି। ଏ ଝଗଡ଼ାର ପ୍ରଭାବ ଶିଶୁ ଉପରେ ପଡ଼େ। ଫଳରେ ବଡ଼ ହେଲେ ସେ ଶିଶୁ ପିତାମାତାଙ୍କ ପ୍ରତି ସେମିତି ବ୍ୟବହାର କରିଥାଏ। ତେବେ ପ୍ରତିଟି ଅଭିଭାବକ ସନ୍ତାନ ପାଇଁ ସଚେତନ ହେବା ଉଚିତ୍। ପିଲାର ଶାରୀରିକ ସୁସ୍ଥତା ଓ ବୃଦ୍ଧିକୁ ଗୁରୁତ୍ୱ ଦେବା ସହିତ ତା'ର ବୌଦ୍ଧିକ ବିକାଶ ପ୍ରତି ବି ଦୃଷ୍ଟି ଦେବା ଦରକାର। ମଇଳା ଲୁଗାରେ ରଙ୍ଗ ଶୀଘ୍ର ଧରେନା। ସଫା ଲୁଗାରେ ସାଙ୍ଗେ ସାଙ୍ଗେ ଧରିଯାଏ। ସେମିତି ପିଲାର ମନ ଅତି ସଫା ଲୁଗା। ସଙ୍ଗେ ସଙ୍ଗେ ରଙ୍ଗ ଧରିନେବ। ଯେମିତି ରଙ୍ଗେଇବ, ସେ ସେମିତି ରଙ୍ଗୀନ୍ ହୋଇଯିବ। ଆଉ ତା'ର ପ୍ରତିକ୍ରିୟା ସେମିତି ହେବ।

ପରିବାରରେ ଯଦି ବାରମ୍ବାର କଳିଗୋଳ ଲାଗିରହେ, ବଡ଼ ହେଲେ ପିଲାଟି ଅସନ୍ତୁଷ୍ଟ, ଚିଡ଼ଚିଡ଼ା, ବିରକ୍ତ ପ୍ରକୃତିର ହୁଏ, ଯାହାର ପରିଣତି ସେହି ଅଭିଭାବକ ହିଁ ଭୋଗନ୍ତି। ଅଭିଭାବକ ଜାଣିବା ଦରକାର ଯେ ସେମାନେ ଲାଳନ ପାଳନ କରୁଥିବା ସନ୍ତାନଟି କେବଳ ସେମାନଙ୍କର ନୁହେଁ, ବରଂ ସମଗ୍ର ରାଷ୍ଟ୍ରର। ନିଜେ ତ କଳି ଝଗଡ଼ାରେ ମାତି ସମୟ ନଷ୍ଟ କରୁଛନ୍ତି, ଅଶାନ୍ତି ସୃଷ୍ଟି କରୁଛନ୍ତି, ବୁଝାମଣାରେ ଅଭାବ ରଖୁଛନ୍ତି, ତା' ସହିତ ରାଷ୍ଟ୍ରକୁ ଗୋଟିଏ ଅସନ୍ତୁଷ୍ଟ ପିଲା ବି ଦେଉଛନ୍ତି। ଗୋଟିଏ ସନ୍ତାନ ଯେ ପରବର୍ତ୍ତୀ ପିଢ଼ିର ଉତ୍ତର ଦାୟାଦ- ଏହି ଭାବନା ରଖି ଅଭିଭାବକ ଚଳିବା ଉଚିତ୍। ଅତି ସରଳ କଥାରେ ବୁଝିବା ଉଚିତ୍- ଶିଶୁର ମନ ସଫା ବସନ। ଯେମିତି ରଙ୍ଗେଇବେ, ସେମିତି ରଙ୍ଗ ଆପଣ ନିଜେ ହିଁ ପାଇବେ।●

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ସଙ୍କୁଚିତ ହେଉଛି ରାସ୍ତା, ବଢୁଛି ଟ୍ରାଫିକ୍ ସମସ୍ୟା

# ସବୁ ଦେଖି ଚୁପ୍ ବସିଛି ପ୍ରଶାସନ



**ରାଜନଗର,୧୨।୨/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ରେ ଗାଡି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାସ୍ତାରେ ଟିକେ ଖାମ ଖିଆଲୀ ହେଲେ ଦୁର୍ଘଟଣା ଘଟୁଛି । ଏପରିକି ରାସ୍ତାରେ ଯାନବାହାନ ଚଳାଚଳରେ ଅସୁବିଧା ସୃଷ୍ଟି ହେବା ସହ ରାସ୍ତା ଦୀର୍ଘ ସମୟ ଧରି ଜାମ ହୋଇଯାଉଛି । ଯାହାଫଳରେ ଆମ୍ବୁଲାନ୍ସ ସେବା ପ୍ରଭାବିତ ହେଉଛି । ସବୁଠାରୁ ବଡକଥା ହେଉଛି ନୂଆବର୍ଷ ପାଇଁ ବିଭିନ୍ନ ସ୍ଥାନରେ ଗେଟ୍ ଓ ହୋର୍ଡିଂ ଲଗାଯାଇଥିଲେ ମଧ ତାହା ମାସାଧିକ କାଳ ରହିଥିବାରୁ ବାଉଁଶଗୁଡିକ ଗାଡି ଧକ୍କା ଓ ଛାଏଁ ଛାଏଁ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି । ଗେଟ୍‌ଗୁଡିକ ଭାଙ୍ଗି ପଡିବାରୁ ଚାରିଚକିଆ ଯାନ ସହିତ ବାଇକ ଆରୋହୀ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ଏହା ମଧରେ ଗେଟ୍‌ଗୁଡିକ ଦେଢମାସରୁ ଊର୍ଦ୍ଧ୍ୱ ହେବ ରାସ୍ତା କ୍ରସ କରି ତିଆରି ହୋଇଥିବାରୁ ଦିନକୁ ଦିନ ଦୁର୍ବଳ ହେବା ସହ ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି । ରାଜନଗରରୁ ତାଳଚୁଆ ମୁଖ୍ୟ ରାସ୍ତା, ରାଜନଗରରୁ ଗୁପ୍ତି ମୁଖ୍ୟ ରାସ୍ତା ଓ ରାଜନଗରରୁ ମଦନପୁର କଲେଜ ଛକ ପର୍ଯ୍ୟନ୍ତ ମାଳମାଳ ଗେଟ ତିଆରି ହୋଇରହିଛି । ବିଶେଷକରି ରାଜନଗର ଷ୍ଟେଟ୍‌ବ୍ୟାଙ୍କ୍ ଛକ ନିକଟରୁ ହଂସୁଆ ସେତୁ ଦେଇ ମଦନପୁର କଲେଜ ଛକ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଗହଳି ଲାଗି ରହୁଛି । ଏପରି ସ୍ଥିତିରେ ଗେଟ୍‌ଗୁଡିକ ରାସ୍ତାକୁ ସଙ୍କୁଚିତ କରିବାରେ ପ୍ରମୁଖ ଭୂମିକା ନେଉଛି । ଭିତରକନିକା ଜାତୀୟ ଉଦ୍ୟାନ ଓ ଭିତରକନିକା ଇକୋରିଟ୍ରିଟକୁ ଆସୁଥିବା ପର୍ଯ୍ୟଟକମାନେ ରାସ୍ତା ଜାମ ଫଳରେ ଅନେକ ସମୟରେ ଫସି ରହୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ବିଭାଗର ମନ୍ତ୍ରୀ, ବିଚାରପତି ଓ ପ୍ରଶାସନିକ ଉଚ୍ଚ ପଦାଧିକାରୀମାନେ ଯିବା ଆସିବା କରୁଥିଲେ ମଧ ଏହି ଘଟଣାକୁ କେହି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ସ୍ଥାନୀୟ ପ୍ରଶାସନ ସବୁ ଦେଖି ଚୁପ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସାଧାରଣ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ ନୀରବ ରହୁଛନ୍ତି ।

## ଓଲଟିଲା ଆଖୁ ବୋଝେଇ ଟ୍ରକ୍, ଚାଳକ ଆହତ



**ବଡଚଣା,୧୨।୨/ଏନ୍ଏନ୍ଏସ୍:** ଓଲଟିଲା ଆଖୁ ବୋଝେଇ ଟ୍ରକ୍, ଚାଳକ ଆହତ। ଗୁରୁବାର ଅପରାହ୍ନରେ ୧୬ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଯମୁନା ମାର୍କେଟ କଂପ୍ଲେକ୍ସ ସମ୍ମୁଖରେ ଯାଇଥିବା ସର୍ଭିସ ରାସ୍ତାକୁ ଏକ ଆଖୁ ବୋଝେଇ ଦଶ ଚକିଆ ଟ୍ରକଟି କୌଣସି କାରଣରୁ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲା ଫଳରେ ଗାଡ଼ିରେ ଥିବା ଚାଳକ ଆହତ ହୋଇଥିବା ଜଣାଯାଇଛି। ଖବର ପାଇ ନିକଟରେ ଥିବା ଚଣ୍ଡିଖୋଲ ଫାଣ୍ଡି କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଗାଡିର ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଦ୍ୱାରା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଚାକକର ହାତ ଓ ଗୋଡ଼ରେ ଆଘାତ ହୋଇଥିବା ଦେଖିବାକୁ ମିଳିଥିଲା। ଆଖୁ ଭିତରେ ଯାତ୍ରୀ ରହିଯାଇଥିବେ ହେତୁ ଏକ ଜେସିବି ମେସିନ ଦ୍ୱାରା ଆଖୁ ଓ ଗାଡିକୁ ଅଲଗା କରାଯାଇଥିଲା। ଓଆର୍ ୦୪ ଲ ୭୭୭୩ ନଂ ଥିବା ଦଶ ଚକିଆ ଟ୍ରକ୍‌ଟି ଆଖୁ ବୋଝେଇ କରି ବରୁଆଁରୁ ଢେଙ୍କାନାଳକୁ ଯାଉଥିବା ସମୟରେ ଘଟଣାଟି ଘଟିଥିବା ଜଣାଯାଇଛି ।

## ଲଣ୍ଡାବିର ଜଳସେଚନ ପ୍ରକଳ୍ପ ନିର୍ମାଣକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ



**ପରଜଙ୍ଗ,୧୨।୨/ଏନ୍ଏନ୍ଏସ୍:** ପରଜଙ୍ଗ ବ୍ଲକ୍ ଚାନ୍ଦପୁର ପଞ୍ଚାୟତ କେଞ୍ଚୁଡ଼ି ଓ ପେଜଘାଇ ଦୁଇ ପାହାଡ଼ର ମଧ୍ୟବର୍ତ୍ତୀ ଅଞ୍ଚଳରେ ପ୍ରାୟ ଏକ କିଲୋମିଟର ପ୍ରସ୍ତାବିତ ସ୍ଥାନରେ ଲାଣ୍ଡାବିର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ। ଅଞ୍ଚଳବାସୀଙ୍କ ଦୀର୍ଘ ୫୦ ବର୍ଷରୁ ଦାବି ହୋଇ ଆସୁଥିଲେ ମଧ ତାହା ସମ୍ଭବ ହୋଇପାରିନଥିଲା। ଏହି ଦାବିକୁ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ଦୃଷ୍ଟିଗୋଚର କରି ପ୍ରଚେଷ୍ଟା ଆରମ୍ଭ କରିଥିଲେ। ବିଧାୟକଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀ ଏହି ଲଣ୍ଡାବିର ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଅନୁମୋଦନ କରିଛନ୍ତି। ଏହା ପରେ ସରକାରୀସ୍ତରରେ ମୁଖ୍ୟଯନ୍ତ୍ରୀଙ୍କ ପ୍ରାଥମିକ ତଦନ୍ତ କରାଯାଇଛି । ଏହି ପ୍ରକଳ୍ପ ନିର୍ମାଣ ହେଲେ ଅଞ୍ଚଳର ସାଆଦା, ଚାନ୍ଦପୁର, କଙ୍କିଳି ଓ କଣ୍ଟାପାଳ ଆଦି ୪ଟି ପଞ୍ଚାୟତର ୧୬ରୁ ଊର୍ଦ୍ଧ୍ୱ ଗ୍ରାମ ଉପକୃତ ହେବେ। ଏଥିସହ ୪ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳସେଚିତ ହେବା ସହ ଅଞ୍ଚଳର ୫ହଜାରରୁ ତଦୁର୍ଦ୍ଧ ପରିବାର ଉପକୃତ ହୋଇପାରିବେ। ଏହା ବ୍ୟତୀତ ପର୍ଯ୍ୟଟନ ଶିଳ୍ପର ବିକାଶରେ ଅଗ୍ରଗତି ହୋଇପାରିବ। ତତ୍ ସହିତ ଏହାକୁ ଲାଗି କଦଳୀପାଳ ଓ କଙ୍କିଲି ଗ୍ରାମ ସହିତ ଦୀର୍ଘ ୧୦କିଲୋମିଟର ରାସ୍ତା ସଂଯୋଗକରଣ କରାଗଲେ ପର୍ଯ୍ୟଟନ ସହିତ ବଣଭୋଜି ପାଇଁ ଉତ୍କୃଷ୍ଟ ସ୍ଥାନ ହୋଇପାରିବ। ଏହା ଦୀର୍ଘ ଦିନର ଦାବିପୂରଣ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଅଞ୍ଚଳର ଚାଷୀଭାଇ ଓ ସାଧାରଣ ଲୋକଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନଙ୍କୁ ଅଞ୍ଚଳବାସୀ ତଥା ଚାଷୀଭାଇ ରମେଶ ଚନ୍ଦ୍ର ସାମଲ, ଟୁଟୁ ଓରଫ ସନ୍ତୋଷ ପାଣି, ଦିବାକର ପରିଡ଼ା, ହିମାଂଶୁ ଶେଖର ପାଢ଼ୀ, ମୀନକେତନ ସାହୁ, ସୁରେଶ ଚନ୍ଦ୍ର ଦାସ, ଆଲୋକ ବେହେରା, ବିନୋଦ ପଣ୍ଡା, ଅନ୍ତର୍ଯ୍ୟାମୀ ଖଟୁଆ, ସର୍ବେଶ୍ୱର ବେହେରା ଓ ମନୋହର ଦାସ ପ୍ରମୁଖ ଧନ୍ୟବାଦ ଅର୍ପଣ କରିଛନ୍ତି।

## କାମାକ୍ଷାନଗର କଂଗ୍ରେସ କମିଟି ପକ୍ଷରୁ ୧୨ଘଣ୍ଟିଆ ବନ୍ଦ



**କାମାକ୍ଷାନଗର,୧୨।୨/ଏନ୍ଏନ୍ଏସ୍:** ଶ୍ରମିକ ସଂଗଠନର ୧୨ ଘଣ୍ଟିଆ ଭାରତ ବନ୍ଦ। ଧର୍ମଘଟକୁ କାମାକ୍ଷାନଗର କଂଗ୍ରେସ ସଂଗଠନର ଦୃଢ଼ ଆନ୍ଦୋଳନ। ପିକେଟିଂ କରି କାମାକ୍ଷାନଗର ହନୁମାନ ମନ୍ଦିର ନିକଟରେ ବରିଷ୍ଠ କଂଗ୍ରେସ ନେତା ତଥା ୨୦୨୪ ନିର୍ବାଚନର ଦଳର ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି । କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଲେ ନେତା କର୍ମୀ। ବିଶେଷ ଭାବରେ ମନରେଗାରୁ ମହାତ୍ମାଗାନ୍ଧୀଙ୍କ ନାମକୁ କାଟିବା, ସ୍ମାର୍ଟ ମିଟର ଲଗାଇ ଲୋକଙ୍କ ଠାରୁ ଜିଜିଆ କର ଭଳି ପିଟୁଣି ଟ୍ୟାକ୍ସ ଆଦାୟ କରିବା, ଶ୍ରମିକ ମାରଣ ନୀତି ପ୍ରୟୋଗ କରିବା, ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ରୂପେ ହତାଶ କରିବା, ଧାନ ମଣ୍ଡିରେ ଧାନ ନନେଇ କଟ୍‌ନୀ ଛଟ୍‌ନୀ ୫ କେଜିରୁ ୧୫ କେଜି ପର୍ଯ୍ୟନ୍ତ ଧାନ କାଟିବା, ପ୍ରକୃତ ଚାଷୀଙ୍କୁ ଟୁକନ ନମିଳିବା, ଯୁବକମାନଙ୍କୁ ବେକାର କରି ରଖିବା ନିଯୁକ୍ତି ନଦେଇ, ସୁଭଦ୍ରା ଭଳି ଯୋଜନା କରି ମହିଳାମାନଙ୍କୁ ଠକିବା,ପଲ୍ୟୁସନ ସାର୍ଟିଫିକେଟ ନାଁରେ ଜରିମାନା ଆଦାୟ କରିବା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିଦିନ ନାବାଳିକା ଧର୍ଷିତା ହେବା ଭଳି ଘଟଣା, ନିର୍ବାଚନ ବେଳେ ୩୦୦ ୟୁନିଟ ବିଜୁଳି ଛାଡ଼ କରିବା ଭଳି ମିଛ ପ୍ରତିଶ୍ରୁତି, ୩ ହଜାର ଟଙ୍କା ଭତ୍ତା ଦେବାକହି ଲୋକଙ୍କୁ ଠକିବା, ୩୧ ସହ ଟଙ୍କା ଧାନ କ୍ୱିଣ୍ଟାଲ ଦେବା କହି ଚାଷୀଙ୍କୁ ଠକିବା,ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଇ କୌଣସି କାର୍ଯ୍ୟ ସମ୍ପାଦନ ନକରିବା, ହୁ ହୁ ହୋଇ ଦରଦାମ ବୃଦ୍ଧି କରିବାକୁ ବିରୋଧ କରି ଆନ୍ଦୋଳନ କରାଯାଇଥିବା କହିଛନ୍ତି ବିପ୍ରବର ସାହୁ। ଆଗାମୀ ଦିନରେ ଆହୁରି ତୀବ୍ରତର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ।

## ଜାତୀୟ କୃମିନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ



**କେନ୍ଦ୍ରାପଡା,୧୨।୨/ଏନ୍ଏନ୍ଏସ୍:** ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ କୃମୀ ନାଶକ ଦିବସକୁ ଜିଲ୍ଲାପାଳ ରଘୁରାମ ଆର ଆୟର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ କୃମୀ ନାଶକ ଦିବସରେ ଉପସ୍ଥିତ ଛାତ୍ରୀମାନଙ୍କ ନିମନ୍ତେ କୃମିନାଶକ କାର୍ଯକ୍ରମ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ ବକ୍ତବ୍ୟ ରଖିଥିଲେ। ପରେ ପରେ ଜିଲ୍ଲାପାଳ ଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ବଟିକା ଖୁଆଇ ଏହି ଜାତୀୟ କୃମୀ ଦିବସକୁ ଶୁଭାରମ୍ଭ କରିଥିଲେ। ପିଲାମାନଙ୍କୁ ଖାଇବାକୁ ଦେବା ପୂର୍ବରୁ ଜିଲ୍ଲାପାଳ ପ୍ରଥମେ ନିଜେ ଖାଇଥିଲେ ଓ ଉପସ୍ଥିତ ସମସ୍ତ ଅଧିକାରୀ ଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡ. ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଫାଇନାନ୍ସିଆଲ୍ ଅଧିକାରୀ ଆଶୁତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନମଙ୍ଗଳ ଅଧିକାରିଣୀ ରଶ୍ମିମଞ୍ଜରି ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପରିଡ଼ା, ଏପିଡେମିଓଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ, ଭିବିଡି କନ୍ସଲଟାଣ୍ଟ ବିରାଟ ରାଜା ପଧାନ, ଆସିଷ୍ଟାଣ୍ଟ ମ୍ୟାନେଜର ମମତା ଦାଶ ଏବଂ ସରକାରୀ ଏଏନ୍ଏମ୍ ତାଲିମ କେନ୍ଦ୍ରର ଅବସରପ୍ରାପ୍ତ ପ୍ରିନ୍ସିପାଲ ଭାରତୀ ସ୍ୱାଇଁ ଓ ବର୍ତ୍ତମାନର ପ୍ରିନ୍ସିପାଲ ଇନ୍‌ଚାର୍ଜ ଅନୁଜା ନାୟକ, ୟୁଟ୍ୟୁବର ଅନିତା ପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଆଶାକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରୀ ଜିଜ୍ଞାସା ପ୍ରଦୀପ ପ୍ରଜ୍ୱଳନ ସମୟରେ ଶ୍ରୀମଦ୍ ଭଗବଦ୍ ଗୀତା ପାଠ କରିଥିଲେ। ସରକାରୀ ଏଏନ୍ଏମ୍ ତାଲିମ କେନ୍ଦ୍ରର ଛାତ୍ରୀ ସ୍ୱାତୀ ସହିତ ଅନ୍ୟାନ୍ୟ ସାଥୀ ସ୍ୱାଗତ ସଙ୍ଗୀତ ଗାଇଥିଲେ। ଡେପୁଟୀ ମ୍ୟାନେଜର ଡ. ସୁକାନ୍ତ କୁମାର ପ୍ରଧାନ ସଭା କାର୍ଯକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ୬୮ତମ ସ୍ୱନକ୍ଷତ୍ର ଦିବସ

## ପଦ୍ମଶ୍ରୀ ଡ.ଅନ୍ତର୍ଯ୍ୟାମୀ ମିଶ୍ର ପାଇଲେ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ



**କେନ୍ଦ୍ରାପଡ଼ା,୧୨।୨/ଏନ୍ଏନ୍ଏସ୍:** ରାଜ୍ୟର ସର୍ବବୃହତ ତଥା ସର୍ବପୁରାତନ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୮ତମ ପ୍ରତିଷ୍ଠା ଦିବସ କଲେଜ ପ୍ରେକ୍ଷାଳୟରେ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷର ମର୍ଯ୍ୟାଦାଜନକ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ଆମ ରାଜ୍ୟର ଓଡିଆ ଭାଷାତତ୍ତ୍ୱବିତ, ଗବେଷକ ତଥା ସାହିତ୍ୟିକ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମାନପତ୍ର, ଅର୍ଥରାଶି ଓ ଉପାୟନ ପ୍ରଦାନ ପୂର୍ବକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ କ୍ୟାମ୍ପସ ବୁଲେଟିନ 'କମୁନିକ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଶିକ୍ଷାନୁରାଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜୟକ୍ରିଷ୍ଣ ବରାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାରେ ନିଜର ବୌଦ୍ଧିକ ଉତ୍କର୍ଷ ପାଇଁ ଆହ୍ୱାନ ଜଣାଇଥିଲେ। ସମ୍ମାନିତ ପ୍ରତିଭା ଡକ୍ଟର ମିଶ୍ର ସମ୍ବର୍ଦ୍ଧନାର ଉତ୍ତରରେ ନିଜର ଭାଷା ସାହିତ୍ୟ ପ୍ରତି ନିଜର ଅଙ୍ଗୀକାର ବଦ୍ଧତା ପ୍ରକାଶ କରିବା ସହ ଏଥିନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଗତ ପରୀକ୍ଷା ଓ ବିଗତ ବର୍ଷରେ ବିଭିନ୍ନ ବିଷୟ ଏବଂ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଗତ ଏକବର୍ଷ ମଧରେ ବୃତ୍ତିରୁ ଅବସର ନେଇଥିବା ଅଧକ୍ଷ, ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାରତ ବନ୍ଦ ଡାକରା ତାଳଚେରରେ ସଫଳ

**ତାଳଚେର,୧୨।୨/ଏନ୍ଏନ୍ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧି କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧକରି ଆଜି କେନ୍ଦ୍ରିୟ ଶ୍ରମିକ ସଂଗଠନ ପକ୍ଷରୁ ଆଜି ସର୍ବଭାରତୀୟ ୧୨ଘଣ୍ଟିଆ ବନ୍ଦ ଡ଼ାକରା ତାଳଚେରରେ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଥିଲା। ଆଜି ତାଳଚେରରେ ଗାଡ଼ିମଟର, ଦୋକାନ ବଜାର, ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କୋଇଲା ଖଣି, ଏନ୍‌ଟିପିସି ସମେତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ତାଳଚେର ବସଷ୍ଟାଣ୍ଡକୁ କୌଣସି ବସ୍ ଆସିନଥିବା ବେଳେ ଯାତ୍ରୀମାନେ ଏଥିନେଇ ହଇରାଣ ହରକତ ହୋଇଥିଲେ। ତାଳଚେର କୋଇଲା ଖଣି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଶ୍ରମଆଇନକୁ ବିରୋଧ କରି ହିଙ୍ଗୁଳା ଜିଏମ ଅଫିସ୍ ଠାରୁ ଲିଙ୍ଗରାଜ ଜିଏମ ଅଫିସ୍ ପର୍ଯ୍ୟନ୍ତ ବାଇକରାଲି କରାଯାଇଛି। ଏହି ବାଇକ୍ ରାଲି ୪ଟି ଶ୍ରମ ସଂହିତା ଏବଂ ଅନ୍ୟାନ୍ୟ ଦାବିକୁ ସମର୍ଥନକରି ଭାରତବନ୍ଦ ସପକ୍ଷରେ ଜନସଚେତନ ପାଇଁ ଆୟୋଜିତ ହୋଇଛି। ସକାଳ ୧୦.୩୦ରେ ହିଙ୍ଗୁଳାରୁ ବାହାରି ଭରତପୁର, ସିଡ଼ବ୍ଲ୍ୟୁଏସ୍ ତାଳଚେର, ଜଗନ୍ନାଥ ଅଞ୍ଚଳ, ତାଳଚେର ଅଞ୍ଚଳ, ଭୁବନେଶ୍ୱରୀ ଅଞ୍ଚଳ ଇତ୍ୟାଦି ଦେଇ ୧୨.୩୦ରେ ଲିଙ୍ଗରାଜ ଜିଏମ ଅଫିସ୍‌ରେ ପହଞ୍ଚିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଏହି ଆନ୍ଦୋଳନ ଯୋଗୁଁ ସମସ୍ତ କୋଇଲା ଖଣି ବନ୍ଦ ରହିଥିବା ବେଳେ ପରିବହନ ଓ ଉତ୍ତୋଳନ ଠପ୍ ହୋଇଯାଇଥିଲା। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ କୋଟି କୋଟି ଟଙ୍କା ରାଜସ୍ୱ ହରାଇଥିବା କୁହାଯାଇଛି।

## ଘରର ତାଲା ଭାଙ୍ଗି ଅଳଙ୍କାର ଲୁଟ୍ ଅଭିଯୋଗ

**ଧର୍ମଶାଳା,୧୨।୨/ଏନ୍ଏନ୍ଏସ୍:** ଧର୍ମଶାଳା ଥାନା ଅନ୍ତର୍ଗତ ଜାଲସୁଖାସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ କେହି ନଥିବା ବେଳେ ଆଜି ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ, ଜାଲସୁଖା ଗ୍ରାମରେ ରହୁଥିବା ବିଦ୍ୟାଧର ସେଠୀ ଓ ତାଙ୍କ ପତ୍ନୀ ନିଜ ନିଜ ଚାକିରି କ୍ଷେତ୍ରକୁ ପଳେଇଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଅଜି ଦିବ ବେଳା ଘରର ତାଲା ଭାଙ୍ଗି ଘରେ ପସିବା ସହିତ ଆଲମିରା ତାଲା ଭାଙ୍ଗି ଘରୁ ୨୦ ଭରି ସୁନା ଅଳଙ୍କାର, ୨୦ ଭରିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଓ ନଗଦ ୧ ଲକ୍ଷ ୧୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରିନେଇଛନ୍ତି । ଆଜି ଅପରାହ୍ନରେ ତାଙ୍କ ପତ୍ନୀ ଘରକୁ ଫେରି ଦେଖିବା ସମୟରେ ଘର ତାଲା ଭଙ୍ଗା ଯିବା ସହ ଆଲମିରା ଖୋଲା ହୋଇରହିଥିଲା। ଚେକ୍ କଲାବେଳେ ଆଲମିରାରେ ଥିବା ସମସ୍ତ ସୁନା ଓ ରୁପା ଅଳଙ୍କାର ସମେତ ନଗଦ ଟଙ୍କାକୁ ଚୋରମାନେ ଚୋରି କରିନେଇଯାଇଥିବା ଜଣାପଡିଥିଲା। ଏନେଇ ମହିଳା ଜଣକ ତାଙ୍କ ସ୍ୱାମୀ ବିଦ୍ୟାଧରଙ୍କୁ ଜଣାଇବା ପରେ ସେ ଘରେ ପହଞ୍ଚି ସବୁ ଅବଗତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ୫୨/୨୬ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆଣି ତଦନ୍ତ ଚଳାଇଛି।

## ଜିଲ୍ଲା ବିଜେଡି ଯୁବ ସଭାପତି ଧର୍ମାନନ୍ଦ ପରିଡ଼ା



**କାମାକ୍ଷାନଗର,୧୨।୨/ଏନ୍ଏନ୍ଏସ୍:** କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଭାବେ କାର୍ଯ୍ୟରତ ଥିବା ଧର୍ମାନନ୍ଦ ପରିଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅସ୍ଥାଭାଜନ ହୋଇ ତୃତୀୟ ଥର ପାଇଁ ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେଥିପାଇଁ ସେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ଡା. ନୃସିଂହ ଚରଣ ସାହୁଙ୍କୁ ଧନ୍ୟବାଦ ଦେଇଛନ୍ତି। ଧର୍ମାନନ୍ଦ ତୃତୀୟ ଥର ପାଇଁ ଜିଲ୍ଲା ଯୁବସଭାପତି ଭାବେ ମନୋନୀତ ହୋଇଥିବା ବେଳେ ୨୦୦୯ ବିଜେଡି ଟିକେଟ ରୁ ନିର୍ବାଚିତ ହୋଇ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର, ୨୦୧୪ରେ ନଗରପାଳ ଏବଂ ୨୦୨୨ରେ ଦ୍ୱିତୀୟ ଥର ପାଇଁ ନଗରପାଳ ହେଇ ସାରିଛନ୍ତି। ଜିଲ୍ଲା ଯୁବ ସଭାପତି ହେବା ପରେ ଜିଲ୍ଲାରେ ଜନସାଧାରଣ ମଧରେ ଖୁସିର ଲହରୀ ଖେଳିଯାଇଛି।

## ପାରାଦୀପରେ ଭାରତ ବନ୍ଦର ଆଂଶିକ ପ୍ରଭାବ



**ପାରାଦୀପ,୧୨।୨/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ଭାରତ ବନ୍ଦ ଡାକରା ଦେଇଛନ୍ତି ଶ୍ରମିକ ଟ୍ରେଡ ୟୁନିଅନ ଗୁଡିକ। ଫଳରେ ବନ୍ଦର ନଗରୀ ପାରାଦୀପ ରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏଆଇଟିୟୁସି ସମେତ ୧୦ରୁ ଅଧିକ ଶ୍ରମିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ପାଳନ କରାଯାଉଛି। ଆଇଓସିଏଲ, ପାରାଦୀପ ବନ୍ଦର ସମେତ ବହୁ ଶିଳ୍ପ ସଂସ୍ଥା ସମ୍ମୁଖରେ ଶ୍ରମିକଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ୨୯ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଶ୍ରମ କୋର୍ଡ କରିଛନ୍ତି। ଯାହା ଶ୍ରମିକଙ୍କ ଅଧିକରକୁ କ୍ଷୁର୍ଣ୍ଣ କରୁଛି। ଶ୍ରମିକମାନେ ନିଜ ପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ମଧ ରୋକ୍ ଲଗାଇଛନ୍ତି କେନ୍ଦ୍ର ସରକାର। ଯାହା ଶ୍ରମିକ ଶୋଷଣର ବାଟ ଫିଟାଇଛି। ଯାହାକୁ ବିରୋଧ କରିବା ସହିତ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଓ ଶ୍ରମ କୋର୍ଡ ଉଚ୍ଛେଦ ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବରେ ପାରାଦୀପରେ ବସ୍ ଚଳାଚଳ ଓ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ଆନ୍ଦୋଳନକୁ କଂଗ୍ରେସ ଦଳ ମଧ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଛି। ପାରାଦୀପ ବନ୍ଦରର ସମସ୍ତ ଗେଟ୍ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଛି। ବିଭିନ୍ନ ସ୍ଥାନରେ ଦୋକାନ, ବଜାର ଖୋଲା ରହିଥିବା ବେଳେ ବଡ଼ ବଡ଼ ଦୋକାନ ଗୁଡିକ କିଛି ଅପ୍ରୀତିକର ଘଟଣା ଉପୁଜିବା ଆଶଙ୍କା କରି ବନ୍ଦ ରଖିଥିବା ଦେଖାଯାଇଛି। ପାରାଦୀପର ତିନିଗୋଟି ଅଏଲ ଟରମିନାଲରେ ଟ୍ୟାଙ୍କର ଗୁଡିକରେ ତେଲ ଲୋଡ୍ ସ୍ୱାଭାବିକ ରହିଛି। ଏହି ବନ୍ଦ ପାଳନକୁ ପାରାଦୀପ, କୁଜଙ୍ଗ ସମେତ ବିଭିନ୍ନ ସ୍ଥାନରେ ଶ୍ରମିକମାନେ ରାଜରାସ୍ତାରେ ବସି ରହିବା କାରଣରୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ତେବେ ଆଜିର ଏହି ଭାରତ ବନ୍ଦ ଡାକରା ପାରାଦୀପରେ ଆଂଶିକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି।

### ୬ ବର୍ଷ ବିତିଲା, ମେସ୍କୋ ଖୋଲୁନି

# ଆର୍ଥିକ ଅନଟନରେ ବିସ୍ଥାପିତ ପରିବାର, କର୍ମଚାରୀ



**ଯାଜପୁରରୋଡ,୧୨।୨/ଏନ୍ଏନ୍ଏସ୍:** ୬ ବର୍ଷ ବିତିଲା ମେସ୍କୋ କାରଖାନାରେ ତାଲା ଝୁଲୁଛି। ଆର୍ଥିକ କ୍ଷତି ଓ ବିଭିନ୍ନ ଆଳରେ କାରଖାନା ପଦାଧିକାରୀ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ, କର୍ମଚାରୀ ଦରମା ମିଳୁନି। ଫଳରେ ଦୀର୍ଘ ୬ ବର୍ଷ ହେଲା କାମ ହରାଇ ଆର୍ଥିକ ଅନଟନରେ ଗତି କରୁଛନ୍ତି। ବହୁବାର ଶ୍ରମିକ କର୍ମଚାରୀମାନେ ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ହେଲେ କାରଖାନା ଖୋଲିବା ପାଇଁ ମିଳିଛି ମିଥ୍ୟା ପ୍ରତିଶ୍ରୁତି। ବିଜେପି ସରକାର ଆସିବ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଛି। ହେଲେ ଫଳ ଶୂନ। ତେବେ କାରଖାନା ପାଇଁ ଜମି ଘରବାରୀ ହରାଇ ନିଯୁକ୍ତି ପାଇଥିବା ବିସ୍ଥାପିତ ସଦସ୍ୟ ଏବେ ସର୍ବାଧିକ ଆର୍ଥିକ ଅନଟନରେ ଗତି କରୁଛନ୍ତି। ତେଣୁ ଏହାର ପ୍ରତିବାଦରେ ଶ୍ରମିକ- କର୍ମଚାରୀମାନେ ଆଜିର ଦିନଟିକୁ କଳା ଦିବସ ଭାବେ ପାଳନ କରିବା ଘଟଣା ପ୍ରଶାସନର ଚିନ୍ତା ବଢିଯାଇଛି। କାରଣ ପୂର୍ବରୁ ବୈଠକ ପରେ ବୈଠକ ହୋଇଛ। ପ୍ରଶାସନ ଏବଂ ମେସ୍କୋ ପଦାଧିକାରୀଙ୍କ ପ୍ରତିଶ୍ରୁତି ପଦାଧିକାରୀଙ୍କ ଫାଇଲ ତଳେ ଚାପି ହୋଇ ରହିଛି। ଯାହାକୁ ନେଇ ନିକଟରେ କାରଖାନାରେ ନିଯୁକ୍ତି ପାଇଥିବା ବିସ୍ଥାପିତ ସଦସ୍ୟ ଓ କଳିଙ୍ଗନଗର ମଜଦୁର ୟୁନିୟନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ଶିଳ୍ପମନ୍ତ୍ରୀ, ଶିଳ୍ପ ସଚିବ, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ପତ୍ର ମାଧମରେ ଅବଗତ କରିଥିଲେ। ହେଲେ ଏହାର ସମାଧାନ ପରିବର୍ତ୍ତେ ସମସ୍ତେ କୋମା ପାଲଟି ଯାଇଥିବା ପରି ମନେ ହେଉଛି। ଯାହାଫଳରେ ଆଜି ମେସ୍କୋ ଚାଲୁ କରିବା ଦାବିରେ ମେସ୍କୋ ଫାଟକ ସମ୍ମୁଖରେ କଳା ଦିବସ ପାଳନ କରିଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନ ମେସ୍କୋ ଶାଖା, ବିସ୍ଥାପିତ ପରିବାର ଓ କର୍ମଚାରୀମାନେ କାରଖାନା ମାଲିକ, ପ୍ରଶାସନ ଏବଂ ସରକାରଙ୍କ ଉପରେ ବର୍ଷିଛନ୍ତି। ଅପରପକ୍ଷରେ ମେସ୍କୋ ମାଲିକ କାରଖାନାର ରେଲୱେ ସାଇଡିଂକୁ ଭଡ଼ା ଦେଇ ମାଲାମାଲ ହେଉଥିବା ବେଳେ କାରଖାନା ପୁନଃ କାର୍ଯ୍ୟକ୍ଷମ ନ କରିବା ଘଟଣା ଏହା ପପ୍ରଶାସନିକ ଅଧିକାରୀଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି। ତେଣୁ ତୁରନ୍ତ କାରଖାନା ଚାଲୁ କରିବା ସମେତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଦରମା ପ୍ରଦାନ, ଅବସରକାଳୀନ ଅର୍ଥ ରାଶି ପ୍ରଦାନ, ଲେବର କୋର୍ଟ ରାୟ ଅନୁସାରେ ଅର୍ଥ ରାଶି ପ୍ରଦାନ ଦାବିରେ ଆଜି ଶ୍ରମିକ ଓ କର୍ମଚାରୀମାନେ କଳାଦିବସ ପାଳନ କରିଥିବା କଳିଙ୍ଗନଗର ମଜଦୁର ୟୁନିଅନର ସଭାପତି ମହମ୍ମଦ ଯାହେଦ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ

## ଅଧା ଖୋଲା, ଅଧା ବନ୍ଦ ...

ଦାବିରେ ଏହି ଧର୍ମଘଟ କରାଯାଇଥିଲା । ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏସ୍‌ଇଡବ୍ଲ୍ୟୁଏ, ଏଲ୍‌ପିଏଫ୍, ସଂଯୁକ୍ତ କିଷାନ ମୋର୍ଚ୍ଚା, ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ, ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ସଂଘ, ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହୋଇଥିଲେ ।

ସକାଳୁ ସକାଳୁ ଠପ୍ ହୋଇଯାଇଥିଲା ଅଖ-ଚକ । ପ୍ରଭାବିତ ହୋଇଥିଲା ଗମନାଗମନ । ପିକେଟିଂ କରି ରାଜରାସ୍ତାକୁ ଓହ୍ଲାଇଥିଲେ ଶ୍ରମିକ ସଂଗଠନ ନେତା ଓ କର୍ମୀ । କେଉଁଠି ଟ୍ରେନ୍‌କୁ ଅଟକାଇଥିଲେ ତ କେଉଁଠି ବସ୍ । ଅବରୋଧ କରିଥିଲେ ଏନଏଚ୍ । ଭୁବନେଶ୍ୱରରୁ ସମ୍ବଲପୁର, କଟକରୁ କଳାହାଣ୍ଡି, ପୁଣି ବାଲେଶ୍ୱରରୁ ବ୍ରହ୍ମପୁର । ସାରା ରାଜ୍ୟରେ ଭିନ୍ନ ଭିନ୍ନ ଢଙ୍ଗରେ ବନ୍ଦ ପାଳନ କରାଯାଇଛି । ବାଲେଶ୍ୱରରେ ବନ୍ଦ ଡାକରା ସତ୍ତ୍ୱେ ସପିଂ ମଲ୍ ଖୋଲିଥିବାରୁ ତାତିଥିଲେ ଆନ୍ଦୋଳନକାରୀ । ଭିତରେ ପଶି ପ୍ରବଳ ହଙ୍ଗାମା କରିଥିଲେ ।

ଏପଟେ ବନ୍ଦ ବେଳେ ଭୁବନେଶ୍ୱରରେ ଫସିଲା ବର । ବାଲେଶ୍ୱରର ସୋର ଅଞ୍ଚଳରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବରଯାତ୍ରୀ ଗାଡ଼ିକୁ ଜୟଦେବ ବିହାର ଛକରେ ବିକ୍ଷୋଭକାରୀ ଅଟକାଇଥିଲେ । କିଛି ବିକ୍ଷୋଭକାରୀ ଭୀଷଣ ପାଟିତୁଣ୍ଡ କରୁଥିବା ଦେଖାଯାଇଥିଲା । ପରେ ପୁଲିସ୍ ଆସି ବରକୁ ଖୋର୍ଦ୍ଧା ପଠାଇବାର ବ୍ୟବସ୍ଥା କରିଥିଲେ ।

ରାଜରାସ୍ତାରେ ପଥଚାରୀଙ୍କୁ ଅଟକାଇବା ସହ ବିଭିନ୍ନ ସ୍ଥାନରେ ବହୁ ଅନୁଷ୍ଠାନକୁ ବି ବନ୍ଦ କରିଥିଲେ ବିକ୍ଷୋଭକାରୀ । କୋରାପୁଟ ଲମତାପୁଟରେ ନୂତନ ପାଠ୍ୟ ପୁସ୍ତକ ସମ୍ପର୍କିତ ତାଲିମ ଶିବିରକୁ ଅଧାରୁ ବନ୍ଦ କରିଥିଲେ । ଅପ୍ରୀତିକର ପରିସ୍ଥିତି ପୂର୍ବରୁ ସେଣ୍ଟର ଛାଡ଼ି ପଳାଇଥିଲେ ଶିକ୍ଷକ ଶିକ୍ଷୟିତ୍ରୀ । ସେହିପରି ସ୍କୁଲ୍ ଓ ସରକାରୀ ଅଫିସ ବି ବନ୍ଦ କରିଥିଲେ ଆନ୍ଦୋଳନକାରୀ । ହନ୍ତସନ୍ତ ହୋଇଥିଲେ ପର୍ଯ୍ୟଟକ । ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସି ଫସିଥିଲେ ଶତାଧିକ ପର୍ଯ୍ୟଟକ । ରାଜପଥ ଅବରୋଧ କରିବାକୁ ମାଲ ପରିବହନ ଏକପ୍ରକାର ଠପ୍ ହୋଇଥିଲା । ବିଭିନ୍ନ ସ୍ଥାନରେ ଅଟକି ରହିଥିଲା ଶତାଧିକ ଟ୍ରକ । ଆନ୍ଦୋଳନକାରୀ ଟ୍ରେନ୍ ଅଟକାଇବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ଭୁବନେଶ୍ୱର ବରମୁଣ୍ଡା, କଟକ ନେତାଜୀ ବସ୍ ଟର୍ମିନାଲ୍ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗଡ଼ିନଥିଲା ବସ୍ । କିଏ ମେଡିକାଲ୍ ତ କେହି ଅନ୍ୟ କୌଣସି ଜରୁରୀ କାମରେ ଆସି ବସଷ୍ଟାଣ୍ଡରେ ଅନାଇ ଦିନ କାଟିଥିଲେ । ସେହିପରି ଲୋକସେବା ଭବନକୁ ଆଜି ସକାଳ ସାଢ଼େ ୯ଟା ସୁଦ୍ଧା ଆସିଥିଲେ ଅଧିକାରୀ ଓ କର୍ମଚାରୀ ।

ରାଜଧାନୀ ଭୁବନେଶ୍ୱରରେ ବନ୍ଦର ପ୍ରଭାବ ମିଶ୍ରିତ ରହିଛି । ଭୁବନେଶ୍ୱର ରେଳଷ୍ଟେସନ୍ ସମେତ ସହରର ମୁଖ୍ୟ ଛକ ମାଷ୍ଟର କ୍ୟାଣ୍ଟିନ, ରାଜମହଲ, ଡମଣା ଛକ, ବରମୁଣ୍ଡା, ଆଦି ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତାରୋକ କରିଥିଲେ । ଫଳରେ ଘରୋଇ ପରିବହନ, ମୋ-ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ କେଉଁଠି ବନ୍ଦ ତ କେଉଁଠି ଖୋଲାଥିବାବେଳେ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ସମେତ ବିଭିନ୍ନ ଆର୍ଥିକ ଅନୁଷ୍ଠାନ ବନ୍ଦ ରହିଥିଲା । ତତ୍‌ସହିତ ମଧ୍ୟାହ୍ନରେ ଏକ ମିଳିତ ଶୋଭାଯାତ୍ରା ରାଜମହଲ ଛକରୁ ବାହାରି ପିଏମ୍‌ଜି ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରି ପାଞ୍ଚଶହରୁ ଊର୍ଦ୍ଧ୍ୱ କର୍ମୀ ଗିରଫ ହୋଇଛନ୍ତି । ଏଥିରେ ଆଇଏନ୍‌ଟିୟୁସିର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସିର ବିଜୟ ଜେନା, ସିଆଇଟିୟୁର ପ୍ରଦୀପ ନାୟକ, ଏଆଇସିସିଟିୟୁର ମହେନ୍ଦ୍ର ପରିଡ଼ା, ଏଆଇୟୁଟିୟୁସିର ଜୟସେନ ମେହେର, ଟିୟୁସିସିର ଜ୍ୟୋତିରଞ୍ଜନ ମହାପାତ୍ର, ଏଚ୍‌ଏମ୍‌ଏସ୍ ନେତା ବିଏନ୍ ମହାପାତ୍ର, ଏଲ୍‌ପିଏଫ୍‌ର ମଧୁସୂଦନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ । ଅନୁରୂପ ଭାବରେ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍ ତରଫରୁ ଗ୍ରୀଡ୍‌କୋ ମୁଖ୍ୟ ଦପ୍ତର ସମ୍ମୁଖରେ ସତ୍ୟବାଦୀ ବାଘ, ଭ୍ରମରବର ରାଉତ, ପରମାନନ୍ଦ ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ରାସ୍ତାରୋକ କରି ହଜାର ହଜାର ବିକ୍ଷୋଭକାରୀ ଗିରଫ ହୋଇଛନ୍ତି ।ଟ୍ରେଡ୍ ୟୁନିୟନର ଡାକରାରେ ରାଜ୍ୟବ୍ୟାପୀ ଜନଜୀବନ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲେ ବି କେଉଁଠି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ ।

## ୩ ମାସରେ ...

କରାଯାଇଥିଲା । ଏଥିରେ ରାଜ୍ୟପାଳ ଅଥବା ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ତୁରନ୍ତ ଗଚ୍ଛିତ ଅଳଙ୍କାରର ତାଲିକା ତିଆରି କରିବାକୁ ପ୍ରାର୍ଥନା କରାଯାଇଥିଲା । ରତ୍ନଭଣ୍ଡାର ଖୋଲିବାରେ ପ୍ରତିପକ୍ଷ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ମରାମତି କାର୍ଯ୍ୟ କରିପାରୁନାହିଁ । ବୈଷୟିକ କମିଟି ରତ୍ନଭଣ୍ଡାର ମରାମତି ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ଏହାର ମରାମତି କରାଯାଉନାହିଁ । ରତ୍ନଭଣ୍ଡାର ନଖୋଲାଯିବା ମହାପ୍ରଭୁଙ୍କ ଦୁର୍ଲଭ ଅଳଙ୍କାର ସୁରକ୍ଷା ସମ୍ପର୍କରେ ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଦର୍ଶାଯାଇଥିଲା । ରୁଜୁ ମାମଲାରେ କୁହାଯାଇଥିଲା ଯେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ରୁଲ୍ ୧୯୫୨ରେ ରତ୍ନଭଣ୍ଡାରରେ ଥିବା ସ୍ୱର୍ଣ୍ଣ, ରୌପ୍ୟ ତଥା ଦୁର୍ଲଭ ଅଳଙ୍କାରର ତାଲିକା ତିଆରି କରିବା ପାଇଁ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ପାଳନ କରାଯାଉନାହିଁ ।

## ପ୍ରକାଶ ପାଇଲା ଓଟିଇଟି ...

ଉତ୍ତୀର୍ଣ୍ଣ ହୋଇଛନ୍ତି । ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀମାନେ ଆବଶ୍ୟକ ଫି' ଦେଇ ଏହି ୱେବସାଇଟରୁ ସେମାନଙ୍କ ଡିଜିଟାଇଜଡ୍ ସାର୍ଟିଫିକେଟ ଡାଉନଲୋଡ଼ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଯେଉଁମାନେ କୃତକାର୍ଯ୍ୟ ହୋଇପାରିନାହାନ୍ତି, ସେମାନେ ସେମାନଙ୍କ ଓଏମ୍‌ଆର ଉତ୍ତରକପି ଏହି ୱେବସାଇଟରୁ ଡାଉନଲୋଡ଼ କରିପାରିବେ । ଆସନ୍ତା ୧୮ ତାରିଖ ଅପରାହ୍ଣ ୪ଟା ମଧ୍ୟରେ ଏହି ସୁବିଧା ଉପଲବ୍ଧ ମିଳିପାରିବ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି । ସେହିପରି ଓଟିଇଟି-୨୦୨୬ ପରୀକ୍ଷା ପାଇଁ ଆଜି ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମେ ମାସ ତୃତୀୟ ସପ୍ତାହରେ ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ ଆବେଦନ କରିବା ପାଇଁ ଖୁବ ଶୀଘ୍ର ତାରିଖ ପ୍ରକାଶ ପାଇବ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ ...

ସହ ଯୋଗାଯୋଗ କରିଥିଲେ । ଆଜି ପୂର୍ବ ଯୋଜନା ପ୍ରକାରେ ଟ୍ରାକ୍ଟର ମାଲିକ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ରସିଦ ଠାରୁ ଅଧିକ ଟଙ୍କା ଦେଇଥିଲେ । ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଜଣେ କର୍ମଚାରୀଙ୍କ ଠାରୁ ଉକ୍ତ ଟଙ୍କା ଜବତ କରିଥିଲେ । ଏଥିସହ ଏହି ମାମଲାରେ ଅତିରିକ୍ତ ତହସିଲଦାରଙ୍କ ସମେତ ଆଉ ୨ ଜଣ ରାଜସ୍ୱ ନିରୀକ୍ଷକ ଜଡ଼ିତ ଥିବା ଆଶଙ୍କାରେ ସେମାନଙ୍କୁ ଭିଜିଲାନ୍ସ ଟିମ୍ ଉଠାଇ ନେଇଥିବା ସୂଚନା ରହିଛି ।

## ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କୁ ...

ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ଏହି ମାମଲାକୁ ସରକାରୀ ଓକିଲ ପ୍ରହଲ୍ଲାଦ ପତି, କାହ୍ନୁଚରଣ ବେହେରା ଓ ରଞ୍ଜନ କୁମାର ସିଂ ଲଢ଼ିଥିଲେ । ଏହି ମାମଲାର ଶୁଣାଣି ସୋର କୋର୍ଟରେ ଚାଲିଥିବା ବେଳେ ଆଜି ଅପରାହ୍ଣରେ ସୋର ଅତିରିକ୍ତ ଜିଲ୍ଲା ଜଜ ମିନାକ୍ଷୀ ଦାଶ ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସ୍ୱପ୍ନାଙ୍କ ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

## ଶିକ୍ଷା ପ୍ରକ୍ରିୟାକୁ ସହଜ ...

ଏହା ଦ୍ୱାରା ଗ୍ରାମାଞ୍ଚଳର ଶେଷ ଧାଡ଼ିର ବିଦ୍ୟାର୍ଥୀ ମଧ୍ୟ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ । ଭାରତର ଏଆଇ ନିଜସ୍ୱ ଶୈଳୀରେ ସମାବେଶୀ, ସଂରଚନାରେ ପରସ୍ପର ସହଯୋଗୀ ଏବଂ ସାମର୍ଥ୍ୟରେ ସାର୍ବଭୌମ ହେବ । ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ଆମକୁ ଶିକ୍ଷା କ୍ଷେତ୍ରରେ ଏଆଇକୁ ସାମିଲ କରିବାକୁ ହେବ । ଆଇଆଇଟି ବମ୍ବେ ଏବଂ ଆମେରିକାର କଲମ୍ବିଆ ୟୁନିଭରସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ମାନୁଫାକଚରିଂ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ଯୁଗ୍ମ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ । ଏଆଇ ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଓ ନୂତନ ପାଠ୍ୟକ୍ରମର ସରଳିକରଣ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଆଗାମୀ ଦିନରେ ଦେଶର ୩୦ କୋଟି ଛାତ୍ରଛାତ୍ରୀ ଓ କୋଟି କୋଟି ଶିକ୍ଷକଙ୍କ ପାଇଁ ଏକ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର ନିର୍ମାଣ କରିବା ସରକାରଙ୍କ ଲକ୍ଷ୍ୟ । ସେ ଆହୁରି କହିଛନ୍ତି ଯେ ୨୦୩୫ ସୁଦ୍ଧା ଭାରତର ଅର୍ଥନୀତିରେ ଏଆଇର ଅବଦାନ ୧.୭ ଟ୍ରିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି । ଏଆଇ କେବଳ ଏକ ଟେକ୍ନୋଲୋଜି ନୁହେଁ, ବରଂ ଏହା ଭାରତର 'ଆସ୍ପିରେସନାଲ୍ ଇଣ୍ଡିଆ' ବା ମାନବୀୟ ସମ୍ବଳର ଆକାଂକ୍ଷାକୁ ପୂରଣ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଏହି ଅବସରରେ ସେ ଓଡ଼ିଶାର ଜଣେ ଯୁବକଙ୍କ ଦ୍ୱାରା ପ୍ରସ୍ତୁତ 'ଭତ୍ରୀ' (ଟ୍ରାଇବାଲ ଲାଙ୍ଗୁଏଜ୍) ଏଆଇ ମଡେଲର ଉଦାହରଣ ଦେଇ ଦେଶର ପ୍ରତିଭାକୁ ପ୍ରଶଂସା କରିଛନ୍ତି ।

# କଚ୍ଛରେ ପ୍ରଦର୍ଶିତ ବିଶ୍ୱର ସର୍ବବୃହତ ଖଦି ତ୍ରିରଙ୍ଗା: ଏକ ଆତ୍ମନିର୍ଭରଶୀଳ 'ନୂତନ ଭାରତ'ର କାହାଣୀ

**ଅନୁଚ୍ଛେଦ - ମନୋଜ କୁମାର, ଅଧ୍ୟକ୍ଷ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ, ଭାରତ ସରକାର**

କଚ୍ଛର ଶ୍ୱେତ ମରୁଭୂମିରେ - ଯେଉଁଠାରେ ଆପଣ ପୃଥିବୀ ଏବଂ ଆକାଶର ଦିଗନ୍ତ ଦେଖିପାରିବେ - ଏହା କେବଳ ଏକ ପ୍ରାକୃତିକ ଚମତ୍କାର ନୁହେଁ ବରଂ ନୂତନ ଭାରତର ପରିବର୍ତ୍ତିତ ଆତ୍ମବିଶ୍ୱାସର ଏକ ଜୀବନ୍ତ ପ୍ରତୀକର ପରିଣତ ହୋଇଛି । ଏହି ବିଶାଳ ପରିସର ମଧ୍ୟରେ, ଗତ ଗଣତନ୍ତ୍ର ଦିବସ ଅବସରରେ ବିଶ୍ୱର ସର୍ବବୃହତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗାର ଏକ ଭବ୍ୟ ଓ ଦିବ୍ୟ ସୁଦର୍ଶନ ଆୟୋଜିତ ହୋଇଥିଲା । ଏହା କେବଳ ଏକ କାର୍ଯ୍ୟକ୍ରମ ନଥିଲା, ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ସ୍ୱଦେଶୀ ପରମ୍ପରା, ଜାତୀୟ ସଂକଳ୍ପ ଏବଂ ସମସାମୟିକ ଭାରତର ବିକାଶ ଦୃଷ୍ଟିକୋଣର ଏକ ଶକ୍ତିଶାଳୀ ସାର୍ବଜନୀନ ପ୍ରକାଶନ ଥିଲା ।



ଦେଶର କାରିଗରମାନେ, ଯଶସ୍ୱୀ ବାହିନୀର କର୍ମଚାରୀମାନେ ଏବଂ ସାଧାରଣ ନାଗରିକମାନେ ଏହି ଅଦ୍ଭୁତ, ଅବିଶ୍ୱସନୀୟ ଓ ଅକଳ୍ପନୀୟ ଦୃଶ୍ୟର ସାକ୍ଷୀ ଥିଲେ । ଏହା ଏକ ନୂତନ ଇତିହାସ ସୃଷ୍ଟି କରିଥିଲା, କାରଣ ସମଗ୍ର ଦେଶର ଲକ୍ଷାଧିକ ଖଦି କାରିଗରମାନେ ଭିଡିଓ ବାର୍ତ୍ତା ମାଧ୍ୟମରେ ଜାତୀୟ ପତାକାକୁ ସଲାମ ଜଣାଇ ଏକ ଅଦ୍ୱିତୀୟ ଅଭିଲେଖ ସ୍ଥାପନ କରିଥିଲେ । ଏହି ମୁହୂର୍ତ୍ତ ଏହାକୁ ଉଲ୍ଲେଖ କରେ ଯେ ଜାତି ଗଠନ କେବଳ କୌଣସି ଗୋଟିଏ ସଂସ୍ଥା କିମ୍ବା ବର୍ଗର ପ୍ରୟାସ ନୁହେଁ ବରଂ ସାମୁହିକ ସଂକଳ୍ପ ଓ ସାମୁହିକ ପ୍ରତିବଦ୍ଧତାର ଫଳସ୍ୱରୂପ । ଏହି ତ୍ରିରଙ୍ଗା କେବଳ ଏକ ବସ୍ତୁର ପ୍ରସାର ନୁହେଁ, ବରଂ ଏକ ଚିନ୍ତାଧାରାର ପ୍ରସାର । ଯେଉଁ ଖଦିକୁ କେବେ ସ୍ୱାଧୀନତା ଆନ୍ଦୋଳନର ଆତ୍ମା ବୋଲି କୁହାଯାଉଥିଲା, ସେହି ଖଦି ଆଜି ସ୍ୱାବଲମ୍ବୀ ଭାରତର ଶକ୍ତି ଭାବେ ପୁନର୍ବ୍ୟାଖ୍ୟା କରାଯାଉଛି । ମହାତ୍ମା ଗାନ୍ଧୀଙ୍କ କଥା- 'ଖଦି ହେଉଛି ଭାରତର ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ - ଆଧୁନିକ ଭାରତର ପରିପ୍ରେକ୍ଷୀରେ ଏକ ନୂତନ ଅର୍ଥ ସହ ଜୀବନ୍ତ ହୋଇଉଠିଛି ।

ଏହି ଜାତୀୟ ପୁନରୁତ୍ଥାନକୁ ବୁଝିବା ପାଇଁ ଭୁଜ ସହରକୁ ଦେଖିବା ହିଁ ପର୍ଯ୍ୟାପ୍ତ । ଏକ ଭୟାବହ ଭୂମିକମ୍ପ ଏହି ସହରକୁ ଗଭୀର ଆଘାତ ପହଞ୍ଚାଇଥିଲା; କିନ୍ତୁ ସେହି ସଙ୍କଟ କାଳୀନ ମୁହୂର୍ତ୍ତରେ ଜଣେ ଦୃଷ୍ଟି ସମ୍ପନ୍ନ ନେତା ପୁନର୍ନିର୍ମାଣକୁ କେବଳ ଆବଶ୍ୟକତା ଭାବେ ନୁହେଁ, ବରଂ ଏକ ସୁଯୋଗ ଭାବେ ଦେଖିଥିଲେ । ସେତେବେଳର ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଯୋଜନାବଦ୍ଧ ସହରୀକରଣ, ସୁଦୃଢ଼ ପ୍ରାଥମିକ ଢାଞ୍ଚା ଉନ୍ନୟନ ଓ ସମ୍ପ୍ରଦାୟର ପୁନଃସ୍ଥାପନା ମାଧ୍ୟମରେ ଭୁଜର ପୁନର୍ଜନ୍ମ ଘଟିଥିଲା । ୨୫ ବର୍ଷର ପୁନଃ ନିର୍ମାଣ ପରେ, ଭୁଜ କେବଳ ଉଚ୍ଚ ହୋଇ ଠିଆ ହୋଇନାହିଁ, ବରଂ ଏହା ଆଗକୁ ବଢୁଛି । ଏହା ଏହି ସତ୍ୟର ଏକ ସ୍ପଷ୍ଟ ପ୍ରମାଣ ଯେ, ଯେତେବେଳେ ନେତୃତ୍ୱରେ ସ୍ପଷ୍ଟ ଦୃଷ୍ଟିକୋଣ ଓ ଦୃଢ଼ ସଂକଳ୍ପ ଥାଏ, ସେତେବେଳେ ବିପର୍ଯ୍ୟୟ ମଧ୍ୟ ବିକାଶର ଏକ ମୁଖବନ୍ଧ ହୋଇପାରେ । ଭୌଗୋଳିକ ଦୃଷ୍ଟିକୋଣରୁ, ସୀମାଞ୍ଚଳ ଅଞ୍ଚଳରେ ଅବସ୍ଥିତ ହେବାରୁ ଭୁଜର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି । ଏଠାରେ ଉନ୍ନତି ଓ ସୁରକ୍ଷା ପରସ୍ପର ବିରୋଧୀ ନୁହେଁ, ବରଂ ପରସ୍ପର ପରିପୂରକ । ସହା ସଚେତନ ଭାବରେ ଭାରତୀୟ ସେନାନୀମାନଙ୍କର ସତର୍କ ଉପସ୍ଥିତି ଆମକୁ ସ୍ମରଣ କରାଏ ଯେ, ଜାତିର ଆର୍ଥିକ ଅଗ୍ରଗତି ତାହାର କୌଶଳଗତ ସ୍ଥିରତା ଉପରେ ନିର୍ଭରଶୀଳ 'ଅପରେସନ୍ ସିନ୍ଦୁର'ର ପ୍ରେରଣାଦାୟକ ଆତ୍ମାରୁ ପ୍ରେରିତ ହୋଇ, ବିଶ୍ୱର ସର୍ବବୃହତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗାକୁ ଜଣାଇଥିବା ସଲାମ ବାସ୍ତବରେ ସେହି ଅସଂଖ୍ୟ ବୀର ସନ୍ତାନମାନଙ୍କ ପ୍ରତି ଜାତିର ସାମୂହିକ କୃତଜ୍ଞତାର ପ୍ରତୀକ, ଯାହାଙ୍କର ତ୍ୟାଗ ଓ ବଳିଦାନ ଦେଶର ଉନ୍ନତିର ଅବିରତ ଧାରାକୁ ସୁନିଶ୍ଚିତ କରିଥାଏ ।

ଯଦି ତ୍ରିରଙ୍ଗା ଜାତୀୟ ଗୌରବର ପ୍ରତୀକ, ତେବେ ଖଦି ସେହି ଗୌରବର ଆତ୍ମା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖଦିକୁ କେବଳ ଅତୀତର ସ୍ମୃତି ରୁ ଉଦ୍ଧାର କରିନଥିଲେ, ବରଂ ଏହାକୁ ଭବିଷ୍ୟତ ରଣନୀତିର ଅଭିନ୍ନ ଅଂଶରେ ପରିଣତ କରିଛନ୍ତି । ତାଙ୍କ କଥାରେ– 'ଖଦି କେବଳ ଏକ ବସ୍ତୁ ନୁହେଁ, ବରଂ ଏହା ସ୍ୱାବଲମ୍ବୀ ଭାରତର ଏକ ଚିନ୍ତାଧାରା ଓ ଜନ ଆନ୍ଦୋଳନ ।'

ଏହି ଜନ ଆନ୍ଦୋଳନ ସମଗ୍ର ଜାତିକୁ ନୂତନ ଉତ୍ସାହ ଓ ସଚେତନତାରେ ପ୍ରେରିତ କରିଛି । ଏହାର ସଫଳତାର ପରିଣାମ ଆଜି ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି । 'ଗ୍ରାମ ସ୍ୱରାଜ'ର ମହାନ ଧାରଣା ଏବେ ପ୍ରାୟୋଗିକ ଅର୍ଥନୀତିରେ ପରିଣତ ହେଉଥିବା ପ୍ରତୀକ ହୋଇଛି । ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ପରିମାଣ ୧୭୦ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି ଏବଂ ଶୀଘ୍ର ହିଁ ୨ ଲକ୍ଷ କୋଟି ଟଙ୍କାର ସୀମା ସ୍ପର୍ଶ କରିବାକୁ ଯାଉଛି । ଏହାଠାରୁ ମଧ୍ୟ ଅଧିକ ଗୌରବର ବିଷୟ ହେଉଛି ଯେ, ଏହି କ୍ଷେତ୍ର ଦୁଇ କୋଟିରୁ ଅଧିକ ଲୋକଙ୍କୁ ଜୀବିକାର ସୁଯୋଗ ପ୍ରଦାନ କରି ଏମିତି ଏକ ଐତିହାସିକ ପରିବର୍ତ୍ତନ କରିଛି, ଯାହା ଗ୍ରାମୀଣ ଭାରତକୁ କେବଳ ଉପଭୋକ୍ତା ଭାବେ ନୁହେଁ, ବରଂ ଉତ୍ପାଦନଶୀଳ ଓ ସ୍ୱାବଲମ୍ବୀ ଶକ୍ତି ରୂପେ ସ୍ଥାପିତ କରିଛି ।

ଗତ ୧୧ ବର୍ଷ ମଧ୍ୟରେ ୨.୮୮ ଲକ୍ଷରୁ ଅଧିକ ମେସିନ୍ ଏବଂ ଟୁଲକିଟ୍ ବଣ୍ଟନ ସ୍ପଷ୍ଟ ଭାବରେ ସୂଚାଇ ଦେଇଛି ଯେ ଭାରତର ବିକାଶ ଆଉ ମହାନଗରଗୁଡ଼ିକରେ ସୀମିତ ନାହିଁ, ଏହା ଗ୍ରାମ, କୁଟୀର ଶିଳ୍ପ ଏବଂ ପାରମ୍ପରିକ କାରିଗରମାନଙ୍କ ମାଧ୍ୟମରେ ଏକ ବ୍ୟାପକ ସାମାଜିକ ଭିତ୍ତିଭୂମି ହାସଲ କରୁଛି । ଏହି ପରିବର୍ତ୍ତନର ମୂଳରେ ଅଛି ଶ୍ରମର ମର୍ଯ୍ୟାଦା ଖଦି କାରିଗରଙ୍କ ମଜୁରୀ ପ୍ରତି ହ୍ୟାଙ୍କ ପାଇଁ ୧୫ ଟଙ୍କାକୁ ବୃଦ୍ଧି ପାଇଛି, ଏବଂ ଏହାକୁ ପ୍ରତି ହ୍ୟାଙ୍କ ପାଇଁ ୨୦ ଟଙ୍କାକୁ ବୃଦ୍ଧି କରିବାର ସଂକଳ୍ପ ଦର୍ଶାଉଛି ଯେ ଅର୍ଥନୈତିକ ବିକାଶର ଅର୍ଥ ପ୍ରକୃତରେ ମଜୁରୀ ବୃଦ୍ଧି କରିବା ଏବଂ ମର୍ଯ୍ୟାଦା ପ୍ରତିଷ୍ଠା କରିବା । ଏହି ପରିବର୍ତ୍ତନ ଏକ ଉଦୀୟମାନ 'କାରିଗର ଯୁଗ'ର ସ୍ପଷ୍ଟ ସଙ୍କେତ ଦେଉଛି—ଏମିତି ଏକ ସମୟ, ଯେଉଁଠାରେ ପାରମ୍ପରିକତା ଓ ପ୍ରଯୁକ୍ତି ଏକତ୍ରିତ ହୋଇ ନୂତନ ସମୃଦ୍ଧିର ସୃଷ୍ଟି କରୁଛି । ଡିଜିଟାଲ୍ ଯୁଗରେ ପ୍ରତୀକଗୁଡ଼ିକର ଶକ୍ତି ଆହୁରି ବୃଦ୍ଧି ପାଇଛି । # IconicKhadiTiranga ସୋସିଆଲ ମିଡିଆରେ ୨୦ ନିୟୁତରୁ ଅଧିକ ଦର୍ଶନ ହାସଲ କରିବା କେବଳ ପ୍ରଶଂସାର ଏକ ସଂକେତ ନୁହେଁ, ବରଂ ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ମଧ୍ୟ । ବିଶେଷକରି Gen-Z ର ଏହି ପ୍ରତୀକ ସହିତ ସଂଯୋଗ ସୂଚାଇ ଦିଏ ଯେ ନୂତନ ପିଢ଼ି ବିଶ୍ୱ ଆକାଂକ୍ଷା ସହିତ, ସମାନ ବିଶ୍ୱାସ ସହିତ ଏହାର ସାଂସ୍କୃତିକ ପରିଚୟକୁ ଗ୍ରହଣ କରିବାକୁ ଇଚ୍ଛୁକ ।

କଚ୍ଛର ଶ୍ୱେତ ମରୁଭୂମି ରେ ଭବ୍ୟ ଓ ଦିବ୍ୟ ରୂପେ ଦ୍ୟୁତମାନ ତ୍ରିରଙ୍ଗା ଆମକୁ ଶେଷ ପର୍ଯ୍ୟନ୍ତ ଏକ ବିଶାଳ ସତ୍ୟର ସ୍ମରଣ କରାଏ-ଜାତି ଗଠନ କେବଳ ଗୋଟିଏ ନୀତି, ଗୋଟିଏ ପ୍ରକଳ୍ପ କିମ୍ବା ଗୋଟିଏ ସମୟାବଧିର ଫଳ ନୁହେଁ ବରଂ ଏହା ଦୃଷ୍ଟିଭଙ୍ଗୀ, ସ୍ଥିରତା ଓ ସାମୁହିକ ଆସ୍ଥାର ଭିତ୍ତିରେ ଗଢିଉଠେ । ଯେତେବେଳେ ଐତିହ୍ୟକୁ ସମ୍ମାନ ଦିଆଯାଏ, ଉନ୍ନତି ସମାବେଶ ହୁଏ, ସୀମା ସୁରକ୍ଷିତ ରହି ଏବଂ ନେତୃତ୍ୱରେ ଭବିଷ୍ୟତକୁ ଦୃଷ୍ଟିଗୋଚର କରିବାର ସାହସ ଥାଏ-ସେତେବେଳେ ପରିବର୍ତ୍ତନ କେବଳ ଗୋଟିଏ ଘଟଣା ହୋଇ ରହିନଥାଏ ବରଂ ଏକ ଯୁଗରେ ପରିଣତ ହୋଇଯାଏ ।

ଭୁଜର ପୁନରୁତ୍ଥାନ, ଖଦିର ପୁନର୍ଜୀବନ ଏବଂ ଗ୍ରାମ ସ୍ୱରାଜର ନୂତନ ସଚେତନତା ଏକତ୍ରିତ ହୋଇ ଏମିତି ଏକ ଭାରତ ଗଢୁଛି, ଯାହା କେବଳ ସମ୍ଭାବନାର ନୁହେଁ, ବରଂ ସାଧନାର ଭାରତ-ଆତ୍ମବିଶ୍ୱାସୀ, ସ୍ୱାବଲମ୍ବୀ ଓ ଦୃଢ଼ ସଂକଳ୍ପଶୀଳ । ଶ୍ୱେତ ମରୁଭୂମିର ବିଶାଳଭୂମିରେ ଆଲୋକିତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗା, ଭାରତର ଧ୍ୱଜବାହକ-ଏମିତି ଏକ ପତାକା, ଯାହା କେବଳ ପବନରେ ଉଡ଼େ ନାହିଁ, ବରଂ ବିଶ୍ୱ ଦରବାରରେ ଜାତିର ସଚେତନତାକୁ ଏକ ନୂତନ ପରିଚୟ ଦେଇଥାଏ ।

# ଧାନ ଏଫ୍‌ଏକ୍ୟୁ ନାମରେ ମହାଲୁଣ୍ଠନ ବନ୍ଦ କର: ନବନିର୍ମାଣ କୃଷକ ସଂଗଠନ



**ଖୋର୍ଦ୍ଧା, ୧୨/୨/ଏନ୍‌ଏନ୍‌ଏସ୍:** ଧାନମଣ୍ଡି ଖୋଲିବା ପରଠାରୁ ଖୋର୍ଦ୍ଧା ଜିଲ୍ଲାରେ ଚାଲିଥିବା ଧାନକିଣାରେ ଚରମ ଅବ୍ୟବସ୍ଥା ନେଇ ପ୍ରତିବାଦ କରିଛି ନବନିର୍ମାଣ କୃଷକ ସଂଗଠନ । ଧାନ କିଣାରେ ଚାଲିଥିବା ଅବ୍ୟବସ୍ଥା, ସିଏସ୍ୱ, ମିଲର, ଏଆରସିଏସ୍, ସମବାୟ ସମ୍ପାଦକ ଧାନ ବ୍ୟବସାୟୀଙ୍କ ଅକ୍ଟୋପାସରେ ଚଷି ଛଟପଟ ହେଲାବେଳେ ନିର୍ବାଚିତ ରାଜ୍ୟ ସରକାର ଓ ବରିଷ୍ଠ ଅମଲାତନ୍ତ୍ର ଏହାର ସମାଧାନ ପାଇଁ ଆଗ୍ରହ ପ୍ରକାଶ ନକରି ଓଲଟି କୋଟି କୋଟି ଟଙ୍କାର ପାଣ୍ଠି ଏମାନଙ୍କଠାରୁ ଆଦାୟ କରୁଛନ୍ତି । ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ କେହି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ଏଭଳି ଅରାଜକତା ଓ ଜଙ୍ଗଲରାଜ ବିରୋଧରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି ନବନିର୍ମାଣ କୃଷକ ସଂଗଠନ । ଗୁରୁବାର ମଧ୍ୟାହ୍ନରେ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସି ବେଆଇନ କୁଇଣ୍ଟାଲ ପିଛା ୫ କେଜି କାଟ ଚଳିବ ନାହିଁ, ବେଆଇନ କାଟ ପଛରେ କିଏ ଅଛ ଜବାବ ଦିଅ, ଦୁର୍ନୀତିଗ୍ରସ୍ତ ମିଲରଙ୍କୁ ଧାନ କିଣାରୁ ବାଦ୍ ଦିଅ, ଅସାଧୁ ସମବାୟ ସମ୍ପାଦକଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ସ୍ଲୋଗାନ ଦେଇଥିଲେ । ବିକ୍ଷୋଭକାରୀଙ୍କୁ ସମ୍ବୋଧିତ କରି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ ଯେ, ଏବେ ଧାନରେ ଆଦୌ ଆଦ୍ରତା ନଥିବାରୁ ସବୁ ଧାନ ଏଫ୍‌ଏକ୍ୟୁ ମାନର । ରାଜ୍ୟର କୃଷି ଓ ସମବାୟ ମନ୍ତ୍ରୀ ଧାନ ଖରାପ ହେଲେ ଦେଢ କେଜିରୁ ଦୁଇକେଜି କାଟ୍ ହୋଇପାରିବ ବୋଲି କହୁଥିଲା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୫କେଜି କାଟ କାହିଁକି ହେଉଛି ତାର ଉତ୍ତର ଦାବି କରିଥିଲେ । ଜିଲ୍ଲା ସଂଯୋଜକ ସୁରେଶ ମାନସିଂହ ଚଷୀଙ୍କ ଠାରୁ ସ୍ଖଳିଥିବା ସଂଗଠିତ ବର୍ଗ ଲୁଣ୍ଠନ ବିରୋଧରେ ଆଜିର ଏହି ଧାରଣା ବୋଲି କହିଥିଲେ । ଜିଲ୍ଲା ପ୍ରଶାସନ ଆଜିଠାରୁ ସ୍ମୃତ ପଠାଇ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ପ୍ରଶାସନ ଅଚଳ ହେବ ବୋଲି କହିଥିଲେ । ସହ ସଂଯୋଜକ ଜୟନ୍ତ ତ୍ରିପାଠୀ ଚଷୀଙ୍କୁ ଆହ୍ୱାନ କରି କହିଥିଲେ ଯେ, ୫ କେଜି କାଟ ପାଇଁ ଚଷୀମାନେ ରାଜି ହେବା, ଚଷୀକୂଳ ପ୍ରତି ବିପଦ ସୃଷ୍ଟି କରିଛି । ପ୍ରତି ମଣ୍ଡିରେ ଚଷୀମାନେ କାଟକୁ ବିରୋଧ କରିବାକୁ ସେ ଆହ୍ୱାନ ଦେଇଥିଲେ । ବୋଲଗଡ଼ ବ୍ଲକ ସଂଯୋଜକ କାହ୍ନୁ ବେହେରା ଆଜିର ଦାବି ଜିଲ୍ଲା ପ୍ରଶାସନ ନ ଶୁଣିଲେ ଲଢେଇ ଆଗକୁ ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ସଂଯୋଜକ ମଦନ ସାହୁ, ଅକ୍ଷୟ ରାଉତରାୟ, ନୟାଗଡ଼ ସଂଯୋଜକ ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂହ, ନିରଞ୍ଜନ ପ୍ରଧାନ, ଆଶିଷ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# କଟ୍‌ନୀ ଛଟ୍‌ନୀ ପ୍ରତିବାଦରେ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**କଣ୍ଟାପଡ଼ା, ୧୨/୨/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ କିଷାନ କଂଗ୍ରେସ ତରଫରୁ ଚଳିତ ଖରିଫ ଧାନ ସଂଗ୍ରହ ସମୟରେ ମଣ୍ଡିମାନଙ୍କରେ ଚାଷୀଙ୍କ ଧାନକୁ ନିମ୍ନମାନର ଦର୍ଶାଇ ସମବାୟ ସମିତି ଓ ଧାନ କିଣୁଥିବା ମିଲରମାନଙ୍କର ମିଳିଭଗତରେ କ୍ୱିଣ୍ଟାଲ ପିଛା ୫ କେଜିରୁ ୭ କେଜି ପର୍ଯ୍ୟନ୍ତ କଟନି କରୁଥିବା ପ୍ରତିବାଦରେ ଆଜି ଏହାର ଦୃଢ ପ୍ରତିବାଦ ସ୍ୱରୂପ କଣ୍ଟାପଡ଼ା ବ୍ଲକ କିଷାନ କଂଗ୍ରେସ ତରଫରୁ କିଷାନ କଂଗ୍ରେସର ସଭାପତି ଉଲ୍ଲାସ ଚନ୍ଦ୍ର ଖଣ୍ଟୁଆଳଙ୍କ ଆବାହକତ୍ୱରେ କଣ୍ଟାପଡ଼ା ତହସିଲ ସମ୍ମୁଖରେ



ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି । ଆଜିର ପ୍ରତିବାଦ କାର୍ଯ୍ୟକ୍ରମରେ କଟକଜିଲ୍ଲା କିଷାନ କଂଗ୍ରେସ ସଭାପତି ନିମାଇଁ ଚରଣ ରାଉତରାୟ ଯୋଗ ଦେଇ ବିଗତ ବିଜେଡି ସରକାରଙ୍କଠାରୁ ବର୍ତ୍ତମାନର ବିଜେପି ସରକାର ଚାଷୀମାରଣ ନୀତିରେ ଏକ ନମ୍ବର କହିବା ସହିତ ପୂର୍ବ ସରକାରରେ ୩ କେଜି କଟ୍‌ନି ହେଉଥିଲାବେଳେ ଏବେ କିନ୍ତୁ ୫/୭ କେଜି ଧାନ କଟାଯାଉଛି । ଏଥିରେ କଂଗ୍ରେସ ନେତା ପ୍ରଦ୍ୟୁମ୍ନ କୁମାର ଖଟାଇ, ସଦାଶିବ ସାହୁ, ଯୁଧିଷ୍ଠିର ପ୍ରଧାନ, ଅଗାଧୁ ପ୍ରଧାନ, ବେଣୁଧର ସ୍ୱାଇଁ, କବିପ୍ରସାଦ ମଳିକ, ତ୍ରିଲୋଚନ ବେହେରା, ପ୍ରଫୁଲ୍ଲ ମଳିକ, ଅଭିମନ୍ୟୁ ବାରିକ ପ୍ରମୁଖ ଯୋଗଦେଇଥିଲେ ।

## ୩୧ ପ୍ରକଳ୍ପକୁ ଜମି ...

ପ୍ରଦାନ କରାଯାଇଛି । ସମସ୍ତ ଅଞ୍ଚଳରେ ଶିଳ୍ପାୟନର ସୁଫଳ ପହଞ୍ଚାଇବା ପାଇଁ ସରକାର ଏହି ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଉକ୍ତ ବୈଠକରେ ବିଭାଗର କମିଶନର ତଥା ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ସୁଶ୍ରୀ ଆବୋଲି ସୁନୀଲ ନରଭାଣେ ଏବଂ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସ୍ୱଚ୍ଛତା, ସମୟବଦ୍ଧ ନିଷ୍ପତ୍ତି ଏବଂ ସକ୍ରିୟ ସହଯୋଗ ଉପରେ କମିଟି ନିଜର ପ୍ରତିବଦ୍ଧତା ଦୋହରାଇଛି, ଯାହା ଓଡ଼ିଶାର ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ମଜବୁତ କରିବ ।

## ୨.୭୫% ଛୁଇଁଲା ଖୁଚୁରା ...

ଏହାର ଅର୍ଥ ଗତ ୮ ମାସ ମଧ୍ୟରେ ଏହା ସର୍ବାଧିକ ସ୍ତରର ମୁଦ୍ରାସ୍ଫୀତି । ତେବେ ନୂତନ ସିପିଆଇ ଢାଞ୍ଚା ଅଧୀନରେ ଏହା ରେକର୍ଡ କରାଯାଇଥିବା ପ୍ରଥମ ସରକାରୀ ମୁଦ୍ରାସ୍ଫୀତି ହାର ଯାହାକି ୨୦୧୨କୁ ମୂଳ ବର୍ଷ ଭାବରେ ଆଧାରିତ ସିପିଆଇ ସିରିଜକୁ ସଂଶୋଧନ କରୁଛି । ପୁରୁଣା ସିପିଆଇ ସିରିଜ୍ ଅଧୀନରେ, ଡିସେମ୍ବର ୨୦୨୫ରେ ଖୁଚୁରା ମୁଦ୍ରାସ୍ଫୀତି ୧.୩୩% ରହିଥିଲା । ସେହିପରି ୨୦୨୫ ମେ ମାସରେ ମୁଦ୍ରାସ୍ଫୀତି ୨.୮୨%ରେ ପହଞ୍ଚିଥିଲା । ତେବେ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଦ୍ୱାରା ଜାରି ଏହି ନୂତନ ପଦ୍ଧତି ଦେଶର ବର୍ତ୍ତମାନର ବ୍ୟୟ ପ୍ରଣାଳୀକୁ ଅଧିକ ସଠିକ ଭାବେ ଦର୍ଶାଉଥିବା ଅନେକ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି । ସୂଚନାଯୋଗ୍ୟ, ସରକାର ୨୦୧୨ ରୁ ୨୦୨୪ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ମାପ ପାଇଁ ମୂଳ ବର୍ଷ ପରିବର୍ତ୍ତନ କରିଛନ୍ତି । ଏହି ପରିବର୍ତ୍ତନ ଏକ ଦଶନ୍ଧିରୁ ଅଧିକ ସମୟ ପରେ କରାଯାଇଛି । ଏକ ମୂଳ ବର୍ଷ ହେଉଛି ସେହି ବର୍ଷ ଯାହାର ମୂଲ୍ୟକୁ ଆଧାର ଭାବରେ ବିବେଚନା କରାଯାଏ । ଅର୍ଥାତ୍, ସେହି ବର୍ଷ ସାମଗ୍ରୀର ହାରାହାରି ମୂଲ୍ୟ ୧୦୦ ମୂଲ୍ୟ ଦିଆଯାଏ । ତା'ପରେ, ଅନ୍ୟ ବର୍ଷର ମୂଲ୍ୟକୁ ଏହି ମୂଳ ବର୍ଷ ସହିତ ତୁଳନା କରାଯାଏ । ଏହା ଦର୍ଶାଏ ଯେ ମୁଦ୍ରାସ୍ଫୀତି କେତେ ବୃଦ୍ଧି ପାଇଛି କିମ୍ବା ହ୍ରାସ ପାଇଛି ।

## ଏଣିକି ଜମି ପଟ୍ଟାରେ ରହିବ ...

ବିବରଣୀ ଓ ଏହାର ଇତିହାସ ମୋବାଇଲ ସ୍କ୍ରିନରେ ଉପଲବ୍ଧ ହେବ । ଏହି ଡିଜିଟାଲ ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ଜମି କିଣିବାକୁ ଚାହୁଁଥିବା ବ୍ୟକ୍ତ ତୁରନ୍ତ ଜମିର ମାଲିକାନା ସତ୍ତ୍ୱ କାହା ନାଁରେ ଅଛି ଓ ଏଥିରେ କୌଣସି ଆଇନଗତ ସମସ୍ୟା ରହିଛି କି ନାହିଁ ତାହା ମଧ୍ୟ ଜାଣିପାରିବେ ।ଏହି ନୂଆ ବ୍ୟବସ୍ଥାରେ ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁରକ୍ଷା ବ୍ୟବସ୍ଥା । ଯଦି କେହି ଜାଲିଆତି କରି ଜମି ବିକ୍ରି ପାଇଁ ପ୍ରୟାସ କରେ, ତା'ହେଲେ ସମ୍ପୃକ୍ତ ଜମି ଥିବା ଅଞ୍ଚଳର ଆରଆଇ(ରାଜସ୍ୱ ନିରୀକ୍ଷକ) ଓ ତହସିଲଦାରଙ୍କ ପାଖକୁ ଆଲର୍ଟ ମେସେଜ୍ ପଳାଇବ । ଏହାଦ୍ୱାରା ବେଆଇନ କାରବାର ସମ୍ପର୍କରେ ପ୍ରଶାସନ ସଙ୍ଗେସଙ୍ଗେ ଅବଗତ ହୋଇପାରିବ ଓ ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ସୁଯୋଗ ପାଇପାରିବ । ଏହି ବ୍ୟବସ୍ଥା ଜମି କିଣାବିକାରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ ।

କେବଳ ଏହି କ୍ୟୁଆର କୋଡଯୁକ୍ତ ଜମି ପଟ୍ଟା ନୁହେଁ, ବିଭାଗ ପକ୍ଷରୁ ଖୁବଶୀଘ୍ର ରାଜ୍ୟବ୍ୟାପୀ ଜମି ସର୍ବେକ୍ଷଣ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ସରକାରୀ ଓ ଘରୋଇ ଜମିର ସୀମା ନିର୍ଦ୍ଧାରଣ ଏହି ସର୍ବେକ୍ଷଣ ମାଧ୍ୟମରେ କରାଯିବ । ପୂର୍ବରୁ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଜମିର ବର୍ତ୍ତମାନର ସ୍ଥିତି ଓ ଉପଯୋଗ ସମ୍ପର୍କରେ ମଧ୍ୟ ସଠିକ୍ ଡାଟାବେସ୍ ସରକାରଙ୍କ ପାଖରେ ଉପଲବ୍ଧ ହୋଇପାରିବ । ଯାହାଫଳରେ ସରକାରୀ ଜମିର ସୁପରିଚାଳନା ଓ ଶୃଙ୍ଖଳିତ ଢଙ୍ଗରେ ଉପଯୋଗ କ୍ଷେତ୍ରରେ ଉତ୍ତରଦାୟିତ୍ୱ ରହିପାରିବ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ମୋରମ ଖଣିରେ ଚଢ଼ଉ: ୨ ଗିରଫ

**ମୁଣ୍ଡମୁହାଣ, ୧୨/୨/ଏନ୍‌ଏନ୍‌ଏସ୍:** ଗତକାଲି ବିଳମ୍ବିତ ରାତିରେ ଇନଫୋସିଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ମୋରମ ଖଣି ଉପରେ ଚଢାଉ କରି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଇନଫୋସିଭ୍ୟାଲି ଥାନା ଦେଉଳିଆପାଟଣା ଗ୍ରାମର ସୁଧାଂଶୁ ଜୟସିଂ ଓରଫ ସିଫା ଓ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଖଲିସାହିର ଜିତେନ୍ଦ୍ର ସେଠି । ବେଆଇନ ଭାବେ ମୋରମ ଖନନରେ ଲିପ୍ତ ଥିବା ଗୋଟିଏ ଜେସିବି ମେସିନ ଜବତ କରିବା ସହ ଆଜି ଦୁଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି ପୁଲିସ । ମିଳିଥିବା ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଯାଁଳା ଲୁମ୍ବିନୀ ଆପାର୍ଟମେଣ୍ଟର ପଛପଟେ ବେଆଇନ ଭାବେ ମୋରମ ଖୋଳା ଯାଉଥିବା ଏକ ଖବର ଇନଫୋସିଭ୍ୟାଲି ଥାନା ପୁଲିସ ପାଇଥିଲେ । ତୁରନ୍ତ ଏକ ଦଳ ଉକ୍ତ ଖଣି ଉପରେ ଚଢ଼ଉ କରିଥିଲେ ।

## ଆଜିର ଇତିହାସ

- ୧୯୪୮-ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଆମରଣ ଅନଶନ ଆରମ୍ଭ କରିଥିଲେ।
- ୧୯୮୪-ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନୌସେନା ପାଇଁ ମୁମ୍ବାଇ ସ୍ଥିତ ମଝଗାଓଁ ଡକ୍‌ର ଆରମ୍ଭ କରିଥିଲେ।
- ୨୦୦୩-ଯଶ ଚୋପ୍ରାଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥିଲା।
- ୨୦୦୮-ହାସ୍ୟ କଳାକାର ରାଜେନ୍ଦ୍ର ନାଥଙ୍କ ନିଧନ।
- ୨୦୧୦- ପୁନେ ଠାରେ ଯହୁଦିମାନଙ୍କ ପ୍ରାର୍ଥନା ସ୍ଥଳ ପାଖରେ ଏକ ବୋମା ବିସ୍ଫୋରଣରେ ୧୭ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - କାହାକୁ ଦେଇଥିବା କଥା ପୂରା କରିବେ। ପୁରୁଣା ଭୁଲ୍‌ରୁ ପରଦା ଉଠିପାରେ। ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ। ସ୍ୱାସ୍ଥ୍ୟକୁ ନେଇ ଧ୍ୟାନ ରଖିବେ। ଲାଇଫ୍‌ରେ ବାଧା ଉପୁଜି ହୋଇପାରେ।

**ବୃଷ** - କାର୍ଯ୍ୟକ୍ଷେତ୍ରରେ ନିର୍ଣ୍ଣୟ ନେବାର ପୂରା କ୍ଷମତା ମିଳିବ। ଅଳ୍ପ ଦୂର ଯାତ୍ରା କରିପାରନ୍ତି। ଅଟକିଥିବା ପୁରୁଣା ନେଣଦେଣ ମାମଲାର ସମାଧାନ ହେବ। ସନ୍ତାନ ତରଫରୁ ଖୁସି ଖବର ପାଇବେ।

**ମିଥୁନ** - ଆଜି ରୋଜଗାରକୁ ନେଇ ଚିନ୍ତିତ ରହିବେ। କ୍ୟାରିୟର୍‌କୁ ନେଇ ପ୍ରସନ୍ନ ରହିବେ। ଲଭ୍ ଲାଇଫ୍‌ରେ କ୍ୱାଲିଟି ଟାଇମ୍ ବିତେଇବେ। ଆଜି ପ୍ରତିବନ୍ଧ ଆସିବ। ଜୀବନସାଥିର ସହଯୋଗ ପାଇବେ।

**କର୍କଟ** - ଦିନଟି ବ୍ୟସ୍ତତାଭରା ରହିବ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିବ। ରୋଜଗାରର ସନ୍ଧାନରେ ଥିବା ଲୋକମାନଙ୍କୁ ଆଶ୍ୱସ୍ତି ମିଳିବ। ପ୍ରେମ ସମ୍ବନ୍ଧରେ ଉତ୍ଥାନ-ପତନ ଦେଖାଦେଇପାରେ।

**ସିଂହ** - ନିଜର ଉର୍ଜାକୁ ସଠିକ୍ କାମରେ ଲଗାଇଲେ ଭଲ। ପ୍ରେମ ବିବାହ କରିବାକୁ ଚାହୁଁଥିବା ଲୋକମାନଙ୍କୁ ଅପେକ୍ଷା କରିବାକୁ ହେବ। ଅଧିକାରୀମାନଙ୍କ ଠାରୁ କଟୁ ବଚନ ଶୁଣିବାକୁ ପଡ଼ିପାରେ। କୌଣସି କାମ ଶୀଘ୍ରତାର ସହିତ କରନ୍ତୁ ନାହିଁ।

**କନ୍ୟା** - ଆଜି କାହାକୁ ଧାର୍ ଦିଅନ୍ତୁ ନାହିଁ। ଜୀବନସାଥି ସହିତ ଚାଲୁଥିବା ବିବାଦ ଦୂର ହେବ। ଦିନଟି ଖୁସିରେ ଭରି ରହିବ। କୌଣସି ପୁରୁଣା ଭୁଲ୍‌ରୁ ଶିକ୍ଷା ପାଇବେ। ବିଦ୍ୟାର୍ଥୀମାନଙ୍କ ଉଚ୍ଚଶିକ୍ଷା ମାର୍ଗ ପ୍ରଶସ୍ତ ହେବ।

**ତୁଳା** - ବଡ଼ ନିବେଶ ଆଜି କରନ୍ତୁ ନାହିଁ। ଲିଭ୍ ଇନ୍ ସମ୍ପର୍କରେ ଫାଟ ସୃଷ୍ଟି ହେବ। ଏହା ସାର୍ବଜନିକ ହେବାର ଭୟ ରହିଛି। କୌଣସି ସମ୍ପତ୍ତି କିଣିପାରନ୍ତି। ଶୁଭ ମାଙ୍ଗଳିକ କାର୍ଯ୍ୟରେ ସାମିଲ ହୋଇପାରିବେ।

**ବିଛା** - କିଛି ନୂଆ ଲୋକଙ୍କ ସହିତ ସାକ୍ଷାତ ହୋଇପାରେ। ପାଠପଢ଼ାରେ ଆଜି ମନ ଲାଗିବ ନାହିଁ। ସ୍ୱାସ୍ଥ୍ୟର ଧ୍ୟାନ ଦେବାକୁ ହେବ। ପ୍ରେମ ଜୀବନରେ ସବୁକିଛି ସାମାନ୍ୟ ରହିବ। କାମରେ ଅବହେଳା ସମସ୍ୟା ନେଇ ଆସିବ।

**ଧନୁ** - ଆଜି ଖୁସି ଖବର ପାଇବେ। ରାଜନୈତିକ କ୍ଷେତ୍ରରେ ଲୋକମାନେ ସାବଧାନ ରୁହନ୍ତୁ। ବାଣୀରେ ମଧୁରତା ରଖିବେ। ସ୍ୱାସ୍ଥ୍ୟ ଓ ପ୍ରେମ ଜୀବନରେ ଆଜି ସାବଧାନ ରହିବାକୁ ହେବ।

**ମକର** - ଆଜି ମିଶ୍ରିତ ଫଳ ପାଇବେ। ପରିବାରରେ ଯୁକ୍ତିତର୍କ ହୋଇପାରେ ଓ ପରିବେଶ ଚାପଗ୍ରସ୍ତ ରହିବ। ବ୍ୟାପାର ଯୋଜନାରେ ସମୟ ଅତିବାହିତ କରିବେ। ପ୍ରେମ ସାଥି ସହିତ ରାତ୍ରିଭୋଜନ କରିପାରନ୍ତି।

**କୁମ୍ଭ** - ଧାର୍ ଦେଇଥିବା ଅର୍ଥ ଫେରିପାଇବେ। ଲଭ୍ ପାର୍ଟନର୍‌ଙ୍କ ସହିତ ରୋମାଣ୍ଟିକ ମୁହୂର୍ତ୍ତ ଅତିବାହିତ କରିପାରନ୍ତି। ଦିନଟି ଭଲରେ କଟିବ। ଦୀର୍ଘ ସମୟ ଧରି ଅଟକିଥିବା କାମ ପୂରା କରିବାକୁ ଭୁଲନ୍ତୁ ନାହିଁ।

**ମୀନ** - ଦିନଟି ଉର୍ଜାରେ ଭରି ରହିବ। ନିଜ ଲୋକଙ୍କ ବ୍ୟତୀତ ଅନ୍ୟର ସାଥ୍ ଦେଲେ କ୍ଷତି ହେବ। ପ୍ରମୋଶନର ସମ୍ଭାବନା ରହିଛି। ବ୍ୟବସାୟରେ ବହୁତ ବଡ଼ ଭୁଲ୍ ହୋଇପାରେ।



## ଶ୍ରୀମଦ୍ ଭଗବଦ୍‌ଗୀତା

**ଊର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍।**
**ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍। (୧୫/୧)**



ଶ୍ରୀ ଭଗବାନ କହିଲେ - ଏହି ସଂସାର ରୂପକ ଅଶ୍ୱତଥ ବୃକ୍ଷର ମୂଳ ଊର୍ଦ୍ଧ୍ୱ ଦିଗରେ ଅବସ୍ଥିତ ଶାଖାଗୁଡିକ ନିମ୍ନ ଆଡକୁ ବିସ୍ତୃତ - ଏହା ବେଦଜ୍ଞଗଣ କହନ୍ତି। ଏହା ଅବିନାଶୀ, ବେଦସମୂହ ଏହାର ପତ୍ର ସ୍ୱରୂପ। ଯିଏ ଏହି ଅଶ୍ୱତଥ ବୃକ୍ଷକୁ ଜାଣନ୍ତି ସେ ବେଦବିତ୍। ଅର୍ଥାତ ମୂଳ ସହିତ ଏ ସଂସାର ବୃକ୍ଷକୁ ଜାଣିଲେ, ବ୍ରହ୍ମ ବା ପୁରୁଷୋତ୍ତମ, ଜଗତ ଓ ଜୀବ - ଏମାନଙ୍କର ପ୍ରକୃତ ସ୍ୱରୂପ ଜଣାଯାଏ। ଆଉ କିଛି ଜାଣିବା ଆବଶ୍ୟକ ପଡେ ନାହିଁ।

ଶ୍ରୀ ରାମକୃଷ୍ଣ କହନ୍ତି - ଜଣେ ଲୋକ ହାଟ ଓ ବଜାର ବାହାରେ ଠିଆ ହେଇଥିଲେ ସେ କେବଳ ପାଟିତୁଣ୍ଡ ଶୁଣେ, କିଛି ପରିଷ୍କାର ଶୁଣି ପାରେନି। କିନ୍ତୁ ସେ ଯେତେବେଳେ ହାଟ ଭିତରକୁ ପ୍ରବେଶ କରେ ସେ ପରିଷ୍କାର ଭାବେ କିଣାବିକା ଶୁଣେ ଓ ବୁଝିପାରେ। ସେପରି ଜଣେ ଲୋକ ଈଶ୍ୱରଙ୍କ ଠାରୁ ଦୂରେଇ ରହିଲେ ତା'ର ସମସ୍ତ ଅନ୍ୱେଷଣ ଅସ୍ପଷ୍ଟ ହୁଏ। ସେ କିଛି ବି ଈଶ୍ୱର ଓ ଜୀବ ଜଗତର କାରଣ ଓ ପରିଣାମକୁ ତର୍କ, ପ୍ରତିତର୍କ, ଯୁକ୍ତି, ତତ୍ତ୍ୱ ଓ ଆଲୋଚନା ମାଧ୍ୟମରେ ବୁଝିପାରେନି। କିନ୍ତୁ ସେ ଯେତେବେଳେ ଈଶ୍ୱରଙ୍କୁ ଉପଲବ୍ଧି କରେ ସେତେବେଳେ ସମସ୍ତ ତର୍କ, ଯୁକ୍ତି, ଅଧ୍ୟୟନ ଇତ୍ୟାଦିର ଅବସାନ ଘଟେ। ପ୍ରକୃତିର ରହସ୍ୟ ତା' ଆଗରେ ଏକ ଖୋଲା ବହି ଭଳି ଦେଖାଯାଏ।

# ସରୋଜିନୀ ନାଇଡୁ



ମହିଳା ସଶକ୍ତିକରଣ ଆଧୁନିକ ଯୁଗର ଅବଦାନ ନୁହେଁ, ଅନେକ ଦଶକ ପୂର୍ବରୁ ଏହା ଆମ ସମାଜର ଅଂଶବିଶେଷ ହୋଇ ରହିଛି। ସ୍ୱାଧୀନତା ସଂଘର୍ଷରେ ଅନେକ ମହିଳା ନିଜର ସକ୍ରିୟ ଯୋଗଦାନ ଦେଇ ପ୍ରମାଣିତ କରିଥିଲେ ଯେ ମହିଳାମାନେ ସମାଜର ଦୁର୍ବଳ ବର୍ଗ ନୁହଁନ୍ତି। ଅନେକଗୁଡ଼ିଏ କାର୍ଯ୍ୟ ମହିଳାମାନଙ୍କ ବିନା ଅସମ୍ପୂର୍ଣ୍ଣ ହୋଇ ରହେ। ସ୍ୱାଧୀନତା ସଂଘର୍ଷର ମୁଖ୍ୟ ଭାଗୀଦାରୀ ହୋଇଥିବା କିଛି ମହିଳାଙ୍କ ମଧ୍ୟରୁ 'ଭାରତର କୋକିଳା' ଭାବରେ ପରିଚିତ ସରୋଜିନୀ ନାଇଡୁ ଅନ୍ୟତମ ଯିଏ ମହିଳାମାନଙ୍କ ଅଧିକାର ପାଇଁ ସର୍ବଦା ସଂଘର୍ଷରତ ଥିଲେ। ଏଥିପାଇଁ ତାଙ୍କର ଜନ୍ମ ଦିବସକୁ ମହିଳା ଦିବସ ଭାବରେ ପାଳନ କରାଯାଏ। ୧୩ ଫେବୃଆରୀ, ୧୮୭୯ରେ ହାଇଦ୍ରାବାଦ ଠାରେ ଜନ୍ମଗ୍ରହଣ କରିଥିଲେ ସରୋଜିନୀ ନାଇଡୁ। ପିତା ଅଘୋରନାଥ ରସାୟନ ଶାସ୍ତ୍ରର ଜଣେ ବୈଜ୍ଞାନିକ ଥିଲେ ଓ ମା' ବର୍ଦ୍ଧା ସୁନ୍ଦରୀ ଥିଲେ ବଙ୍ଗାଳୀ ଭାଷାର ଜଣେ କବି। ଏଥିପାଇଁ ସରୋଜିନୀ ନାଇଡୁଙ୍କର କବିତା ପ୍ରତି ବିଶେଷ ରୁଚି ରହିଥିଲା। ପିଲାଦିନରୁ ସେ ଥିଲେ ଜଣେ କୁଶାଗ୍ର ବୁଦ୍ଧିସମ୍ପନ୍ନ ଜଣେ ଛାତ୍ରୀ। ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରବୃତ୍ତି ପାଇଁ ସେ ଇଂଲଣ୍ଡକୁ ପରବର୍ତ୍ତୀ ଶିକ୍ଷା ପାଇଁ ଯାଇଥିଲେ। ସେଠାରେ ମଧ୍ୟ ସେ କବିତା ରଚନା କରି ଖୁବ୍ ପ୍ରସିଦ୍ଧି ପ୍ରାପ୍ତ କରିଥିଲେ। ତାଙ୍କୁ ଶବ୍ଦଗୁଡ଼ିକର ଯାଦୁଗର ବୋଲି କୁହାଯାଏ। ଇଂରାଜୀ ସହିତ ଅନେକଗୁଡ଼ିଏ ଭାରତୀୟ ଭାଷା ଉପରେ ତାଙ୍କର ଜ୍ଞାନ ଥିବାରୁ ସେ ସେହି କ୍ଷେତ୍ରର ଭାଷା ଅନୁଯାୟୀ ଭାଷଣ ଦେଉଥିଲେ। ୧୯୧୪ରେ ଗାନ୍ଧିଜୀଙ୍କ ସହିତ ସାକ୍ଷାତ ହେବା ପରେ ତାଙ୍କ ବିଚାର ଦ୍ୱାରା ଅନୁପ୍ରାଣିତ ହୋଇ ସେ ଦେଶ ପାଇଁ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଅନେକ ଆନ୍ଦୋଳନର ନେତୃତ୍ୱ ମଧ୍ୟ ନେଇଥିଲେ। ଏଥିପାଇଁ ଜେଲ୍ ଯିବାକୁ ମଧ୍ୟ ପଡ଼ିଥିଲା ସରୋଜିନୀ ନାଇଡୁଙ୍କୁ। ଦେଶରେ ହୋଇଥିବା ପ୍ଲେଗ୍ ରୋଗ ସମୟରେ ତାଙ୍କର ସେବା କାର୍ଯ୍ୟ ପାଇଁ ତାଙ୍କୁ କେସର-ଏ-ହିନ୍ଦ୍‌ର ଉପାଧି ପ୍ରଦାନ କରାଯାଇଥିଲା। ଦେଶ ସ୍ୱାଧୀନ ହେବା ପରେ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ନିଯୁକ୍ତ ହୋଇ ଦେଶର ପ୍ରଥମ ମହିଳା ରାଜ୍ୟପାଳ ହେବାର ଗୌରବ ପ୍ରାପ୍ତ କରିଥିଲେ। ୨ ମାର୍ଚ୍ଚ, ୧୯୪୯ରେ ଲକ୍ଷ୍ନୌ ଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା।

# 'ଭାଗମ୍ ଭାଗ୍-୨'ରୁ ଗୋବିନ୍ଦା ଆଉଟ୍



୨୦୦୬ରେ ରିଲିଜ ହୋଇଥିଲା 'ଭାଗମ୍ ଭାଗ୍' ନାମକ ଏକ କମେଡି ଫିଲ୍ମ ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ପ୍ରିୟଦର୍ଶନ। ସ୍ଲାପ୍‌ଷ୍ଟିକ କମେଡି ପାଇଁ ପ୍ରସିଦ୍ଧି ହାସଲ କରିଥିବା ଅକ୍ଷୟ କୁମାର, ଗୋବିନ୍ଦା ଓ ପରେଶ ରାଓ୍ୱାଲ୍ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ମଜେଦାର ସଂଳାପ କାରଣରୁ ଫିଲ୍ମଟି ସମୟ ସହିତ କଲ୍ଟ ଫେଭରାଇଟ୍ ହୋଇଗଲା। ଏବେ ଏହାର ସିକ୍ୱେଲ୍‌ର ନିର୍ମାଣ କରାଯାଉଛି ଯେଉଁଥିରୁ ଅଭିନେତା ଗୋବିନ୍ଦାଙ୍କୁ ଆଉଟ୍ କରାଯାଇଛି। ଏହି ଖବର ବିଷୟକୁ ନେଇ ସ୍ପଷ୍ଟ କରିଛନ୍ତି ପରେଶ ରାଓ୍ୱାଲ୍ ଓ ଏହା ସହିତ ଏକ ଗୁପ୍ତ ଖବରକୁ ମଧ୍ୟ ସେ ପ୍ରକାଶ କରିଛନ୍ତି। ଖବର ଅନୁସାରେ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ବାଜପେୟୀଙ୍କୁ କାଷ୍ଟ କରାଯାଉଛି। କିନ୍ତୁ ଗୋବିନ୍ଦା ଫିଲ୍ମରୁ ବାହାର ହେବା ଯୋଗୁ ସୋସିଆଲ୍ ମିଡିଆରେ ତାଙ୍କର ପ୍ରଶଂସକମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ମନୋଜ ବାଜପେୟୀ 'ଭାଗମ୍ ଭାଗ୍' ଫିଲ୍ମରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ। ପୂର୍ବ ଫିଲ୍ମରେ ଅକ୍ଷୟ କୁମାର ଓ ଗୋବିନ୍ଦାଙ୍କ ଯୋଡ଼ି ନିଜର ଜବରଦସ୍ତ କମିକ୍ ଟାଇମିଂ ଦ୍ୱାରା ଦର୍ଶକମାନଙ୍କୁ ଖୁବ୍ ହସେଇଥିଲେ। ଏବେ ସିକ୍ୱେଲରେ ମନୋଜ ବାଜପେୟୀ ଓ ଅକ୍ଷୟଙ୍କ ଯୋଡ଼ିଙ୍କ ସମ୍ପର୍କରେ ପରେଶ ରାଓ୍ୱାଲ୍ କହିଛନ୍ତି- ଏହା ଏକ ଅଲଗା ଓ ଅନୋଖା କମ୍ବିନେସନ୍ ହେବ। ଏଥିରେ ପରେଶଙ୍କର ରହିଛି ଡବଲ୍ ରୋଲ୍ ଯେଉଁଥି ପାଇଁ ସେ ଖୁବ୍ ଉତ୍ସାହୀ ଅଛନ୍ତି।

ତେବେ ଓ୍ୱର୍କଫ୍ରଣ୍ଟ ଦୃଷ୍ଟିରୁ ଗୋବିନ୍ଦା ୧୯୯୦ ଦଶକର ସବୁଠାରୁ ବଡ଼ ଅଭିନେତାଙ୍କ ମଧ୍ୟରୁ ଅନ୍ୟତମ ଥିଲେ। କିନ୍ତୁ ୨୦୦୦ର ଶେଷ ଆଡ଼କୁ ତାଙ୍କ କ୍ୟାରିୟର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା। ସେ ପୁଣି ଥରେ ବଡ଼ ପରଦାକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ନୂଆ ପିଢ଼ିର କଳାକାରମାନଙ୍କ ଯୋଗୁ ତାଙ୍କୁ ସଫଳତା ମିଳିପାରି ନଥିଲା।

# ବୈଜ୍ଞାନିକଙ୍କ ଆକର୍ଷଣ

ଏ ସମୟରେ ଆମର ସୌରମଣ୍ଡଳରେ ତିନୋଟି ରୋଚକପୂର୍ଣ୍ଣ ଖଗୋଳୀୟ ଘଟଣା ବୈଜ୍ଞାନିକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇ ରହିଛି। ଅନ୍ୟ ସୌରମଣ୍ଡଳରେ ଆସୁଥିବା ଦୁର୍ଲଭ ଧୂମକେତୁ ୩ଆଇ/ଆଟ୍‌ଲାସ୍ ଏବେ ପୃଥିବୀ ନିକଟରେ ଅତିକ୍ରମ କରି ଅନ୍ତରୀକ୍ଷ ଆଡ଼କୁ ଫେରୁଛି। ଅନ୍ୟ ପାର୍ଶ୍ୱରେ ପୃଥିବୀର ନିକଟତର ହେଉଥିବା ଓ୍ୱିର୍ଜଟୋସ୍ ସି-୨୦୨୪ ଇ-୧ ଧୂମକେତୁ ୧୭ ତାରିଖରେ ଖାସ୍ ଚମକ ଦେଖାଇବ। ଏହା ବ୍ୟତୀତ ସୂର୍ଯ୍ୟପୃଷ୍ଠରେ ନିର୍ମିତ ହୋଇଥିବା ଏଆର୍-୪୩୬୬ରେ ବଡ଼ ବିସ୍ଫୋରଣର ଆଶଙ୍କା ଥିବା କାରଣରୁ ସୌରବୈଜ୍ଞାନିକମାନଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇ ରହିଛି। ତେବେ ଧୂମକେତୁ ୩ଆଇ/ଆଟ୍‌ଲାସ୍ ଡିସେମ୍ବରରେ ପୃଥିବୀର ସବୁଠାରୁ ନିକଟତର ହୋଇଥିଲା ଯାହା ଏବେ ବୃହସ୍ପତିର ନିକଟରେ ଅତିକ୍ରମ କରି ଅନ୍ତରୀକ୍ଷକୁ ଫେରୁଛି। ଏ ସମୟରେ ଏହା କର୍କ ତାରାମଣ୍ଡଳ ପାଖରେ ରହିଛି ଯାହା ଅସ୍ପଷ୍ଟ ନଜର ଆସୁଥିଲେ ମଧ୍ୟ ବୈଜ୍ଞାନିକମାନଙ୍କ ନଜରରେ ରହିଛି। ଯେହେତୁ ସୌରମଣ୍ଡଳର ପିଣ୍ଡଗୁଡ଼ିକର ରହସ୍ୟ ଉଜାଗର କରିବା ପରେ ବୈଜ୍ଞାନିକମାନଙ୍କ ପାଇଁ ସାହାଯ୍ୟ ହୋଇପାରେ ଏଥିପାଇଁ ଦୁନିଆର ସ୍ପେସ୍ ଏଜେନ୍ସି ଲଗାତର ଏହାର ଡାଟା ନେଉଛନ୍ତି। ପୃଥିବୀରେ ସ୍ଥାପିତ ଟେଲିସ୍କୋପ୍ ନୁହେଁ ନାସାର ବୃହସ୍ପତି ଗ୍ରହର ଅର୍ବିଟ୍‌ରେ ଥିବା ଅନ୍ତରୀକ୍ଷ ଯାନ ମଧ୍ୟ ଏହା ଉପରେ ଦୃଷ୍ଟି ରଖିଛି। ଏହି କାରଣରୁ ଏହି ଧୂମକେତୁ ଚର୍ଚ୍ଚାରେ ରହିଛି। କିଛି ସମୟ ପରେ ଏହା ଅଦୃଶ୍ୟ ହୋଇଯିବ। ପୃଥିବୀର ସବୁଠାରୁ ନିକଟତର ହେବ ଆଉ ଏକ ଧୂମକେତୁ ଯାହାର ନାମ ଓ୍ୱିର୍ଜଟୋସ୍ ସି-୨୦୨୪ ଇ-୧।



# ନୋକ୍ଟୋଟୁରିଜିମ୍‌ର କ୍ରେଜ୍

ସାଧାରଣତଃ ଆମେମାନେ କୌଣସି ଐତିହାସିକ ସ୍ମାରକ ବା ପାହାଡ଼ ପର୍ବତଗୁଡ଼ିକର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଦିନର ଆଲୋକ ଖୋଜନ୍ତି। କିନ୍ତୁ ରାତିର ଘନ ଅନ୍ଧକାରରେ ସେହି ସ୍ଥାନଗୁଡ଼ିକ କିପରି ଲାଗେ କେବେ ଚିନ୍ତା କରିଛନ୍ତି କି ? ଚିନ୍ତା କରନ୍ତୁ ଦିଲ୍ଲୀର କୁତୁବ୍ ମୀନାର ପାଖରେ ଛିଡ଼ା ହୋଇଛନ୍ତି। ଶୁନ୍‌ଶାନ ରାତି, ପୁରୁଣା ଅଟ୍ଟାଳିକାଗୁଡ଼ିକର ଧ୍ୱଂସାବଶେଷ ଉପରେ ପଡୁଛି ରାତିର ସୁନେଲି ଆଲୋକ। ଆକାଶରେ ଦେଖିବାକୁ ମିଳୁଛି ଉଡ଼ାଜାହାଜର ଧପ୍‌ଧପ୍ କରୁଥିବା ଆଲୋକ। ଏପରି ସ୍ଥିତିରେ ଜଣାଶୁଣା ସ୍ଥାନଗୁଡ଼ିକ କୌଣସି ଯାଦୁଇ ଓ ରହସ୍ୟମୟ ସ୍ଥାନ ପରି ଲାଗିବ। ବାସ୍ତବରେ ଏହା କେବଳ ଏକ ଦୃଶ୍ୟ ନୁହେଁ ଏହା ଶାନ୍ତିର ଆରମ୍ଭ ଯାହା ଆଜିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଲୋକମାନେ ଖୋଜି ବୁଲୁଛନ୍ତି। ଏହି କାରଣରୁ ପର୍ଯ୍ୟଟକମାନେ ପ୍ରଚଣ୍ଡ ଖରା ଓ ଭିଡ଼ର ସ୍ୱରକୁ ପଛରେ ଛାଡ଼ି ରାତିର ସନ୍ନାଟାରେ ନିଜକୁ ଖୋଜୁଛନ୍ତି। ଏହାର ନାମ ଦିଆଯାଇଛି ନୋକ୍ଟୋଟୁରିଜିମ୍। ଏହାର ଅର୍ଥ ରାତ୍ରି ସମୟର ପର୍ଯ୍ୟଟନ। ଏକ ତାଜା ରିପୋର୍ଟ ଅନୁସାରେ ଗତ ବର୍ଷ ଏହି ଶବ୍ଦଟି ଭ୍ରମଣ ଦୁନିଆର ସବୁଠାରୁ ବଡ଼ ବଜଓ୍ୱାର୍ଡ ଥିଲା। ପୂରା ଦୁନିଆର ୬୨ ପ୍ରତିଶତ ଯାତ୍ରୀ ଏବେ ଏପରି ସ୍ଥାନକୁ ଯିବା ପାଇଁ ପସନ୍ଦ କରୁଛନ୍ତି ଯେଉଁ ସ୍ଥାନରେ ଆକାଶ ପରିଷ୍କାର ଥିବ ଓ ରାତ୍ରି ଗଭୀର ଥିବ। ଏବେ ଆମ ଦେଶରେ ଏହି କ୍ରେଜ୍‌ର ଚଳନ ଖୁବ୍ ବୃଦ୍ଧି ପାଉଛି। ଏକ ସର୍ଭେ ଅନୁସାରେ ୭୮ ପ୍ରତିଶତ ଭାରତୀୟ ଗତ ବର୍ଷ ଗଭୀର ରାତ୍ରିର ପର୍ଯ୍ୟଟନ ଉପରେ ଆଗ୍ରହ ଦେଖାଇଥିଲେ। ଲଦାଖର ହାନ୍‌ଲେରେ ନିର୍ମିତ ଡାର୍କ ସ୍କାଇ ରିଜର୍ଭରୁ ଆରମ୍ଭ କରି ରାତିର ସନ୍ନାଟାରେ ହେଉଥିବା ଜଙ୍ଗଲ ଯାତ୍ରା ପର୍ଯ୍ୟନ୍ତ ଏବେ ଲୋକମାନେ ଅନ୍ଧାରକୁ ଭୟ କରିବା ପରିବର୍ତ୍ତେ ଅନ୍ଧାର ସହିତ ଦୋସ୍ତି କରୁଛନ୍ତି।



**ମାନସିକ ଶାନ୍ତି-** ରାତିର ଅନ୍ଧାରରେ ଲୁଚି ରହିଛି ବୈଜ୍ଞାନିକ କାରଣ। କାରଣ ଦିନସାରା ମଣିଷ ଚାରିଆଡ଼ର ଉଚ୍ଚ ସ୍ୱର, ଟ୍ରାଫିକ୍ ଓ କାମର ଚାପ ମଧ୍ୟରେ ତା'ର ଜୀବନ ଫାଇଟ୍ ବା ଫ୍ଲାଇଟ୍ (ଲଢ଼ ବା ପଳାୟନ କର) ମୋଡ୍‌ରେ ଥାଏ। ତେଣୁ ରାତିର ଅନ୍ଧାର ଶାନ୍ତ ଓ କମ୍ ଆଲୋକଥିବା ପରିବେଶରେ ଆମ ମସ୍ତିଷ୍କରେ ସମ୍ବେଦନାଯୁକ୍ତ ଚାପ କମ୍ ହୋଇଯାଏ। ଏହାଦ୍ୱାରା ନର୍ଭସ୍ ସିଷ୍ଟମ୍ ରିଲାକ୍ସ ହୋଇଯାଏ ଓ ଶରୀରରେ କୋର୍ଟିସୋଲ୍ (ଷ୍ଟ୍ରେସ୍ ହର୍ମୋନ୍)ର ସ୍ତର ହ୍ରାସ ପାଏ। ଅନ୍ଧାର ବାହାର ଦୁନିଆରୁ କାଟି ନିଜ ଭିତରକୁ ଦେଖିବା ପାଇଁ ଆମକୁ ଅବସର ଦେଇଥାଏ। ରାତିର ଅନ୍ଧାରରେ ଆମେମାନେ ଅଧିକ ଦାର୍ଶନିକ, ଭାବୁକ ଓ ନିଜ ପ୍ରତି ଜାଗ୍ରତ ଅନୁଭବ କରିଥାନ୍ତି।

# ଦୁନିଆର ଗରିବ ଦେଶ

ଦୁନିଆରେ ଗରିବୀ ଏକ ବଡ଼ ସମସ୍ୟା। ବିଶ୍ୱର ଅନେକ ଦେଶ ଏହି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। କିନ୍ତୁ କିଛି କ୍ଷେତ୍ର ଏପରି ରହିଛି ଯେଉଁଠାରେ ୮୫ ପ୍ରତିଶତ ଜନସଂଖ୍ୟା ଗରିବୀ ରେଖା ତଳେ ଜୀବନଯାପନ କରୁଛନ୍ତି। ଗରିବ ଓ ଗରିବୀର ଯନ୍ତ୍ରଣାକୁ ବୁଝିବା ପାଇଁ ହେଲେ ଆଫ୍ରିକାର ଦେଶ ବୁରୁଣ୍ଡିର ସ୍ଥିତି ବିଷୟରେ ଜାଣିବା ଉଚିତ। ଗରିବୀ ମାମଲାକୁ ନେଇ ଏହି କ୍ଷେତ୍ର ସହିତ ଆଉ କୌଣସି ଦେଶ ସମାନ ହେବେ ନାହିଁ। ବୁରୁଣ୍ଡିର ଜନସଂଖ୍ୟା ଏକ କୋଟି ୨୦ ଲକ୍ଷ ପାଖାପାଖି ଯେଉଁମାନଙ୍କ ମଧ୍ୟରେ ୮୫ ପ୍ରତିଶତରୁ ଅଧିକ ଲୋକ ଅତ୍ୟଧିକ ଗରିବୀ ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି। ଅନ୍ତଃରାଷ୍ଟ୍ରୀୟ ମୁଦ୍ରା କୋଷ ଓ ବିଶ୍ୱ ବ୍ୟାଙ୍କ୍ ଅନୁସାରେ ଗତ ବର୍ଷ ବୁରୁଣ୍ଡିକୁ ବିଶ୍ୱ ସ୍ତରରେ ସବୁଠାରୁ ଗରିବ ଦେଶର ମାନ୍ୟତା ମିଳିଛି। ଜିଡିପି ଓ ଅନ୍ୟ ଆର୍ଥିକ ସଂକଟଗୁଡ଼ିକ ଆଧାରରେ ଏହି କ୍ଷେତ୍ରକୁ ଦୁନିଆର ସବୁଠାରୁ ଗରିବ ଦେଶ ବୋଲି ଘୋଷଣା କରାଯାଇଛି। ପୂର୍ବ ଆଫ୍ରିକାରେ ସ୍ଥିତ ଏହି ଦେଶଟି ମୁଖ୍ୟତଃ କୃଷି ଉପରେ ନିର୍ଭର କରେ। ଅନେକ ବର୍ଷ ଧରି ଏହି ଦେଶ ଉପରେ ବ୍ରିଟେନ ଓ ଆମେରିକାର ରାଜତ୍ୱ ରହିଥିଲା। ସ୍ୱାଧୀନ ହେବା ପରେ ଏହି ଦେଶଟିର ସ୍ଥିତି ଉନ୍ନତ ଥିଲା କିନ୍ତୁ ୧୯୯୬ରୁ ଏହାର ସ୍ଥିତି ଖରାପ ହେବାକୁ ଲାଗିଲା। କାରଣ ବୁରୁଣ୍ଡିରେ ନଅ ବର୍ଷ ପର୍ଯ୍ୟନ୍ତ ଜାତୀୟ ସଂଘର୍ଷ ଚାଲିଥିଲା ଯେଉଁଥିରେ ଅନେକ ଲୋକଙ୍କର ଜୀବନ ଚାଲି ଯାଇଥିଲା। ଏହି ଜାତୀୟ ହିଂସାର କାରଣରୁ ବୁରୁଣ୍ଡିର ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଥିଲା। ଏହାର ପରିଣାମସ୍ୱରୂପ ଧୀରେ ଧୀରେ ଦେଶ ଖରାପ ସ୍ଥିତି ଆଡ଼କୁ ଗଲା ଓ ଦୁନିଆର ଗରିବୀ ସୂଚୀରେ ପ୍ରଥମ ସ୍ଥାନରେ ରହିଥିଲା।



# ବିଶ୍ୱ ରେଡିଓ ଦିବସ

ଆଜିର ମୋବାଇଲ୍ ଦୁନିଆ ଆରମ୍ଭ ହେବା ପରେ ବୋଧହୁଏ ଏପରି କୌଣସି ଘର ଥିବ ଯେଉଁଠାରେ ରେଡିଓ ନଜର ଆସୁଥିବ। ଯଦି ଥିବ ରେଡିଓ ବାଜିବାର ବହୁତ କମ୍ ପିଲା ଶୁଣିଥିବେ। କିନ୍ତୁ ଏପରି ସମୟ ଥିଲା ଯେତେବେଳେ ରେଡିଓ ପ୍ରତି ଘରେ ଦେଖିବାକୁ ମିଳୁଥିଲା। ଲୋକମାନେ ଖୁବ୍ ଆଗ୍ରହର ସହିତ ରେଡିଓ ଶୁଣୁଥିଲେ। ରେଡିଓର ଗୁରୁତ୍ୱକୁ ଆଖି ଆଗରେ ରଖି ପ୍ରତିବର୍ଷ ଆଜିର ଦିନରେ ପୂରା ଦେଶରେ ପାଳନ କରାଯାଏ ରେଡିଓ ଦିବସ। ତେବେ ଟେକ୍ନୋଲୋଜି ସହିତ ରେଡିଓରେ ମଧ୍ୟ ଖାସ୍



ପରିବର୍ତ୍ତନ ହୋଇଛି ଯାହାର ଆରମ୍ଭ ହୋଇଥିଲା ବିଂଶ ଶତାବ୍ଦୀରେ। ସେବେଠାରୁ ଏ ପର୍ଯ୍ୟନ୍ତ ରେଡିଓ ନିଜର ଡିଜିଟାଲ୍ ଅବତାରରେ ପହଞ୍ଚି ସାରିଲାଣି। ଏ ସମୟରେ ରେଡିଓ କେତେ ପ୍ରକାରର ତାତ୍ପର୍ଯ୍ୟପୂର୍ଣ୍ଣ ରୂପାନ୍ତରଣ ଦେଇ ଅତିକ୍ରମ କରିସାରିଛି।

ଇତିହାସ-ରେଡିଓ ଦିବସକୁ ଅନ୍ତର୍ଜାତୀୟ ସ୍ତରରେ ପାଳନ କରିବା ପାଇଁ ୨୦୧୧ରେ ପ୍ରସ୍ତାବ ରଖାଯାଇଥିଲା। ସେ ସମୟରେ ୟୁନେସ୍କୋର ମେମ୍ବର ଷ୍ଟେଟ୍ସ ମିଳିତ ଜାତିସଂଘ ଆସେମ୍ବ୍ଲିରେ ଏହି ପ୍ରସ୍ତାବ ରଖିଥିଲେ ଯେଉଁ କାରଣରୁ ୨୦୧୨ରେ ଅନ୍ତର୍ଜାତୀୟ ସ୍ତରରେ ରେଡିଓ ଦିବସକୁ ମାନ୍ୟତା ଦିଆଯାଇଥିଲା। ଆଜିର ଦିନଟି ଆମେରିକା ରେଡିଓ ଇତିହାସର ଏକ ସ୍ମରଣୀୟ ଦିନ। ୧୯୪୬ରେ ପ୍ରଥମ ଥର ଆମେରିକାରୁ ରେଡିଓ ପ୍ରସାରଣ ଆରମ୍ଭ କରାଯାଇଥିଲା। ଏହାପରେ ମିଳିତ ଜାତିସଂଘ ମଧ୍ୟ ରେଡିଓ ଉପରେ କାମ ଆରମ୍ଭ କରିଥିଲା। ବିଶ୍ୱ ରେଡିଓ ଦିବସ ପାଳନ କରିବାର ପ୍ରସ୍ତାବ ପାରିତ ହେବା ପରେ ପ୍ରଥମ ଥର ରେଡିଓ ଦିବସ ଲାଇଫ୍‌ଲାଇନ୍ ଏନର୍ଜି, ଫ୍ରଣ୍ଟଲାଇନ ଏସ୍ଏମ୍ଏସ୍, ଏସ୍ଓଏସ୍ ରେଡିଓ ଓ ଏମ୍ପାଓ୍ୱାର ହାଉସ୍ ଲଣ୍ଡନ ବଡ଼ ବଡ଼ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରିଥିଲେ।

# ମହା-ଔଷଧୀ: ଶୁଣ୍ଠି

ଆମକୁ ଖାଦ୍ୟ ଯୋଗଉଥିବା ଘରର ରୋଷେଇ ଘରେ ଭରି ରହିଛି ଅନେକ ଔଷଧ କାରଣ ବହୁତ କମ୍ ଲୋକ ଜାଣିଥିବେ ରୋଷେଇରେ ବ୍ୟବହୃତ ହେଉଥିବା ପ୍ରତି ମସଲା କୌଣସି ନା କୌଣସି ଔଷଧ ପରି କାମ କରେ। ଏପରି ଏକ ମସଲା ହେଉଛି ଶୁଣ୍ଠି ଯାହାକୁ ଚା' ଠାରୁ ଆରମ୍ଭ କରି ଲଡ୍ଡୁ ପର୍ଯ୍ୟନ୍ତ ସବୁଥିରେ ବ୍ୟବହାର କରାଯାଏ। ସାଧାରଣ ଦେଖାଯାଉଥିବା ଶୁଣ୍ଠିକୁ ଆୟୁର୍ବେଦରେ ଅନେକ ପ୍ରକାରର ବ୍ୟବହାର କରାଯାଏ ଓ ଏହା ରୋଗମୁକ୍ତ କରାଇବାରେ ସହାୟକ ମଧ୍ୟ ହୋଇଥାଏ।



ଶୁଣ୍ଠି- ଅଦାର ଶୁଷ୍କ ରୂପ ହେଉଛି ଶୁଣ୍ଠି। ଶୁଖିଲା ଅଦାକୁ ପାଉଡର୍ କରି ପେଷି ଶୁଣ୍ଠି ପ୍ରସ୍ତୁତ କରାଯାଏ। ଚରକ ସଂହିତାରେ ଶୁଣ୍ଠିର ଅଗଣିତ ଲାଭ ବିଷୟରେ କୁହାଯାଇଛି। ଆୟୁର୍ବେଦ ଅନୁସାରେ ଶୁଣ୍ଠି ଜଠରାଗ୍ନିକୁ ସନ୍ତୁଳିତ କରିଥାଏ, ପାଚନରେ ସୁଧାର ଆଣେ, ଶରୀରକୁ ଭିତରୁ ଗରମ ରଖେ, କୋଷ୍ଠକାଠିନ୍ୟରୁ ମୁକ୍ତି ଦିଏ, କଫ-ବାତ ଦୋଷକୁ ସନ୍ତୁଳିତ କରି ରଖିବାରେ ସହାୟତା କରେ। ଶୁଣ୍ଠିରେ ଜିଞ୍ଜରୋଲ୍ ଓ ଶୋଗୋଲ୍ ପରି ଶକ୍ତିଶାଳୀ ତତ୍ତ୍ୱ ଥାଏ ଯାହାର ବ୍ୟବହାର କରିବା ପରେ ପେଟ ସହିତ ଜଡ଼ିତ ରୋଗଗୁଡ଼ିକ ସହିତ ବ୍ୟଥା, ଗଣ୍ଠିବାତ ଓ କ୍ୟାନ୍ସର ପରି ବେମାରୀରୁ ମୁକ୍ତି ମିଳେ। ବସନ୍ତ ଋତୁରେ ଓ ଖୁବ୍ ଶୀତ ପଡ଼ିଥିବା ବେଳେ ଅଳ୍ପ ପରିମାଣରେ ଶୁଣ୍ଠିର ବ୍ୟବହାର କରିଲେ ସଂକ୍ରମଣରୁ ରକ୍ଷା ମିଳେ। ଭୋକ ନଲାଗିବା ପରି ସମସ୍ୟା ଥିଲେ ଶୁଣ୍ଠି ଏଥିପାଇଁ ସାହାଯ୍ୟ କରେ। ପ୍ରତିଦିନ ଶୁଣ୍ଠିର ସେବନ କଲେ ପେଟର ଭାରିପଣ କମ୍ ହୁଏ ଓ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଏ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ସ୍ୱେଲିଂ ଓ ବ୍ୟଥା କମ୍ କରିବାରେ ସାହାଯ୍ୟ କରେ। ଶୁଣ୍ଠି ଏସବୁ ସମସ୍ୟାରେ ପେନ୍‌କିଲର ପରି କାମ କରେ। ସର୍ଦ୍ଦି-କାଶ ଓ ନିଃଶ୍ୱାସ ନେବାରେ ସମସ୍ୟା ଥିଲେ ଫୁସ୍‌ଫୁସ୍‌ରେ ଜମା ହୋଇଥିବା କଫକୁ ଏହା ଢ଼ିଲା କରି ଶ୍ୱସନ ମାର୍ଗକୁ ଖୋଲିଥାଏ।

ଶିକ୍ଷକଙ୍କ ଘରୁ ଡକାୟତି ଘଟଣା

# ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ, ଆଉ ୭ ଗିରଫ




**ବୈଶିଙ୍ଗା,୧୨।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଶିକ୍ଷକଙ୍କ ଘରୁ ୮ ଜଣିଆ ସଶସ୍ତ୍ର ଡକାୟତି ଗ୍ୟାଙ୍ଗ ଡକାୟତି କରିବା ଘଟଣାରେ ବୈଶିଙ୍ଗା ପୁଲିସ୍‌କୁ ବଡ଼ ସଫଳତା ମିଳିଛି। ଘଟଣାର ୪୮ ଘଣ୍ଟା ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୈଶିଙ୍ଗା ପୁଲିସ୍ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ଲକ୍ଷ୍ମୀଧର ବେହେରା ଓରଫ ପପୁ(୨୮), ଖୁଣ୍ଟାପୁର ଗ୍ରାମର ଜଗନ୍ନାଥ ସେଠୀ ଓରଫ ଟିକିଛୁଆ(୪୧), ମହୁଲପାଟଣା ଗ୍ରାମର ଦେବଦତ୍ତ ଦାସ (୨୨), ନୂଆଗାଁ ପୁରୁଣିଆ ଗ୍ରାମର ରଜନିକାନ୍ତ ମହାନ୍ତ ଓରଫ କାମୁଡ଼ା (୨୫), ନୂଆଗାଁ ପୁରୁଣିଆ ଗ୍ରାମର ସୌମ୍ୟରଞ୍ଜନ ସିଂ ଓରଫ ଶାନ୍ତନୁ (୨୧), ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅଧୀନ ପିଙ୍ଗୁଆବଣିଆ ଗ୍ରାମର ରାଜୁ ସିଂ ଓରଫ ଫାଟାଲ୍ (୨୧) ଓ ପିଙ୍ଗୁଆବଣିଆ ଗ୍ରାମର ଭଗବାନ ସିଂ ଓରଫ ବଣ୍ଟି (୨୧)। ସେମାନଙ୍କଠାରୁ ୨୫ ଲକ୍ଷ ଟଙ୍କାର ସୁନାଗହଣା ସାଙ୍ଗକୁ ନଗଦ ୫,୯୧୦ ଟଙ୍କା, ବ୍ୟାପକ ପରିମାଣର ମାରଣାସ୍ତ୍ର, ବାଇକ୍ ଓ ୮ଟି ମୋବାଇଲ୍ ଜବତ ହୋଇଛି। ପୂର୍ବରୁ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଧୀନ ଚାନ୍ଦଟିକିରି ଗ୍ରାମର ତାପସ କୁମାର ଦାଶ (୨୨)କୁ ପୁଲିସ୍ ଗିରଫ କରିଥିଲା। ଉକ୍ତ ଘଟଣାରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ବେତନଟୀ ଉପଖଣ୍ଡ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ତଦନ୍ତଭାର ବହନ କରି ସଦଳବଳେ ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଆଉ ୭ ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି। କିଛିଦିନ ପୂର୍ବରୁ ମାଣତ୍ରୀ ଅଞ୍ଚଳରେ ହୋଇଥିବା ଚୋରିରେ ମଧ୍ୟ ଏହି ଗ୍ୟାଙ୍ଗ ସାମିଲ୍ ଥିବା ଜଣାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର୍ ଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ବେତନଟୀ ପୁଲିସ୍ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳ ଏବଂ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଉପସ୍ଥିତ ଥିଲେ।

# ‘ଚଳିତ ବଜେଟ୍‌ରେ ସବୁବର୍ଗର ଲୋକ ଉପକୃତ ହେବେ’




**ବାରିପଦା,୧୨।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ପୂର୍ବ ସାଂଗଠନିକ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ସଭାପତିତ୍ୱରେ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା କେନ୍ଦ୍ରୀୟ ବଜେଟ୍ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗତ କରିଥିବା କେନ୍ଦ୍ରୀୟ ବଜେଟ୍‌ରେ ସମାଜର ସବୁବର୍ଗର ଲୋକଙ୍କ ସ୍ୱାର୍ଥ ଏବଂ ସମୃଦ୍ଧ ପାଇଁ ଅର୍ଥର ବ୍ୟୟବରାଦ କରାଯାଇଛି। କୃଷକ, ଶ୍ରମିକ, ଛୋଟ ବ୍ୟବସାୟୀଠାରୁ ଶିଳ୍ପପତି, ଛାତ୍ର, ଯୁବକ ଓ ମହିଳା ସମସ୍ତେ ଏହି ବଜେଟ୍‌କୁ ନେଇ ଉତ୍ସାହିତ ଥିବା ମନ୍ତ୍ରୀ କହିଛନ୍ତି। ସେହିପରି ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ସହରି ବିକାଶ, ଗ୍ରାମ୍ୟ ଉନ୍ନୟନ, ରେଳ ସେବା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶିଳ୍ପ ଆଦି ସମସ୍ତ କ୍ଷେତ୍ରରେ ଏହି କେନ୍ଦ୍ରୀୟ ବଜେଟ୍‌ରେ ସମନ୍ୱୟ ରକ୍ଷା କରାଯାଇ ୨୦୪୭ରେ ବିକଶିତ ଭାରତର ଲକ୍ଷ୍ୟକୁ ମଜଭୁତ କରିବାକୁ ପର୍ଯ୍ୟାପ୍ତ ପ୍ରୟାସ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାଙ୍ଗିରିପୋଷି ବିଧାୟକ ସଂଜଳି ମୁର୍ମୁ ଓ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଯୋଗଦେଇ କେନ୍ଦ୍ରୀୟ ବଜେଟ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ପ୍ରବୀଣ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଶ୍ରମ ସଂହିତାକୁ ବିରୋଧ କରି ଧର୍ମଘଟ, ଅଖଚକ ବନ୍ଦ




**କେନ୍ଦୁଝର,୧୨।୨/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ଡାକରାରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍ ଏବଂ ସ୍ୱାଧୀନ ଫେଡେରେସନ୍ ଭଳି ୧୦ଟି ଶ୍ରମିକ ସଂଗଠନ ଆହ୍ୱାନରେ ୧୨ ଘଣ୍ଟିଆ ଧର୍ମଘଟ ପ୍ରଭାବ କେନ୍ଦୁଝରରେ ଦେଖିବାକୁ ମିଳିଛି। ଜିଲ୍ଲାର ସଦର ମହକୁମା ସମେତ ଖଣି ଅଞ୍ଚଳ ଶୁଆକାଟୀରେ ବିଶେଷ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଏହି ବନ୍ଦକୁ କଂଗ୍ରେସ ସମର୍ଥନ କରିଥିଲା। କେନ୍ଦୁଝର ସହରରେ ବହୁ ସଂଖ୍ୟାରେ ଏଆଇଟିୟୁସି କର୍ମୀ ବାଇକ୍ ଯୋଗେ ବୁଲି ବୁଲି ଦୋକାନ ବଜାର ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ଓ ଗାନ୍ଧୀ ଛକରେ ରାସ୍ତା ଅବରୋଧ କରାଯାଇଥିଲା। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ୍ ପମ୍ପ, ବ୍ୟାଙ୍କ୍, ସ୍କୁଲ୍, କଲେଜ, ଜିଲ୍ଲାପାଳ କାର୍ଯ୍ୟାଳୟ ଓ ପରିବହନ ସେବା ସହ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ପ୍ରଭାବରେ ଖଣି ଅଞ୍ଚଳରେ ମଧ୍ୟ ଖଣିଜ ପରିବହନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଶହ ଶହ ଟ୍ରକ୍ ରାସ୍ତାକଡ଼ରେ ଛିଡ଼ା ହୋଇ ରହିଥିଲା। ଧର୍ମଘଟ ଯୋଗୁ ବ୍ୟାଙ୍କରେ ନଗଦ କାରବାର ଏବଂ ଚେକ୍ କ୍ଲିୟରାନ୍ସ ଭଳି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ସେହିପରି ଖଣି ଅଞ୍ଚଳ ଶୁଆକାଟୀସ୍ଥିତ ଓଏମ୍‌ସି ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଧର୍ମଘଟ ସଫଳ କରିବା ପାଇଁ ଏଆଇଟିୟୁସି କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ ଓ ରାସ୍ତାରୋକ କରିଥିଲେ। ଆମ୍ବୁଲାନ୍ସ, ପାଣି ଗାଡ଼ି, ଆଇନ ଶୃଙ୍ଖଳା ପାଇଁ ବ୍ୟବହୃତ ଗାଡ଼ି ଓ ଅନ୍ୟାନ୍ୟ ଜରୁରୀ ସେବାରେ ନିୟୋଜିତ ଗାଡ଼ି ବ୍ୟତୀତ ଅନ୍ୟ ସମସ୍ତ ପରିବହନ ଓ ଯାତାୟତ ଗାଡ଼ି ବନ୍ଦ ରହିବା ସହ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। କେନ୍ଦୁଝରରେ ଏଆଇଟିୟୁସି ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତଙ୍କ ନେତୃତ୍ୱରେ ଶ୍ରୀହରି ଘଣା, ରାଜାରାମ ମୁଣ୍ଡା, ହୃଦାନନ୍ଦ ପାତ୍ର, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଘାସିରାମ ମାଝୀ, ନିରଞ୍ଜନ ପଲେଇ, ଜିତେନ୍ଦ୍ର ପଣ୍ଡାଙ୍କ ସମେତ କଂଗ୍ରେସର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ, ଲଳିତ ମୋହନ ନାୟକ, ରଘୁନାଥ ପାତ୍ର, ଆଇନଜୀବୀ ଦଇତାରି ଆପଟ୍ଟ, ସିଆଇଟିୟୁର ଧରଣୀଧର ମହାନ୍ତ, ଭବାନୀ ଶଙ୍କର ମହାନ୍ତ ଓ ଶାନ୍ତିଲତା ମହାନ୍ତ ପ୍ରମୁଖ ଧର୍ମଘଟରେ ଭାଗ ନେଇଥିଲେ।




**ସୋର:** ଭାରତ ବର୍ଷର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନ୍‌ଙ୍କ ୧୨ ଦଫା ଦାବିନେଇ ଆହୂତ ସାଧାରଣ ଧର୍ମଘଟ ସୋରରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ମୁଖ୍ୟତଃ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ୧୯୪୮ ମସିହାରେ ପ୍ରସ୍ତୁତ ୪୪ଟି ଶ୍ରମ ଆଇନକୁ ସଂକୋଚିତ କରି ୪ଟି ଶ୍ରମକୋଡ୍ ପ୍ରସ୍ତୁତ ଯୋଗୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଏବଂ ଅବସର ନେଉଥିବା ଶ୍ରମିକଙ୍କ ମଜୁରୀ ନିର୍ଦ୍ଧାରଣ, ସାମାଜିକ ସୁରକ୍ଷା ଓ ଶ୍ରମିକ ସଂଗଠନର ଅଧିକାର ସହ ମୂଳଚାଲ୍ କରିବାର ଅଧିକାର ହରାଇବେ। ଅନ୍ୟ ଦାବି ଗୁଡ଼ିକ ମଧ୍ୟରେ ଜାତୀୟକରଣ ସଂସ୍ଥା ଗୁଡ଼ିକରେ ଘରୋଇକରଣ ବନ୍ଦ କରିବା, ସ୍କିମ୍ ୱାର୍କରଙ୍କୁ ଶ୍ରମିକର ମାନ୍ୟତା, ସର୍ବନିମ୍ନ ମଜୁରୀ ୨୬ ଟଙ୍କା ପ୍ରଦାନ, ସମାଜିକ ନିରାପତ୍ତା, ଚାଷୀ ଏବଂ ଚାଷର ଉନ୍ନତି ପାଇଁ ସ୍ୱାମୀନାଥନ୍ କମିଶନରଙ୍କ ରିପୋର୍ଟ କାର୍ଯ୍ୟକାରୀ କରିବା, ୨୦୨୫ ଶିକ୍ଷା ଆଇନ ପ୍ରତ୍ୟାହାର କରିବା, ସ୍ମାର୍ଟମିଟର୍ ବନ୍ଦ ସହ ୩ ଶହ ୟୁନିଟ୍ ବିଜୁଳି ମାଗଣା, ସର୍ବନିମ୍ନ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ସହ ସର୍ବନିମ୍ନ ଇପିଏଫ୍ ପେନସନ୍ ୯ ହଜାର ଟଙ୍କା ପ୍ରଦାନ ପ୍ରମୁଖ ରହିଛି। ଏହି ପରିପ୍ରେକ୍ଷୀରେ ଅଖିଳ ଭାରତୀୟ ଶ୍ରମିକ ସଂଗଠନ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟମାନେ ସକାଳ ୭ଟାରୁ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱରରେ ଆନ୍ଦୋଳନ ଯୋଗୁ ଜରୁରିକାଳୀନ ଗାଡ଼ି ଗୁଡ଼ିକୁ ବାଦ୍ ଦେଇ ଅନ୍ୟ ସମସ୍ତ ଶତାଧିକ ଯାନବାହାନ ଅଟକି ରହିଥିଲେ। ସେହିପରି ଆନ୍ଦୋଳନରତ କର୍ମୀମାନେ ପିକେଟିଙ୍ଗ କରିବା ଦ୍ୱାରା ସମସ୍ତ ବ୍ୟାଙ୍କ, ବୀମା, ପୋଷ୍ଟ ଅଫିସ୍, କୋର୍ଟ, ବ୍ଲକ୍ ଓ ତହସିଲ୍ ଅଫିସ ଗୁଡ଼ିକ ଅଚଳ ହୋଇଥିଲା। ଶତାଧିକ ଅଙ୍ଗନବାଡ଼ି କର୍ମୀ ସହାୟିକାମାନେ ଗୋଶାଳାରୁ ଏକ ଶୋଭାଯାତ୍ରାରେ ବାହାରି ସୋର ମ୍ୟୁନିସିପାଲିଟି ଓ କୋର୍ଟ ଦେଇ ବ୍ଲକ୍ ଅଫିସ୍‌କୁ ଅଚଳ କରିଥିଲେ। ଏହି ଧର୍ମଘଟର ନେତୃତ୍ୱ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ମାୟାଧର ନାୟକ, ଶିକ୍ଷକ ନେତା ସୁରେନ୍ଦ୍ର ବେହେରା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜୋନ୍ ସମ୍ପାଦକ ଶଶିକାନ୍ତ ପଣ୍ଡା, ସହ ସମ୍ପାଦକ ସୁରେନ୍ଦ୍ର ମହାର୍ଣ୍ଣା, ମିର୍ଜା ମୋହିତ ବେଗ, ଶରତ ଚନ୍ଦ୍ର ବାରିକ, ବିପିନ ବିହାରୀ ବାରିକ, ସୀତାରାମ ସାହୁ, ରମେଶ ଚନ୍ଦ୍ର ପୁହାଣ, ଗଙ୍ଗାଧର ସାହୁ, ପ୍ରଶାନ୍ତ ଦାସ, ଆରତୀ ଦାଶମହାପାତ୍ର, ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ଲଳିତା ବେହେରା, ସନ୍ଧ୍ୟାରାଣୀ ବେହେରା, ଜୟନ୍ତୀ ପତି, ମିନତୀ ମହାନ୍ତି, ବିଦ୍ୟୁତ୍ ଲତା ମଲିକ ଓ ସୁବାସିନୀ ପତି ପ୍ରମୁଖ ନେତୃତ୍ୱ ନେଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଉଠା ଜଳସେଚନ ନିଗମ, ଅଙ୍ଗନାବାଡ଼ି, ପାଚିକା, ଆଶା କର୍ମୀ, ବ୍ୟାଙ୍କ ଓ ପୋଷ୍ଟାଲ୍ କର୍ମଚାରୀମାନେ ସହଯୋଗ କରିଥିଲେ।




**ଯୋଡ଼ା:** ଶ୍ରମିକ ଅଧିକାର ସୁରକ୍ଷା ସହ ବିଭିନ୍ନ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ଡାକରାରେ କରାଯାଇଥିବା ସାଧାରଣ ଧର୍ମଘଟ ଓ ଭାରତ ବନ୍ଦର ପ୍ରଭାବ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷୀରେ ଯୋଡ଼ା ଅଞ୍ଚଳରେ ଏକ ବିଶାଳ ଶ୍ରମିକ ଏକତା ରାଲି ଆୟୋଜିତ ହୋଇଥିଲା। ବିଭିନ୍ନ ଶିଳ୍ପ ଓ ଖଣି ଅଞ୍ଚଳରୁ ଆସିଥିବା ଶତାଧିକ ଶ୍ରମିକ ରାଲିରେ ଯୋଗଦେଇ ନିଜ ଦାବିକୁ ଜୋରଦାର୍ ଭାବେ ଉଠାଇଥିଲେ। କେନ୍ଦୁଝର ସହର ଯୋଡ଼ା, ବଡ଼ବିଲ୍, ବଲାଣି, ଗୁଆଲି, ଜିଳିଂ ଓ ଅନ୍ୟାନ୍ୟ ଖଣି ଅଞ୍ଚଳରେ ବନ୍ଦର ବିଶେଷ ପ୍ରଭାବ ଦେଖାଯାଇଥିଲା। କେନ୍ଦୁଝର ସହରରେ ଏଆଇଟିୟୁସି କର୍ମୀମାନେ ବାଇକ୍ ରାଲି କରି ବିଭିନ୍ନ ଦୋକାନ ବଜାର ବୁଲି ବନ୍ଦରେ ସମର୍ଥନ ଦେବା ପାଇଁ ବ୍ୟବସାୟୀଙ୍କୁ ଅନୁରୋଧ କରିଥିଲେ। ଏହାର ପ୍ରଭାବରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଖଣି ଅଞ୍ଚଳ ଯୋଡ଼ା, ବଡ଼ବିଲ, ଗୁଆଲି, ଭଦ୍ରାସାହି, ବଲାଣି ଓ ବାମେବାରୀ ଅଞ୍ଚଳରେ ପରିବହନ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଜିଲ୍ଲାର ଅଧିକାଂଶ ଖଣି ଓ କାରଖାନା ବନ୍ଦ ରହିଥିବାବେଳେ ଶ୍ରମିକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଧର୍ମଘଟରେ ଭାଗ ନେଇଥିଲେ। ଏଆଇଟିୟୁସି କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଙ୍ଗ ଓ ରାସ୍ତାରୋକ କରି ଧର୍ମଘଟକୁ ସଫଳ କରିଥିଲେ। ଏହି ଆନ୍ଦୋଳନରେ କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ବଡ଼ବିଲ କପିଳ ମହାନ୍ତି, ଯୋଡ଼ାର ହୃଦାନନ୍ଦ ପ୍ରଧାନଙ୍କ ସହ ଅନ୍ୟାନ୍ୟ ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ। ସେମାନେ ସରକାରଙ୍କୁ ଶୀଘ୍ର ଦାବିପୂରଣ ପାଇଁ ଆହ୍ୱାନ କରିଥିଲେ। ଏହାସହ ଦାବି ମାନ୍ୟ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ। ସମଗ୍ର ଜିଲ୍ଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।




**ବାଲେଶ୍ୱର:** ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଆଗତ ସର୍ବଭାରତୀୟ ସାଧାରଣ ଧର୍ମଘଟ ବାଲେଶ୍ୱରରେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ଏହି ଧର୍ମଘଟ ଫଳରେ ମୋଟାମୋଟି ବାଲେଶ୍ୱର ସହର ସମେତ ବିଭିନ୍ନ ବ୍ଲକ୍ ସଦର ମହକୁମାରେ ଜରୁରୀକାଳୀନ ଗାଡ଼ିକୁ ଛାଡ଼ି ଅଖ-ଚକ, ସ୍କୁଲ୍-କଲେଜ, ଅଫିସ୍ ଓ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରେମୁଣାରେ ଧର୍ମଘଟକାରୀମାନେ ବଜାର ମନ୍ଦିର ଛକରେ ରାସ୍ତାରୋକ କରିବା ସହ ବଜାରରେ ପିକେଟିଂ କରିଥିବା ଦେଖିବାକୁ ମିଳିଥିଲା। ରେମୁଣା ଗୋଲେଇରେ ଜାତୀୟ ରାଜପଥ ୧୬କୁ ଅବରୋଧ ଫଳରେ ହଜାର ହଜାର ମାଲବାହୀ ଗାଡ଼ି ଅଟକି ରହିଥିଲା। ସେହିପରି ନୀଳଗିରିରେ ସେରଗଡ଼-ଝରଣାଘାଟି ରାଜ୍ୟ ରାଜପଥ ସହ ନୀଳଗିରି ବଜାର ମଧ୍ୟ ବନ୍ଦ ଥିଲା। ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ବ୍ଲକ୍‌ରେ ମଧ୍ୟ ୬୦ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେହିପରି ବାଲେଶ୍ୱର ସହରରେ ଆନ୍ଦୋଳନକାରୀଙ୍କ ପିକେଟିଂ ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିଲା। ସହର ମଧ୍ୟକୁ ଏବଂ ସହର ବାହାରକୁ ଯାନବାହନ ଚଳାଚଳ ବନ୍ଦ ଥିଲା। ଏଥିସହ ଧର୍ମଘଟକାରୀମାନେ ବାଲେଶ୍ୱରରେ ରେଳରୋକ୍ କରିଥିଲେ। ଷ୍ଟେସନ୍ ଛକସ୍ଥିତ ଏକ ମଲ୍ ବନ୍ଦ ନକରିବା ଯୋଗୁ ଲୋକମାନେ ମଲ୍ ଭିତରେ ପଶି ହୋ-ହାଲ୍ଲା କରିବା ପରେ ମଲ୍ ବନ୍ଦ ହୋଇଥିଲା। ଏଥିରେ ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି, ବିଜୁ ଶ୍ରମିକ ସାମ୍ମୁଖ୍ୟର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ସର୍ବଶ୍ରୀ ପ୍ରଦୀପ୍ତ ପଣ୍ଡା, ନିର୍ମଳ ନାୟକ, ଶିଶିର ହୁଇ, ପ୍ରେମରଞ୍ଜନ ପାତ୍ର, ହରିପ୍ରିୟା ଜେନା, ଜୟନ୍ତ ଦାସ, ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ରଞ୍ଜନ ବାଗ, ଧୀରେନ ନାୟକ, ସୁଦର୍ଶନ ଜେନା, କହ୍ନେଇ ଚରଣ ବେହେରା, ତରୁଣ ଦାସ, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ଗିରିଙ୍କ ସମେତ ଶତାଧିକ ଲୋକ ଧର୍ମଘଟରେ ସାମିଲ୍ ଥିଲେ।

# ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସୋର,୧୨।୨/ଏନ୍ଏନ୍ଏସ୍:** ସୋର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଥିବା ବଡ଼ ପୋଖରୀରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଭାସୁଥିବାବେଳେ ଉଦ୍ଧାର କରାଯାଇଛି। ସୋର ପୌରପାଳିକା ଅନ୍ତର୍ଗତ ମୋବାରକପୁର ଗ୍ରାମର ମନୋଜ କୁମାର ମାଝୀ ଗତ ୯ ତାରିଖରୁ ନିଖୋଜ ଥିଲେ। ଏନେଇ ତାଙ୍କ ମାଆ ସୋର ଥାନାରେ ଅଭିଯୋଗ କରିବା ସହିତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ। କିନ୍ତୁ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ଲୋକେ ମନୋଜକୁ ବଡ଼ ପୋଖରୀରେ ଭାସୁଥିବାର ଦେଖି ସୋର ପୁଲିସ୍‌କୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସମାଜସେବୀ ସେକ୍ ମସଲାଉଦ୍ଦିନ୍ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ସହଯୋଗରେ ମନୋଜର ଶବକୁ ଉଦ୍ଧାର କରି ସୋର ମେଡିକାଲ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ବିଶ୍ୱବିଦ୍ୟାଳୟରେ ଗ୍ରୀନ୍ କ୍ୟାରିଅର୍ ନେଇ କର୍ମଶାଳା



**ବାରିପଦା,୧୨।୨/ଏନ୍ଏନ୍ଏସ୍:** ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପିଏମ୍-ଉଷା ପ୍ରାୟୋଜିତ ଗ୍ରୀନ କ୍ୟାରିଅର୍: ବନ୍ୟଜନ୍ତୁ ଓ ଜୈବ ବିବିଧତା ସୁରକ୍ଷାରେ କୌଶଳ ବିକାଶ ଶୀର୍ଷକ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରମୋଦ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ୟଜନ୍ତୁ ଓ ଜୈବ ବିବିଧତା ସୁରକ୍ଷା କ୍ଷେତ୍ରରେ ଦକ୍ଷତା ଅର୍ଜନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶିମିଳିପାଳ ବାଘ ଅଭୟାରଣ୍ୟ ପ୍ରକଳ୍ପ (ଦକ୍ଷିଣ)ର ଉପନିର୍ଦ୍ଦେଶକ ଡ଼ା. ସମ୍ରାଟ ଗୌଡ଼ା ଯୋଗଦେଇ ବନ ବିଭାଗରେ କ୍ଷେତ୍ରସ୍ତରରେ ଉଦ୍ଭବ ହେଉଥିବା ନୂତନ କାର୍ଯ୍ୟ ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ମାଇନିଂ କର୍ପୋରେସନ୍‌ର (ବନ ଓ ପରିବେଶ) ଅତିରିକ୍ତ ପ୍ରବନ୍ଧକ ଡ଼ା. ଜିତେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖଣି ଅଞ୍ଚଳରେ ପୁର୍ନସ୍ଥାପନ ଇକୋଲଜିର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ପିଏମ୍-ଉଷା ନୋଡାଲ୍ ଅଫିସର୍ ଡ଼ା. ଇନ୍ଦ୍ରଜିତ ନାଏକ, ବନ୍ୟଜନ୍ତୁ ଓ ଜୈବ ବିବିଧତା ସଂରକ୍ଷଣ ବିଭାଗର ସମନ୍ୱୟକାରୀ ଡ଼ା. ସୁଭାନୀ ରଥ ଆଧୁନିକ ଯୁଗରେ ଗ୍ରୀନ୍ କ୍ୟାରିଅର୍‌ର ପ୍ରାସଙ୍ଗିକତା ଓ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଡ଼ା. ଦେବାଶିଷ ନାୟକ ଧନ୍ୟବାଦ ଦେଇଥିଲେ।

ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା

# ପୀଠରେ ହେବ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା



**ଭଦ୍ରକ,୧୨।୨/ଏନ୍ଏନ୍ଏସ୍:** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ଆଉ ୩ ଦିନ ରହିଲା। ଏହି ଜାଗର ଯାତ୍ରାରେ ବାବାଙ୍କ ଦର୍ଶନ ସହ ଦୀପ ଜାଳିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପୀଠରେ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ସହ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ ସ୍ଥିତି ପରଖିଛନ୍ତି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୀଠରେ ୪ ଜଣ ମାଜିଷ୍ଟ୍ରେଟ୍‌ଙ୍କ ସହ ଏସ୍‌ପି ଶ୍ରୀ ରାଉତ, ୩ ଜଣ ଏଏସ୍‌ପି, ୪ ଜଣ ଡିଏସ୍‌ପି, ୧୫ ଜଣ ଇନ୍ସପେକ୍ଟର୍, ୨୦ ପ୍ଲାଟୁନ୍ ଫୋର୍ସ ଓ ଟ୍ରାଫିକ୍ ପୁଲିସ୍ ନିୟୋଜିତ ରହିବେ। ପୀଠକୁ ଆସୁଥିବା ସମସ୍ତ ଛୋଟବଡ଼ ଗାଡ଼ି ପାନ୍ଥ ନିବାସ ନିକଟରେ ପାର୍କ କରିବା ପାଇଁ ସ୍ଥିର କରାଯାଇଛି। ସେହିପରି ଭଦ୍ରକରୁ ଆରଡି ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଜଳପଥ ଓ ସ୍ଥଳପଥରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ହେବ। ବିଶେଷକରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଉଚ୍ଚ ପ୍ରଦାଧିକାରୀ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ ରହିବେ। ଭିଡ଼କୁ ଦୃଷ୍ଟିରେ ରଖି ମେଡିକାଲ୍ ଛକରୁ ଶିବ ପ୍ଲାଜା ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଲଗାଯିବା ସହ ଡ୍ରୋନ୍ ଦ୍ୱାରା ଅସାମାଜିକ ବ୍ୟକ୍ତିଙ୍କ ପ୍ରତି ନଜର ରଖାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପୀଠରେ ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଓ ପରିମଳ ଆଦି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଯାତାୟତ ନିମନ୍ତେ ରାସ୍ତା ମରାମତି ହେଉନଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

# ଶ୍ରୀଲଙ୍କାର ଦ୍ୱିତୀୟ ସର୍ବବୃହତ୍ ବିଜୟ



**ଓମାନ୍‌କୁ ୧୦୫ ରନ୍‌ରେ ହରାଇଲା**

**ରତ୍ନାୟକେ ଓ ଶନାକାଙ୍କ ଅର୍ଦ୍ଧଶତକ**

**ଚମିରା-ତୀକ୍ଷ୍ଣାଙ୍କୁ ୨-୨ ୱିକେଟ୍**

**କାଣ୍ଡି,୧୨।୨/ଏଜେନ୍ସି:** ଶ୍ରୀଲଙ୍କା ଚଳିତ ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଟିମ୍ ଓମାନ୍‌କୁ ୧୦୫ ରନ୍‌ରେ ହରାଇ ଦେଇଛି। ଏହା ଟି-୨୦ ଅନ୍ତର୍ଜାତୀୟରେ ଶ୍ରୀଲଙ୍କାର ରନ୍ ହିସାବରେ ଦ୍ୱିତୀୟ ସର୍ବବୃହତ୍ ବିଜୟ। କାଣ୍ଡିର ପାଲ୍ଲେକେଲ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ଓମାନ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ଶ୍ରୀଲଙ୍କା ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୨୨୫ ରନ୍ କରିଥିଲା। ଜବାବରେ ଓମାନ୍ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୨୦ ରନ୍ କରିବାକୁ ସମର୍ଥ ହୋଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଓମାନ୍‌ର ଆରମ୍ଭ ବହୁ ଖରାପ ଥିଲା। ଟିମ୍ ୩୬ ରନ୍ ମଧ୍ୟରେ ୩ଟି ଶୀର୍ଷ ୱିକେଟ୍ ହରାଇଥିଲା। ମହମ୍ମଦ ନଦୀମ୍ ଓ ୱାସିମ୍ ଅଲୀଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍ ପାଇଁ ୪୨ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୱାସିମ୍ ଅଲୀଙ୍କୁ ୨୭ ରନ୍‌ରେ ଆଉଟ୍ କରି ମହୀଶ ତୀକ୍ଷଣା ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ୩୧ ରନ୍ ମଧ୍ୟରେ ୫ଟି ୱିକେଟ୍‌ର ପତନ ଘଟିଥିଲା ଏବଂ ଓମାନ୍ ୯ ୱିକେଟ୍ ହରାଇ ୧୨୦ ରନ୍ କରିଥିଲା। ମହମ୍ମଦ ନଦୀମ୍ ୫୬ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୫୩ ରନ୍ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଆଉ କୌଣସି ଖେଳାଳି ଦୁଇଅଙ୍କର ସ୍କୋର୍ ମଧ୍ୟ ଛୁଇଁପାରି ନଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁଷ୍ମନ୍ତ ଚମିରା ଓ ମହୀଶ ତୀକ୍ଷ୍ଣା ଦୁଇଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଦୁନିଥ୍ ୱାଲ୍ଲାଲାଗେ, ଦୁଶାନ୍ ହେମନ୍ତା ଏବଂ କାମିନ୍ଦୁ ମେଣ୍ଡିସ୍ ୧-୧ ସଫଳତା ପାଇଥିଲେ।

ଏହା ପୂର୍ବରୁ ଶ୍ରୀଲଙ୍କା ପକ୍ଷରୁ କୁସଲ ମେଣ୍ଡିସ୍ (୬୧), ପଥୁନ୍ ରତ୍ନାୟକେ (୬୦) ଏବଂ ଦାସୁନ୍ ଶନାକା (୫୦)ଙ୍କ ଅର୍ଦ୍ଧଶତକ ବଳରେ ୫ ୱିକେଟ୍ ବିନିମୟରେ ୨୨୫ ରନ୍‌ର ସ୍କୋର୍ ଛିଡ଼ା କରିଥିଲା। ଶନାକା ୧୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ସହିତ ସେ ଶ୍ରୀଲଙ୍କା ପକ୍ଷରୁ ଟି-୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ଖେଳାଳି ହୋଇଛନ୍ତି। ଓମାନ୍ ପକ୍ଷରୁ ଜିତେନ ରାମାନନ୍ଦୀ ୨ଟି ୱିକେଟ୍ ନେଇଥିଲେ। ଜୟ ଓଡେଦରା ଏବଂ ସୁଫିୟାନ୍ ମହମୁଦ ୧-୧ ସଫଳତା ପାଇଥିବା ବେଳେ କୁସଲ ମେଣ୍ଡିସ୍ ରନ୍ ଆଉଟ୍ ହୋଇଥିଲେ।

**ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍: ଐଶ୍ୱର୍ଯ୍ୟ ପ୍ରତାପଙ୍କୁ ସ୍ୱର୍ଣ୍ଣ**

## ୫୦ ମିଟର ଥ୍ରୀ ପୋଜିସନ୍‌ରେ ଭାରତର କ୍ଲିନ୍ ସ୍ୱିପ୍

**ନୂଆଦିଲ୍ଲୀ,୧୨।୨/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍‌ଶିପ୍ ରୌପ୍ୟ ପଦକ ବିଜେତା ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମର ଗୁରୁବାର ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ର ୫୦ ମିଟର ଥ୍ରୀ ପୋଜିସନ୍ ଇଭେଣ୍ଟରେ ଟିମ୍ ସାଥୀ ନୀରଜ କୁମାରଙ୍କୁ ପଛରେ ପକାଇ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ ଭାରତ ଏହି ଇଭେଣ୍ଟରେ କ୍ଲିନ୍ ସ୍ୱିପ୍ କରିଛି। ୨୫ ବର୍ଷୀୟ ଶୁଟର୍ ୩୬୩ ପଏଣ୍ଟର ବିଶ୍ୱ ରେକର୍ଡ ସ୍କୋର୍ ସହ ନୀରଜ (୩୬୧.୮)ଙ୍କୁ ମାତ୍ର ୦.୨ ପଏଣ୍ଟରେ ପଛରେ ପକାଇଥିଲେ। ଅଖିଳ ଶେୟାରଣ ୩୪୩.୫ ପଏଣ୍ଟ ସହ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ସେହିପରି ନୀରଜ ଐଶ୍ୱର୍ଯ୍ୟ ଏବଂ ଶେୟାରଣ ଟିମ୍ ଇଭେଣ୍ଟରେ ୧୭୬୯ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜାପାନ (୧୭୫୪) ଦ୍ୱିତୀୟ ଏବଂ କଜାଖସ୍ତାନ (୧୭୪୮) ତୃତୀୟ ସ୍ଥାନରେ ରହିଥିଲେ। ଜୁନିୟର୍ ପୁରୁଷ ଫାଇନାଲ୍‌ରେ ଏଡ୍ରିୟାନ୍ କର୍ମକର ୩୫୩.୨ ପଏଣ୍ଟ ସହ ଚାମ୍ପିଅନ୍‌ଶିପ୍‌ର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କଜାଖସ୍ତାନର ଦିମିତ୍ରି କିମ୍ ତାଙ୍କଠାରୁ ୪.୭ ପଏଣ୍ଟ ପଛରେ ରହି ରୌପ୍ୟ ଏବଂ ଭାରତର ମାନବେନ୍ଦ୍ର ସିଂହ ଶେଖାୱତ୍ ୩୩୮।୬ ପଏଣ୍ଟ ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

**ଇଶାନ୍-ହାର୍ଦ୍ଦିକଙ୍କ ବିସ୍ଫୋରଣ ପରେ ବରୁଣଙ୍କ ଘାତକ ବୋଲିଂ**

# ନାମ୍ବିଆ ବିପକ୍ଷରେ ଭାରତର ବଡ଼ ବିଜୟ

**ନୂଆଦିଲ୍ଲୀ,୧୨।୨/ଏଜେନ୍ସି:** ଇଶାନ୍ କିଶନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ପରେ ବରୁଣ ଚକ୍ରବର୍ତ୍ତୀଙ୍କ ଘାତକ ବୋଲିଂ ବଳରେ ଭାରତ ଚଳିତ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-ଏ' ମ୍ୟାଚ୍‌ରେ ନାମ୍ବିୟାକୁ ୯୨ ରନ୍‌ର ଚମତ୍କାର ବିଜୟ ହାସଲ କରିଛି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଜିମ୍ବାୱେ ଆଗରେ ଭାରତ ୨୧୦ ରନ୍‌ର ଲକ୍ଷ୍ୟ ରଖିଥିଲା। ଜବାବରେ ନାମ୍ବିୟା ଟିମ୍ ୧୬.୨ ଓଭର୍‌ରେ ୧୧୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ବରୁଣ ୨ ଓଭର୍‌ରେ ୭ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅକ୍ଷର ପଟେଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୨-୨ ସଫଳତା ମିଳିଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଟୁର୍ଣ୍ଣାମେଣ୍ଟରେ ଲଗାତାର ଦ୍ୱିତୀୟ ବିଜୟ ସହ ଗ୍ରୁପ୍ ଶୀର୍ଷରେ ପହଞ୍ଚିଛି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ନେଦରଲାଣ୍ଡ୍‌ସଠାରୁ ୭ ୱିକେଟ୍‌ରେ ହାରିବା ପରେ ନାମ୍ବିୟାର ଏହା ଦ୍ୱିତୀୟ ପରାଜୟ।

ଲକ୍ଷ୍ୟର ପିଛା କରୁଥିବା ନାମ୍ବିଆକୁ ଚତୁର୍ଥ ଓଭର୍‌ରେ ଅର୍ଶଦୀପ ସିଂହ ପ୍ରଥମ ଝଟ୍‌କା ଦେଇଥିଲେ। ସେ ଜାନ୍ ଫାଇଲିଙ୍କ୍ (୨୨)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଲରେନ୍ ଷ୍ଟିନ୍‌କ୍ୟାମ୍ପ୍ ଓ ନିକୋଲ୍ ଲାଫ୍‌ଟି-ଇଟନ୍ ୩୪ ରନ୍ ଯୋଡ଼ିଥିଲେ। ଷ୍ଟିନ୍‌କ୍ୟାମ୍ପ୍ (୨୯)ଙ୍କୁ ଆଉଟ୍ କରି ମିଷ୍ଟ୍ରି ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ ଏହି ଯୋଡ଼ି ଭାଙ୍ଗିଥିଲେ। ବରୁଣ ଏତିକିରେ ଅଟକି ନଥିଲେ। ନିଜର ପରବର୍ତ୍ତୀ ଓଭର୍‌ରେ ସେ ନିକୋଲ ଲାଫ୍‌ଟି-ଇଟନ୍ (୧୩) ଓ ଜେଜେ ସ୍ମିଟ୍ (୦)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଏହାପରେ ଅକ୍ଷର ପଟେଲ୍ କ୍ୟାପ୍‌ଟେନ୍ ଗେରାହାର୍ଡ ଇରାସ୍‌ମସ୍ (୧୮)ଙ୍କୁ ଆଉଟ୍ କରିଥିଲେ। ପରେ ମଲାନ୍ କ୍ରୁଗର୍ (୫)ଙ୍କୁ ଆଉଟ୍ କରି ଅକ୍ଷର ଭାରତକୁ ୬ଷ୍ଠ ସଫଳତା ଦେଇଥିଲେ। ରୁବେନ୍ ଟ୍ରମ୍ପେଲ୍‌ମ୍ୟାନ୍ (୬)ଙ୍କୁ ବୁମ୍‌ରା କ୍ଲିନ୍ ବୋଲ୍ଡ କରିଥିଲେ। ପୁଣି ବର୍ନାର୍ଡ୍ ଶୋଲ୍ଜ (୪) ଓ ବେନ୍ ଶିକୋଙ୍ଗୋ (୦)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ପ୍ୟାଭିଲିୟନ୍ ପଠାଇଥିଲେ। ୧୭ତମ ଓଭର୍‌ରେ ୱିକେଟ୍‌କିପର୍ ଜେନ୍ ଗ୍ରୀନ୍ ୧୧ ରନ୍ କରି ଶିଭମ୍ ଦୁବେଙ୍କ ବଲ୍‌ରେ ହିଟ୍ ୱିକେଟ୍ ହୋଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତୀୟ ଟିମ୍‌ର ଆରମ୍ଭ ସେପରି ଖାସ୍



ନଥିଲା ଏବଂ ଟିମ୍ ସଞ୍ଜୁ ସାମ୍‌ସନ୍‌ଙ୍କ ୱିକେଟ୍ ଶସ୍ତାରେ ହରାଇଥିଲା। ସଞ୍ଜୁ ତିନି ଛକା ଓ ଗୋଟିଏ ଚୌକା ବଳରେ ୮ ବଲ୍‌ରେ ୨୨ ରନ୍ କରିଥିଲେ। ସଞ୍ଜୁଙ୍କୁ ବେନ୍ ଶିକୋଙ୍ଗୋ ଆଉଟ୍ କରିଥିଲେ। ଏହାପରେ ଇଶାନ୍ କିଶନ୍ ଓ ତିଳକ ବର୍ମା ଦ୍ୱିତୀୟ ୱିକେଟ୍ ପାଇଁ ୭୯ ରନ୍‌ର ପାର୍ଟନରଶିପ୍ କରିଥିଲେ। ଇତିମଧ୍ୟରେ ଇଶାନ୍ ମାତ୍ର ୨୦ ବଲ୍‌ରେ ୫ ଚୌକା ଓ ଚାରି ଛକା ସହାୟତାରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଷଷ୍ଠ ଓଭର୍‌ରେ ଜେଜେ ସ୍ମିଟ୍‌ଙ୍କ ବିପକ୍ଷରେ ଇଶାନ୍ ଲଗାତାର ୪ ଛକା ମାରିବା ସହିତ ମୋଟ ୨୮ ରନ୍ ଉଠାଇଥିଲେ। ଇଶନ୍ ମୋଟ ୬ ଚୌକା ଓ ପାଞ୍ଚ ଛକା ସହାୟତାରେ ୨୪ ବଲ୍‌ରେ ୬୧ ରନ୍ କରିଥିଲେ। ଇଶାନ୍ ବିସ୍ଫୋରକ ଇନିଂସ୍ ଖେଳିଥିଲେ ମଧ୍ୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା ନିରାଶ କରିଥିଲେ। ସୂର୍ଯ୍ୟା ୧୨ ଏବଂ ତିଳକ ୨୫ ରନ୍ କରି ଆଉଟ୍ ହୋଇଥିଲେ। ତିଳକ ଆଉଟ୍ ବେଳକୁ ଭାରତର ସ୍କୋର୍ ୧୨୪।୪ ଥିଲା। ଏଠିଠାରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିଭମ୍ ଦୁବେ ମିଶି ପଞ୍ଚମ ୱିକେଟ୍ ପାଇଁ ୮୧ ରନ୍‌ର ପାର୍ଟନରଶିପ୍ କରି ଭାରତକୁ ବଡ଼ ସ୍କୋର୍‌ରେ ପହଞ୍ଚାଇଥିଲେ। ହାର୍ଦ୍ଦିକ ଚାରିଟି ଲେଖାଏଁ ଛକା ଓ ଚୌକା ଦମ୍‌ରେ ୨୮ ବଲ୍‌ରେ ୫୨ ରନ୍ କରିଥିଲେ। ଏହି ଅବସରରେ ୨୭ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ ହୋଇଥିଲା। ଶିଭମ୍ ଦୁବେ ୨୩ ରନ୍‌ର ଯୋଗଦାନ ଦେଇଥିଲେ। ନାମ୍ବିୟା କ୍ୟାପ୍‌ଟେନ୍ ଗେରହାର୍ଡ ଇରାସ୍‌ମସ୍ ୧୯ତମ ଓଭର୍‌ର ଦ୍ୱିତୀୟ ଓ ତୃତୀୟ ବଲ୍‌ରେ ହାର୍ଦ୍ଦିକ ଓ ଶିଭମ୍‌ଙ୍କୁ ଆଉଟ୍ କରିବା ପରେ ଶେଷ ବଲ୍‌ରେ ଅକ୍ଷର ପଟେଲ୍ (୦)ଙ୍କୁ ମଧ୍ୟ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ଏହାପରେ ଭାରତ ଅନ୍ତିମ ଓଭର୍‌ରେ ରିଙ୍କୁ ସିଂହ (୧ ରନ୍) ଓ ଅର୍ଶଦୀପ୍ ସିଂହ (୨)ଙ୍କୁ ୱିକେଟ୍ ହରାଇଥିଲା। ଦେଖିବାକୁ ଗଲେ ଭାରତ ଅନ୍ତିମ ଦୁଇ ଓଭର୍‌ରେ ୧୦ ରନ୍ ମଧ୍ୟରେ ୫ ୱିକେଟ୍ ହରାଇଥିଲା। ଗେରହାର୍ଡ ଇରାସ୍ମସ୍ ଚମତ୍କାର ବୋଲିଂ କରି ୪ ୱିକେଟ୍ ଅକ୍ତିଆର କରିଥିଲେ। ବର୍ନାର୍ଡ ଶୋଲ୍ଜ, ବେନ୍ ଶିକୋଙ୍ଗୋ ଓ ଜେଜେ ସ୍ମିଟ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

## ଇଟାଲୀର ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ

**ନେପାଳକୁ ୧୦ ୱିକେଟ୍‌ରେ ହରାଇଲା**

**ମୋସ୍କା ଭ୍ରାତାଙ୍କ ଶତକୀୟ ପାର୍ଟନରଶିପ୍**



**ମୁମ୍ବାଇ,୧୨।୨/ଏଜେନ୍ସି:** ଡେବ୍ୟୁଟାଣ୍ଟ ଇଟାଲୀ ଟିମ୍ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଟିମ୍ ଗୁରୁବାର ନେପାଳକୁ ୧୦ ୱିକେଟ୍‌ରେ ହରାଇ ଦେଇଛି। ଗ୍ରୁପ୍-ସି'ର ଏହି ମ୍ୟାଚ୍‌ରେ ଇଟାଲୀ ୧୨୪ ରନ୍‌ର ଲକ୍ଷ୍ୟକୁ ୧୨.୪ ଓଭର୍‌ରେ ବିନା କୌଣସି ୱିକେଟ୍ ହରାଇ ଚେଜ୍ କରିଛି। ଇଟାଲୀ ପକ୍ଷରୁ ମୋସ୍କା ଭ୍ରାତା ଶତକୀୟ ପାର୍ଟନର୍‌ଶିପ୍ କରିଛନ୍ତି। ବଡ଼ଭାଇ ଆନ୍ଥୋନୀ ମୋସ୍କା ୩୨ ବଲ୍‌ରେ ୩ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୨ ରନ୍ କରିଥିବା ବେଳେ ସାନଭାଇ ଜଷ୍ଟିନ୍ ମୋସ୍କା ୪୪ ବଲ୍‌ରେ ୫ ଚୌକା ଓ ୩ ଛକା ଦମ୍‌ରେ ୬୦ ରନ୍‌ର କରି ଅପରାଜିତ ରହିଥିଲେ। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଇଟାଲୀ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲା। ନେପାଳ ୧୯.୩ ଓଭର୍‌ରେ ୧୨୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଟିମ୍ ପକ୍ଷରୁ ଆରିଫ୍ ଶେଖ୍ ସର୍ବାଧିକ ୨୭ ରନ୍ କରିଥିଲେ। ଏହା ବ୍ୟତୀତ କ୍ୟାପ୍‌ଟେନ୍ ରୋହିତ ପୌଡେଲ୍ ୨୩, ୱିକେଟ୍‌କିପର୍ ଆସିଫ୍ ଶେଖ୍ ୨୦, ଦୀପେନ୍ଦ୍ର ସିଂହ ଐରୀ ୧୭ ରନ୍ କରି ଆଉଟ୍ ହୋଇଥିବା ବେଳେ କରଣ କେସି ୧୮ ରନ୍‌ରେ ଅପରାଜିତ ରହିଥିଲେ। ଇଟାଲୀ ପକ୍ଷରୁ କ୍ରିଶନ୍ କାଲୁଗାମଗେ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ବେନ୍ ମାନେଟିଙ୍କୁ ଦୁଇଟି ୱିକେଟ୍ ମିଳିଥିଲା। ଅଲୀ ହସନ୍, ଜେଜେ ସ୍ମଟ୍ସ ଏବଂ ଜସ୍‌ପ୍ରୀତ୍ ସିଂହ ୧-୧ ସଫଳତା ପାଇଥିଲେ।

## ଡେବ୍ୟୁରେ ସଞ୍ଜୁ ସାମ୍‌ସନ୍‌ଙ୍କ ରେକର୍ଡ

**ନୂଆଦିଲ୍ଲୀ,୧୨।୨/ଏଜେନ୍ସି:** ଗୁରୁବାର ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ନାମ୍ବିୟା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ସଞ୍ଜୁ ସାମ୍‌ସନ୍ ଟି-୨୦ ବିଶ୍ୱକପ୍ ଡେବ୍ୟୁ କରିଛନ୍ତି। ଏହା ସହିତ ସେ ନିଜ ନାମରେ ଏକ ରେକର୍ଡ କରିଛନ୍ତି। ୩୧ ବର୍ଷ ୯୩ ଦିନ ବୟସରେ ଡେବ୍ୟୁ କରି ଟି-୨୦ ବିଶ୍ୱକପ୍‌ରେ ପ୍ରଥମ



ମ୍ୟାଚ୍ ଖେଳିବାରେ ସେ ଭାରତର ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଏହି ମାମଲାରେ ପ୍ରଥମ ସ୍ଥାନରେ ଅମିତ ମିଶ୍ରା ରହିଛନ୍ତି। ୨୦୧୪ରେ ପାକିସ୍ତାନ ବିପକ୍ଷରେ ସେ ୩୧ ବର୍ଷ ୧୧୭ ଦିନ ବୟସରେ ଟି-୨୦ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏହି ଲିଷ୍ଟର ପରବର୍ତ୍ତୀ ସ୍ଥାନରେ ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ (୩୧ ବର୍ଷ ୪୦ ଦିନ), ଆଶୀଷ ନେହରା (୩୧ ବର୍ଷ ୨ ଦିନ) ଏବଂ ଲକ୍ଷ୍ମୀପତି ବାଲାଜୀ (୩୦ ବର୍ଷ ୩୫୮ ଦିନ) ରହିଛନ୍ତି। ଟି-୨୦ ବିଶ୍ୱକପ୍ ଡେବ୍ୟୁ ମ୍ୟାଚ୍‌ରେ ସଞ୍ଜୁ ୮ ବଲ୍‌ରେ ଗୋଟିଏ ଚୌକା ଓ ତିନି ଛକା ସହାୟତାରେ ୨୨ ରନ୍ କରିଛନ୍ତି। ସଞ୍ଜୁ ସାମ୍‌ସନ୍ ଦୀର୍ଘ ସମୟ ଧରି ଭାରତୀୟ ସୀମିତ ଓଭର୍ ଟିମ୍‌ର ସଦସ୍ୟ ରହିଆସିଛନ୍ତି। କିନ୍ତୁ ଟି-୨୦ ବିଶ୍ୱକପ୍‌ରେ ଖେଳିବା ସୁଯୋଗ ତାଙ୍କୁ ଏବେ ମିଳିଛି।

# ଦେଶ ବିଦେଶ

**ବାଂଲାଦେଶ ନିର୍ବାଚନ**

## ୫୩ ଆସନରେ ବିଏନ୍‌ପିକୁ ସ୍ପଷ୍ଟ ବହୁମତ, ଜମାତ୍ ମେଣ୍ଟକୁ ୩୮ ଆସନ





**ଢାକା, ୧୨।୨/ଏଜେନ୍ସି:** କାଁଭାଁ ହିଂସାକାଣ୍ଡ ମଧ୍ୟରେ ବାଂଲାଦେଶରେ ଆଜି ମତଦାନ ପ୍ରକ୍ରିୟା ଶେଷ ହୋଇଛି। ଭୋଟିଂ ପ୍ରକ୍ରିୟା ଶେଷ ହେବା ପରେ ପରେ ହିଁ ଏଠାରେ ଭୋଟ୍ ଗଣତି ପର୍ବ ମଧ୍ୟ ଆରମ୍ଭ ହୋଇଯାଇଛି। ରିପୋର୍ଟ ଲେଖାହେବା ବେଳକୁ ହସ୍ତଗତ ହୋଇଥିବା ପ୍ରାରମ୍ଭିକ ଫଳାଫଳ ଅନୁଯାୟୀ ତାରିକ୍ ରେହମାନ୍‌ଙ୍କ ଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି)କୁ ପ୍ରାୟ ୫୩ ଆସନରେ ବହୁମତ ମିଳିଥିବା ସ୍ପଷ୍ଟ ହୋଇଛି। ସେହିପରି ଜମାତ୍-ଏ-ଇସଲାମି ନେତୃତ୍ୱାଧୀନ ମେଣ୍ଟ ମଧ୍ୟ ୩୮ ଆସନରେ ବିଜୟ ଲାଭ କରିଛି। ବାଂଲାଦେଶରେ ସରକାର ଗଠନ କରିବା ପାଇଁ କୌଣସି ଦଳକୁ ମ୍ୟାଜିକ୍ ନଂ ଅର୍ଥାତ୍ ୧୫୧ ଆସନର ଆବଶ୍ୟକତା ରହିଛି। ବିଏନ୍‌ପି ମୁଖ୍ୟ ତାରିକ୍ ରେହମାନ୍ ୨ଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉଭୟ ଆସନରେ ବିପୁଳ ସଂଖ୍ୟାରେ ବିଜୟୀ ହୋଇଛନ୍ତି।

ପ୍ରକାଶ, ବାଂଲାଦେଶରେ ମୋଟ ୩୫୦ଟି ଆସନ ରହିଛି। ଏଥିମଧ୍ୟରୁ ୩୦୦ଟି ପ୍ରତ୍ୟକ୍ଷ ନିର୍ବାଚିତ ଆସନ ଏବଂ ୫୦ଟି ମହିଳାଙ୍କ ପାଇଁ ସଂରକ୍ଷିତ ଆସନ ଅନ୍ତର୍ଭୁକ୍ତ। ଏକ ଦଳ ସରକାର ଗଠନ କରିବାକୁ ହେଲେ ୩୦୦ଟି ଆସନରୁ ଅତି କମରେ ୧୫୧ଟି ଆସନ

**ହିଂସାକାଣ୍ଡ ମଧ୍ୟରେ ଭୋଟିଂ ଶେଷ, ଗଣତି ଆରମ୍ଭ**

ଜିତିବାକୁ ପଡିବ। ନିର୍ବାଚନ ଫଳାଫଳ ପରେ ୫୦ଟି ମହିଳା ସଂରକ୍ଷିତ ଆସନ ବଣ୍ଟିତ କରାଯାଏ। ସୁତରାଂ ଏହି ଆସନଗୁଡ଼ିକ ସରକାର ଗଠନ ପାଇଁ ପ୍ରଭାବିତ କରେ ନାହିଁ। ତେବେ ବାଂଲାଦେଶ ନିର୍ବାଚନ କମିଶନ ଫେବୃଆରୀ ୧୩ ତାରିଖ ସକାଳେ ଗଣତି ସମାପ୍ତ ହେବା ପରେ ଆନୁଷ୍ଠାନିକ ଭାବରେ ଫଳାଫଳ ଘୋଷଣା କରିବେ। ସୂଚନାଯୋଗ୍ୟ ଶେଖ ହସିନାଙ୍କ ଆୱାମୀ ଲିଗ୍‌କୁ ବେଆଇନ ଘୋଷଣା କରାଯାଇ ନିର୍ବାଚନ ଲଢିବାରୁ ବଞ୍ଚିତ କରାଯାଇଛି। ତେଣୁ ଏଥର ବିଏନ୍‌ପି ଏବଂ ଜମାତ୍ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି।

ବାଂଲାଦେଶର କେତେକ ସ୍ଥାନରେ ଆଜି ଦିନରେ ହିଂସାକାଣ୍ଡ, ଗୋଷ୍ଠୀ ସଂଘର୍ଷ ଭଳି ଘଟଣା ଦେଖିବାକୁ ମିଳିଥିଲେ ମଧ୍ୟ ମତଦାନ ପ୍ରକ୍ରିୟାକୁ ଏସବୁ ପ୍ରଭାବିତ କରିପାରିନାହିଁ। ବାଂଲାଦେଶ ନିର୍ବାଚନ ଆୟୋଗଙ୍କ ଅନୁସାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜନସାଧାରଣ ଶାନ୍ତି ଶୃଙ୍ଖଳାର ସହ ଭୋଟଦାନ କେନ୍ଦ୍ରରେ ନିଜ ମତଦାନ କରିଛନ୍ତି।

## ଆଜି ଉଦ୍‌ଘାଟନ ହେବ 'ସେବା ତୀର୍ଥ' ଓ 'କର୍ତ୍ତବ୍ୟ ଭବନ'

**ନୂଆଦିଲ୍ଲୀ,୧୨।୨/ଏଜେନ୍ସି:** ଆସନ୍ତା କାଲି ଅର୍ଥାତ୍ ଫେବୃଆରୀ ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଣ୍ଟ୍ରାଲ ଭିସ୍ତା ପ୍ରକଳ୍ପ ଅଧୀନରେ ନିର୍ମିତ 'ସେବା ତୀର୍ଥ' ଏବଂ 'କର୍ତ୍ତବ୍ୟ ଭବନ-୧ ଏବଂ ୨'ର ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତାକାଲି ପ୍ରାୟ ସାଢେ ୧ଟା ସମୟରେ ସେବା ତୀର୍ଥ ଭବନ କମ୍ପ୍ଲେକ୍ସର ନାମ ଉନ୍ମୋଚନ କରିବେ ଏବଂ ପରେ ପରେ ସେ ଉଭୟ କୋଠାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବେ। ଏତଦ୍‌ବ୍ୟତୀତ ସନ୍ଧ୍ୟା ପ୍ରାୟ ୬ ଟାରେ ସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଉଦ୍‌ବୋଧନ ଦେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠାନ ହେବାକୁ ଯାଉଥିବା ଏହି ଉଦଘାଟନ କାର୍ଯ୍ୟକ୍ରମକୁ ଭାରତର ପ୍ରଶାସନିକ ଶାସନ ବ୍ୟବସ୍ଥାରେ ଏକ ଐତିହାସିକ ଏବଂ ପରିବର୍ତ୍ତନକାରୀ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। କାରଣ ଆଜି ପର୍ଯ୍ୟନ୍ତ, ସେଣ୍ଟ୍ରାଲ ଭିସ୍ତା ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଏବଂ ସରକାରୀ କାର୍ଯ୍ୟାଳୟ ପୃଥକ ପୃଥକ୍ ପୁରୁଣା କୋଠାରେ କାର୍ଯ୍ୟ କରୁଥିଲେ। ଯାହାକି ଅନେକ ସମସ୍ୟା ସୃଷ୍ଟି କରୁଥିଲା। ତେବେ ନୂତନ କୋଠା ପ୍ରଚଳନ ଦ୍ୱାରା ଏହି ସମସ୍ୟାଗୁଡ଼ିକ ଦୂର ହେବ ବୋଲି ଆଶା କରାଯାଉଛି। ସେବା ତୀର୍ଥ ଭବନରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ , ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ ସଚିବାଳୟ ରହିଛି। ପୂର୍ବରୁ ପୃଥକ ପୃଥକ୍ ସ୍ଥାନରୁ କାର୍ଯ୍ୟ କରୁଥିବା ଏହି ସମସ୍ତ କାର୍ଯ୍ୟାଳୟଗୁଡ଼ିକୁ ଏବେ ଗୋଟିଏ କମ୍ପ୍ଲେକ୍ସକୁ ଅଣାଯାଇଛି। ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ବିଲଡିଂ-୧ ଏବଂ ୨ରେ ଅବସ୍ଥିତ।

## ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ କୀର୍ତ୍ତି ଆଜାଦଙ୍କ ପ୍ରଶ୍ନର ଉତ୍ତର ରଖିଲେ ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ, ୧୨।୨/ଏଜେନ୍ସି:** ସାଂସଦ କୀର୍ତ୍ତି ଆଜାଦ୍ ଏବଂ ପ୍ରତାପ ଷଡ଼ଙ୍ଗୀଙ୍କ ଦ୍ୱାରା ସଂସଦରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଶ୍ରୀ ବୈଷ୍ଣବ ପ୍ରଥମେ କୀର୍ତ୍ତି ଆଜାଦ୍‌ଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ପଶ୍ଚିମବଙ୍ଗ ପାଇଁ ବର୍ତ୍ତମାନର ବଜେଟ୍ ଆବଣ୍ଟନ ୧୪,୨୦୫ କୋଟିକୁ ବୃଦ୍ଧି ପାଇଛି ଯେତେବେଳେ କି ୨୦୦୯-୨୦୧୪ (କଂଗ୍ରେସ ସରକାର ସମୟରେ)ରେ ଏହା ମାତ୍ର ୪,୩୦୦ କୋଟି ରହିଥିଲା। ସେହିପରି ଏସମ୍ପର୍କୀତ ଉତ୍ତରରେ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ଆବଶ୍ୟକ ୪,୬୬୨ ହେକ୍ଟର ଜମି ମଧ୍ୟରୁ କେବଳ ୫୭% ଜମି ଅଧିଗ୍ରହଣ କରାଯାଇଛି, କାରଣ ଶୂନ୍ୟ ଜମି ଅଧିଗ୍ରହଣ ସହିତ ନିର୍ଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକୁ ଉଲ୍ଲେଖ କରି ପ୍ରକଳ୍ପଗୁଡ଼ିକ ବିଳମ୍ବ ହେଉଛି। ଶ୍ରୀ ବୈଷ୍ଣବ ଏହି ଅବସରରେ ସାଂସଦ କୀର୍ତ୍ତି ଆଜାଦ୍‌ଙ୍କୁ ଏହି ରେଳ ପ୍ରକଳ୍ପଗୁଡ଼ିକୁ ସହଜ କରିବା ପାଇଁ ନିଜ ସ୍ତରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅନୁରୋଧ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ସେହିପରି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ବାଲେଶ୍ୱର ଷ୍ଟେସନ ପୁନଃବିକାଶ କାର୍ଯ୍ୟର ସ୍ଥିତି ଏବଂ ଅନ୍ୟ କେଉଁ ଷ୍ଟେସନ୍‌ଗୁଡ଼ିକୁ ଏହି ଯୋଜନା ଅଧୀନରେ ରଖାଯାଇଥିବା ସମ୍ପର୍କୀତ ପ୍ରଶ୍ନର ଉତ୍ତର ରଖି ଶ୍ରୀ ବୈଷ୍ଣବ କହିଛନ୍ତି, ସାଂସଦଙ୍କ ଅବଦାନ ଏବଂ ଜନସାଧାରଣଙ୍କୁ ସାମିଲ କରି ଏକ ପରାମର୍ଶଦାତା ଡିଜାଇନ୍ ପ୍ରକ୍ରିୟା ବ୍ୟବହାର କରି ବାଲେଶ୍ୱର ଷ୍ଟେସନ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ବିକଶିତ କରାଯାଉଛି, କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ବୋଲି ଉଲ୍ଲେଖ କରିଛନ୍ତି।

## ପତଞ୍ଜଳି ମହୁ ଉପରେ ଗବେଷଣା ଅନ୍ତର୍ଜାତୀୟ ଗବେଷଣା ପତ୍ରିକାରେ ପ୍ରକାଶିତ

**ପତଞ୍ଜଳିର ଲକ୍ଷ୍ୟ 'ଦେଶକୁ ଅପମିଶ୍ରଣ ବିଷରୁ ରକ୍ଷା କରିବା' - ଆଚାର୍ଯ୍ୟ ବାଲକୃଷ୍ଣ**

**ହରିଦ୍ୱାର, ୧୨।୨/ଏଜେନ୍ସି:** ପତଞ୍ଜଳି ଏହାର ପ୍ରତ୍ୟେକ ଉତ୍ପାଦରେ ଗୁଣବତ୍ତା, ପବିତ୍ରତା ଏବଂ ଗ୍ରାହକ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଥାଏ। ବିଶ୍ୱ ପ୍ରସିଦ୍ଧ ଏଲ୍‌ସେଭିୟର ପ୍ରକାଶନ ଦ୍ୱାରା ପ୍ରକାଶିତ ପ୍ରତିଷ୍ଠିତ ଗବେଷଣା ପତ୍ରିକା ଆପ୍ଲାଏଡ୍ ଫୁଡ୍ ରିସର୍ଚ୍ଚରେ ପତଞ୍ଜଳି ମହୁ ଉପରେ ବିସ୍ତୃତ ଗବେଷଣା ପ୍ରକାଶିତ ହେବା ପରେ ଏହି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ ବୈଜ୍ଞାନିକ ବୈଧତା ମିଳିଛି। ଏହି ଅବସରରେ, ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି ଯେ ପତଞ୍ଜଳି ଯାହା କୁହେ ତାହା କରେ ଏବଂ ଏହା ଏକ ଚିରନ୍ତନ ସତ୍ୟ। ପତଞ୍ଜଳିର ଲକ୍ଷ୍ୟ ହେଉଛି ଦେଶକୁ ଭେଜାଲ ବା ଅପମିଶ୍ରଣର ବିଷରୁ ରକ୍ଷା କରିବା, ଏବଂ ପତଞ୍ଜଳି ସର୍ବଦା ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଉତ୍ସର୍ଗୀକୃତ। ସେ କହିଛନ୍ତି ଯେ ଭାରତୀୟ ଖାଦ୍ୟ ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରରେ ଦୀର୍ଘ ସମୟ ଧରି ସନ୍ଦେହ ଦୃଷ୍ଟିରେ ଦେଖାଯାଉଛି, କିନ୍ତୁ ଏକ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ଏହି ଗବେଷଣା ପ୍ରମାଣିତ କରେ ଯେ ଭାରତରେ ମଧ୍ୟ ବିଶ୍ୱସ୍ତରୀୟ ଗବେଷଣା ସମ୍ଭବ। ଏହି ସଫଳତା କେବଳ ପତଞ୍ଜଳି ପାଇଁ ନୁହେଁ, ବରଂ ସମଗ୍ର ଭାରତୀୟ ଏଫ୍‌ଏମ୍‌ସିଜି ଶିଳ୍ପ ପାଇଁ ଗର୍ବର ବିଷୟ।

ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଅଧ୍ୟୟନରୁ ଏହା ମଧ୍ୟ ନିଶ୍ଚିତ ହୋଇଛି ଯେ ପତଞ୍ଜଳି ମହୁରେ କୌଣସି ବାହ୍ୟ ଚିନି, କୃତ୍ରିମ ସିରପ୍ କିମ୍ବା ଅନାବଶ୍ୟକ ରାସାୟନିକ ଅବଶିଷ୍ଟାଂଶ ମିଳିନାହିଁ। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ପତଞ୍ଜଳିର ଯୋଗାଣ ଶୃଙ୍ଖଳ, କଞ୍ଚାମାଲ ସୋର୍ସିଂ ଠାରୁ ଆରମ୍ଭ କରି ଶେଷ ପ୍ୟାକେଜିଂ ପର୍ଯ୍ୟନ୍ତ, କଠୋର ଗୁଣବତ୍ତା ନିୟନ୍ତ୍ରଣ ପ୍ରକ୍ରିୟା



ଦେଇ ଗତି କରେ। ଏହି ଗବେଷଣା ପ୍ରମାଣ କରେ ଯେ ପତଞ୍ଜଳି ମହୁ ଗୁଣବତ୍ତା, ଶୁଦ୍ଧତା ଏବଂ ବୈଜ୍ଞାନିକ ପ୍ରାମାଣିକତାର ବିଶ୍ୱ ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରେ।

ଏହି ଅବସରରେ, ପତଞ୍ଜଳିର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅନୁରାଗ ଭାର୍ଷ୍ଣେୟ ଗବେଷଣା ସମ୍ବନ୍ଧରେ ବ୍ୟାଖ୍ୟା କରି କହିଛନ୍ତି ଯେ ପତଞ୍ଜଳି ମହୁର ୨୫ଟି ବିଭିନ୍ନ ବ୍ୟାଚ୍‌କୁ ଏଚ୍‌ପିଏଲ୍‌ସି, ଏଚ୍‌ପିଟିଏଲ୍‌ସି ଏବଂ ୟୁଏଚ୍‌ପିଏଲ୍‌ସି ଭଳି ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରି ବ୍ୟାପକ ଭାବରେ ପରୀକ୍ଷଣ କରାଯାଇଥିଲା। ଅନ୍ୟପକ୍ଷେ ଗବେଷଣା ନିଷ୍କର୍ଷ ଅନୁଯାୟୀ, ସମସ୍ତ ବ୍ୟାଚ୍ ଏଫ୍‌ଏସ୍‌ଏସ୍‌ଆଇ ଦ୍ୱାରା ସ୍ଥିରିକୃତ ଖାଦ୍ୟ ସୁରକ୍ଷା ମାନଦଣ୍ଡକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରିଥିଲା, ଏବଂ ଗୁଣବତ୍ତାରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଥିଲା। ଡକ୍ଟର ଭାର୍ଷ୍ଣେୟ କହିଛନ୍ତି ଯେ ଗ୍ରାହକମାନଙ୍କୁ ନିରାପଦ ଏବଂ ଶୁଦ୍ଧ ଉତ୍ପାଦ ଯୋଗାଇବା ହେଉଛି ପତଞ୍ଜଳିର ସର୍ବୋଚ୍ଚ ଲକ୍ଷ୍ୟ, ଏବଂ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ, ପ୍ରତିଷ୍ଠାନ ବିଶ୍ୱ ପରୀକ୍ଷଣ ମାନଦଣ୍ଡ ଗ୍ରହଣ କରୁଛି। ପତଞ୍ଜଳି ଭବିଷ୍ୟତରେ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଗବେଷଣା ଜାରି ରଖିବ, ସାଧାରଣ ଜନତାଙ୍କ ପାଇଁ ବୈଜ୍ଞାନିକ ପ୍ରମାଣପତ୍ର ସହିତ ଉତ୍ପାଦଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra